


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୪୩ ● ୧୪ ମାର୍ଚ୍ଚ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-43 ● 14th March 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27


## ପିଏମ୍ କିଷାନର ୨୨ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

# ଓଡିଶାର ୩୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପାଇଲେ ୬୮୪ କୋଟି

## ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୩**
**ନ୍ୟୁଜ୍ ବ୍ୟୁରୋ**

ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି। 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ। ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।



ସୂଚନାଯୋଗ୍ୟ ଯେ, ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୨ତମ କିସ୍ତିରେ ଦେଶର ୯.୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି। ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ। ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି। ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ *(ପୃଷ୍ଠା ୭ରେ)*

## ୨୨୮୦.୨୮କୋଟିର ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବଜେଟ୍ ପାରିତ

# 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାକୁ ସୁଦୃଢ଼ କରିବ

**ଭୁବନେଶ୍ୱର, ୧୩।୩**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମଇ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ମୋଟ୍ ୨୨୮୦ କୋଟି ୨୮ ଲକ୍ଷ ୨୮ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଛନ୍ତି। ଦୀର୍ଘ ସମୟ ଧରି ଏହି ଖର୍ଚ୍ଚ ଦାବି ଉପରେ ଗୃହରେ ସରଗରମ ଆଲୋଚନା ପରେ ମନ୍ତ୍ରୀ ଉତ୍ତର ଦେଇଥିଲେ ଏବଂ ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟରେ ପାରିତ ହୋଇଥିଲା । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଜରିଆରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶକୁ ଆକର୍ଷିତ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ବିଭାଗର ଭୂମିକା ନେଇ ସୂଚନା ଦେବା ସହ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା, ଶିଳ୍ପ



ଭିତ୍ତିଭୂମି ନିର୍ମାଣ ଏବଂ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ପ୍ରକଳ୍ପ ସହାୟତା ଏବଂ ପ୍ରଗତିଶୀଳ ନୀତିଗତ ଢାଞ୍ଚାର କାର୍ଯ୍ୟକାରିତା ମାଧ୍ୟମରେ ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢି ତୋଳିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି ଏବଂ ଏ ଦିଗରେ ସମସ୍ତ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି।

ସେ କହିଥିଲେ ଗତ ବର୍ଷକ ମଧ୍ୟରେ ଓଡିଶା ସରକାର ରାଜ୍ୟକୁ ପୁଞ୍ଜିନିବେଶ ଆକର୍ଷଣ କରିବା ଦିଗରେ ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା-ଟେକ୍ସ ୨୦୨୫, ଓଡ଼ିଶା ଫାର୍ମା ସମ୍ମିଳନୀ ଏବଂ ରାଉରକେଲାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ପୁଞ୍ଜିନିବେଶ ଆକର୍ଷଣ ଉଦ୍ୟମକୁ ବହୁଗୁଣିତ କରିଛନ୍ତି।

୨୦୨୫ ମସିହା ମଧ୍ୟରେ ଓଡ଼ିଶା ସରକାର ୧.୭୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି, ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ମନ୍ତ୍ରୀ କହିଥିଲେ 'ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି, ଯାହା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି କରିଛି। ଜୁନ୍ ୨୦୨୪ ପରଠାରୁ, ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଏବଂ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ୮.୧୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ସହିତ ୩୯୨ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି, ଯାହା ମାଧ୍ୟମରେ ୫ଲକ୍ଷରୁ *(ପୃଷ୍ଠା ୭ରେ)*

# ଜୟଶଙ୍କରଙ୍କ ସହିତ କଥାହେଲେ ଇରାନ ବୈଦେଶିକ ମନ୍ତ୍ରୀ

**ନୂଆଦିଲ୍ଲୀ, ୧୩।୩**

ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଅରାଘଚି ତାଙ୍କ ଭାରତ ପ୍ରତିପକ୍ଷ ସୁବ୍ରମଣ୍ୟମ ଜୟଶଙ୍କରଙ୍କ ସହିତ ଟେଲିଫୋନ ମାଧ୍ୟମରେ କଥା ହୋଇଛନ୍ତି। ଅରାଘଚି ପଶ୍ଚିମ ଏସିଆ ସଙ୍କଟ ଦୂର ଏବଂ ବ୍ୟାପକ ଭୂରାଜନୈତିକ ବିକାଶ ଉପରେ ଆଲୋଚନା କରିବା, ବିଶ୍ୱ ସ୍ଥିରତାକୁ ସମର୍ଥନ କରିବା ପାଇଁ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ଇରାନର ଏକ ବିବୃତ୍ତି ଅନୁଯାୟୀ, ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଦେଖାଦେଇଥିବା ଆଞ୍ଚଳିକ ତଥା ବୈଶ୍ୱିକ ଅସ୍ଥିରତା ସମ୍ପର୍କରେ ଦୁଇ ନେତା କଥା ହୋଇଛନ୍ତି।

ଇରାନ ତା'ର ସାର୍ବଭୌମତ୍ୱ ପାଇଁ ଲଢ଼ିବାର ଅଧିକାର ଅଛି ବୋଲି ଅରାଘଚି କହିଛନ୍ତି। ଇରାନ ଉପରେ ଫେବୃଆରୀ ୨୮ ଆକ୍ରମଣ ପରେ ଚତୁର୍ଥ ଥର ପାଇଁ ଅରାଘଚି ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ



ସହିତ କଥା ହୋଇଛନ୍ତି। ଇରାନ ଆମେରିକା-ଇସ୍ରାଏଲ ଆକ୍ରମଣକୁ ସାମରିକ ଆକ୍ରମଣ ବୋଲି ଅଭିହିତ କରି ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସଂଗଠନଗୁଡ଼ିକୁ ଏହାକୁ ନିନ୍ଦା କରିବାକୁ ସେ ଆହ୍ୱାନ କରିଥିଲେ ଏବଂ ବିଶ୍ୱ ସ୍ଥିରତାକୁ ସମର୍ଥନ କରିବାରେ ବ୍ରିକ୍ସର ଗୁରୁତ୍ୱ ଉପରେ ଅରାଘଚି ଆଲୋକପାତ କରିଥିଲେ।

ଜୟଶଙ୍କର ତାଙ୍କ ପକ୍ଷରୁ କହିଛନ୍ତି ଯେ, ଭାରତ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗକୁ ବିସ୍ତାର କରିବାକୁ ପ୍ରସ୍ତୁତ ଏବଂ ଏହି କ୍ଷେତ୍ରରେ ସ୍ଥାୟୀ ସ୍ଥିରତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ତେହେରାନ ପକ୍ଷରୁ କୁହାଯାଇଛି। ଗୁରୁବାର ରାତିରେ ଦୁଇ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଏହି କଥାକୁ ଜୟଶଙ୍କର ମଧ୍ୟ ସ୍ୱୀକାର କରିଛନ୍ତି। ଏହାପୂର୍ବରୁ ମାର୍ଚ୍ଚ ୧୦ ତାରିଖରେ ଦୁଇ ନେତା କଥାବାର୍ତ୍ତା ହୋଇଥିଲେ।

## ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିର ହ୍ୱିପ୍ ଜାରି

**ଭୁବନେଶ୍ୱର, ୧୩।୩ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ହ୍ୱିପ୍ ଜାରି କରିଛି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏହି ହ୍ୱିପ୍ ଜାରି କରିଛନ୍ତି। ଆସନ୍ତା ୧୬ରେ ବିଧାନସଭାରେ ହେବାକୁ ଥିବା ରାଜ୍ୟସଭା ଭୋଟିଂରେ ଉପସ୍ଥିତ ରହିବା ପାଇଁ ସମସ୍ତ ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଅପରେସନ୍ ସିନ୍ଦୂର ପାକିସ୍ତାନକୁ ଏପରି ଶିକ୍ଷା ଦେଇଛି ଯେ ସେ ଭାରତ ଉପରେ ଆକ୍ରମଣ କରିବା କଥା ଚିନ୍ତା ମଧ କରିପାରିବ ନାହିଁ

**ଲକ୍ଷ୍ନୌ, ୧୩।୩**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଅପରେସନ୍ ସିନ୍ଦୂରରେ ପାକିସ୍ତାନକୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସହିତ ଏପରି ଜବାବ ଦିଆଯାଇଥିଲା ଯେ ସେ କେବେ ବି ପୁନରୁଦ୍ଧାର କରିପାରିବ ନାହିଁ। ଭାରତୀୟ ସେନା ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ସର୍ବଦା ସଜାଗ ଏବଂ ପ୍ରସ୍ତୁତ।



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଲକ୍ଷ୍ନୌରେ ଗ୍ରୀନ୍ କରିଡରର ଦ୍ୱିତୀୟ ପର୍ଯ୍ୟାୟର ଉଦଘାଟନ ଏବଂ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଉଦବୋଧନ ଦେଉଥିଲେ। ଗୋମତୀ ନଦୀ କୂଳରେ ଝୁଲେଲାଲ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ନୌ ସାଂସଦ ଏବଂ ପ୍ରତିରକ୍ଷା ମନ୍ତ୍ରୀ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଏଲ୍‌ପିଜି ଅଭାବକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଲା, କେତେକ ସ୍ଥାନରେ ଲୋକେ ଜାଳେଣି କାଠ ବ୍ୟବହାର କଲେଣି।
- ଲାଞ୍ଚ ନେଉଥିବା ବେଳେ ଏକ ପୋଲିସ୍ ଅଧିକାରୀକୁ ଭିଜିଲାନ୍ସ ଧରିଲା।
- ରାଜ୍ୟସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନଙ୍କ ଭିତରେ ଚଞ୍ଚଳତା ବଢ଼ିଲା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୨୨୨ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୭୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୧୬୭ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ୍ ୨୯୦ (+୦)

# ୧୫ରୁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୩**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୫ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ । ଆସନ୍ତା ୧୫ରୁ ୧୯ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଥିବା ବେଳେ ଅଳ୍ପ କିଛି ସ୍ଥାନରେ କୁଆପଥର ବୃଷ୍ଟିର ସମ୍ଭାବନା ରହିଛି। ଏହି ସମୟରେ ଝଟକା ପବନର ବେଗ ୪୦ରୁ ୫୦ କିମି ପ୍ରତି ଘଣ୍ଟା ରହିପାରେ ବୋଲି ପୂର୍ବାନୁମାନ କରାଯାଇଛି। ଉପର ବାୟୁମଣ୍ଡଳରେ ବାୟୁ ପ୍ରବାହରେ ଅସଙ୍ଗତି ଏବଂ ଟ୍ରଫଲାଇନ ଅର୍ଥାତ୍ ନିମ୍ନଚାପ ରେଖା ପ୍ରଭାବରେ ଏହି ବର୍ଷା ହେବା ସମ୍ଭାବନା ଦେଖାଦେଇଛି।

ମାର୍ଚ୍ଚ ମାସ ଅଧା ନ ହେଉଣୁ ଓଡ଼ିଶାରେ କଲବଲ କରୁଛି ଖରା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗୁରୁବାର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ପଶ୍ଚିମ ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ା ଏବେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଚଳିତ ସିଜନରେ ପ୍ରଥମ ଥର ପାଇଁ ରାଜ୍ୟର ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୦.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରହିଛି। *(ପୃଷ୍ଠା ୭ରେ)*

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ଥଗିତ

**ନୂଆଦିଲ୍ଲୀ, ୧୩।୩**

ଆମେରିକା ସହ ବାଣିଜ୍ୟ ରାଜିନାମା ନେଇ ଗତ ମାସରେ ସହମତି ହୋଇଥିଲା। ମାତ୍ର ଭାରତ ବିରୋଧରେ ଆମେରିକା ଅନୁଚିତ କାରବାର ଅଭିଯୋଗରେ ତଦନ୍ତ ନିର୍ଦ୍ଦେଶ ଦେବା ଓ ଅଧିକ ଶୁଳ୍କ ଲଗାଇବା ଧମକ ଦେବା ପରେ ଉକ୍ତ ରାଜିନାମାକୁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ସମୟରେ ବାଣିଜ୍ୟ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବ ନାହିଁ। ଚଳିତ ବର୍ଷ ଫେବୃଆରୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଭାରତ ରଣନୀତି ବଦଳାଇ କୋହଳ ମନୋଭାବ ପୋଷଣ କରିଥିଲେ।

ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ। ରୁଷ ତେଲ କିଣୁଥିବାରୁ ଭାରତ ଉପରେ ଲଗାଯାଇଥିବା ୨୫ ପ୍ରତିଶତ ଜରିମାନା ଶୁଳ୍କକୁ ମଧ



ପ୍ରତ୍ୟାହାର କରିଥିଲେ। ତେଣୁ ଚଳିତ ମାସରେ ଆମେରିକା ସହ ଏକ ଅନ୍ତରୀଣ ଚୁକ୍ତି ଓ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଆଶା ରଖିଥିଲା। କିନ୍ତୁ ଭାରତ ବିରୋଧରେ ଆମେରିକା ତଦନ୍ତ ଆରମ୍ଭ କରିବା ପରେ ସରକାର ଚୁକ୍ତିକୁ ନେଇ ନିଜ ମନ ବଦଳାଇଛନ୍ତି। ରାଜିନାମା ସ୍ୱାକ୍ଷରକୁ କିଛି ମାସ ଟାଳିଦେଇଛନ୍ତି।

ଗତ ମାସରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଲୋଚନା ଦିଗହରା ହୋଇଥିଲା। ସେହି ଘଟଣା ପରଠାରୁ ଦୁଇ ଦେଶ ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇନାହିଁ। ଅବଶ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଦୃଷ୍ଟିରୁ ରୁଷରୁ ତେଲ କିଣିବା ଲାଗି ଆମେରିକା ଭାରତକୁ ୩୦ ଦିନର ଆଶ୍ୱସ୍ତି ପ୍ରଦାନ *(ପୃଷ୍ଠା ୭ରେ)*

## ମଝି ଆକାଶରେ ଦୁଇଟି ଇନ୍ଧନ ବିମାନ ଧକ୍କା: ୪ଜଣ ସଦସ୍ୟ ମୃତ

**ୱାଶିଂଟନ, ୧୩।୩**

ଇରାନ ବିରୁଦ୍ଧରେ ଜାରି ରହିଥିବା ସାମରିକ ଅଭିଯାନ ମଧ୍ୟରେ ଆମେରିକା ଓ ଇସ୍ରାଏଲ ବଡ଼ ଧରଣର ସାମରିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ଆମେରିକା ବାୟୁସେନାର ଏକ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ଯୋଗାଣ ବିମାନ କେସି-୧୩୫ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣାରେ ବିମାନରେ ଥିବା ୬ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ଅନୁଯାୟୀ, ଏହି ଯୁଦ୍ଧରେ ଆନୁଷ୍ଠାନିକ ଭାବେ ଆମେରିକା ଏପର୍ଯ୍ୟନ୍ତ ୪ଟି ବିମାନ ହରାଇସାରିଲାଣି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ଦୁଇଟି ବିମାନ ସାମିଲ ଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦେଖାଯାଉଛି *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଚିନ୍ତା ଗୁଡାକ ବଢଇ ଜୀବନେ
ତା ସହ ବଢଇ ଖରା
ହନ୍ତସନ୍ତ ଲୋକେ ହେଲେଣି ଏବେଠୁ
ଚାଳିଶି ଟପିଲା ପାରା
ଜୀବଗୁଡା ଅଧମରା
ଏସି କୋଲଡ୍ରିଙ୍କ୍ସ ଧନୀକି ସାହାରା
ଗରିବ ଯେ ଲୁହ ଝରା।

# ୫୭% ପରିବାରରେ ପହଞ୍ଚିନି ଏଲ୍‌ପିଜି: ସର୍ଭେ ରିପୋର୍ଟ



**ନୂଆଦିଲ୍ଲୀ, ୧୩।୩**

ଦେଶର ଏଲପିଜି ସଙ୍କଟ ସାଧାରଣ ଖାଉଟିଙ୍କୁ ପ୍ରଭାବିତ କରିନଥିବା ସରକାର ଦାବି କରୁଥିଲେ ମଧ୍ୟ ଏକ ସର୍ବେକ୍ଷଣ ରିପୋର୍ଟ କିନ୍ତୁ ଭିନ୍ନ ଚିତ୍ର ଉପସ୍ଥାପନ କରୁଛି। ଲୋକାଲ୍ ସର୍କଲ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଭାଗ ନେଇଥିବା ୫୭ ପ୍ରତିଶତ ପରିବାର ନିକଟରେ ଏଲପିଜି ପହଞ୍ଚିବାରେ ବିଳମ୍ବ ହୋଇଥିବା ଓ ଗ୍ୟାସର ବ୍ୟାପକ କଳାବଜାର ହେଉଥିବା କହିଛନ୍ତି। ଗତ ସପ୍ତାହରେ ଦେଶର ଅଧା ପରିବାର ଏଲପିଜି ପାଇବାରେ ଅସୁବିଧା ଭୋଗିଛନ୍ତି।

ଏହି ସର୍ଭେରେ ଦେଶର ୩୦୯ଟି ଜିଲ୍ଲାର ୫୭ ହଜାର ପରିବାରକୁ ସାମିଲ କରାଯାଇଥିଲା। ସେଥିରୁ ୫୭ ପ୍ରତିଶତ ପରିବାରରେ ଏଲପିଜି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ୪୩ ପ୍ରତିଶତ ପରିବାର କିନ୍ତୁ କହିଥିଲେ ଯେ ଗ୍ୟାସ୍ ବୁକିଂ ଓ ଡେଲିଭରି ସ୍ୱାଭାବିକ ରହିଛି। ୨୯ ପ୍ରତିଶତ ପରିବାର କହିଥିଲେ ଯେ ସିଲିଣ୍ଡର ନଥିବା ଗ୍ୟାସ୍ ଡିଲର କହିବାକୁ ସେମାନେ ଆଉ ବୁକିଂ କରିନାହାନ୍ତି। ୭ ପ୍ରତିଶତ ପରିବାର କହିଛନ୍ତି ଯେ ଗ୍ୟାସ୍ ପାଇବାକୁ ସେମାନଙ୍କୁ ସ୍ୱାଭାବିକ ଦିନଠାରୁ ଅଧିକ ଅପେକ୍ଷା କରିବାକୁ ପଡ଼ିଛି। ୧୪ ପ୍ରତିଶତ ପରିବାର କହିଛନ୍ତି ଯେ *(ପୃଷ୍ଠା ୭ରେ)*




ସୌଜନ୍ୟ : ସୋସିଆଲ ମିଡିଆ





# ବିନା ସୂଚନା ଫଳକରେ ଚାଲିଛି ସାର୍ବଜନୀନ ଶୌଚାଳୟ ନିର୍ମାଣ କାର୍ଯ୍ୟ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ବସ୍‌ଷ୍ଟାଣ୍ଡରେ ଗତ ଦୁଇଦିନ ହେବ କିଛି ଏକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନିର୍ମାଣ ନେଇ କୌଣସି ଫଳକ ମରାଯାଇ ନଥିବା ବେଳେ କିଛି ଗଣମାଧ୍ୟମ ପ୍ରତିନିଧି ଏହାର ଅନୁସନ୍ଧାନ କରିଥିଲେ। ଶେଷରେ ଏହା ଏକ ସାର୍ବଜନୀନ ଶୌଚାଳୟ ତିଆରି କରାଯାଉଥିବା ଜଣାପଡ଼ିଥିଲା। ହେଲେ ସର୍ବସାଧାରଣଙ୍କୁ ଲୁଚାଇ ଏଭଳି ନିର୍ମାଣ କାର୍ଯ୍ୟ କାହିଁକି କିଏ କରାଉଛି ସେନେଇ ସାଧାରଣ ଲୋକଙ୍କ ସହ ଗଣମାଧ୍ୟମର ମଧ୍ୟ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିଲା। ସୂଚନାନୁଯାୟୀ, ବଡ଼ମାଳ ବସ୍‌ଷ୍ଟାଣ୍ଡ ପଛପଟେ ଏକ ସାର୍ବଜନୀନ ଶୌଚାଳୟ ଅତି ସନ୍ତର୍ପଣରେ ବିନା ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ହେଉଛି। ଗୋଟିଏ ପଟେ ସରକାର ନିର୍ଦ୍ଦେଶ ଦେଇଛନ୍ତି ପ୍ରତ୍ୟେକ ସରକାରୀ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେଠାରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। ମାତ୍ର ଏଠାରେ କେତେ ଟଙ୍କା ବ୍ୟୟ ଅଟକଳରେ କେଉଁ ବିଭାଗ ପକ୍ଷରୁ, କେଉଁ ଠିକାଦାର କରୁଛନ୍ତି ତାହାକୁ ସମ୍ପୂର୍ଣ୍ଣ ଲୁକ୍କାୟିତ ରଖାଯିବାର କାରଣ କିଛି ଭିନ୍ନ ଦିଗକୁ ଇଙ୍ଗିତ କରାଉଛି। ଯାହା ଫଳରେ ନିମ୍ନମାନର କାର୍ଯ୍ୟ କରି ମୋଟା ଅଙ୍କର ଅର୍ଥ ହରିଲୁଟ୍ କରାଯିବାର ଏହା ଏକ ଅଭିସନ୍ଧି ବୋଲି ସାଧାରଣରେ ଅଭିଯୋଗ ହେବା ସହ ବେଶ୍ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଘଟଣାର ସତ୍ୟତା କ'ଣ ସେ ନେଇ କିଛି ଗଣମାଧ୍ୟମ ପ୍ରତିନିଧି ବଡ଼ମାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସିଉଳି ତିର୍କୀଙ୍କ ସହ ଯୋଗାଯୋଗ କରିବା ପାଇଁ ଫୋନ୍ କରିଥିଲେ। ମାତ୍ର ମୋବାଇଲ କଲର ଆଇଡିରେ ସାମ୍ବାଦିକଙ୍କ ଫୋନ୍ ନମ୍ବର ଜାଣି ସେ ଫୋନ୍ ଉଠାଇ ନଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏଭଳି ଆଚରଣ ଦେଖି ସେ କେଉଁ ତଥ୍ୟ ଲୁଚାଇବାକୁ ଗଣମାଧ୍ୟମ ଠାରୁ ଦୂରତା ରଖୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରାଇଛି। ବସ୍‌ଷ୍ଟାଣ୍ଡ ନିକଟରେ ଶୌଚାଳୟ ନଥିବାରୁ ବିଭିନ୍ନ ସମୟରେ ମହିଳା ଯାତ୍ରୀମାନେ ଅକଥନୀୟ ହିନସ୍ତା ହୋଇଥାଆନ୍ତି। ସାର୍ବଜନୀନ ଶୌଚାଳୟ ନିର୍ମାଣ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ ବିନା ନାମ-ଫଳକରେ ନିର୍ମାଣ ଓ ଗଣମାଧ୍ୟମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଲୁଚକାଳି ଖେଳ ଏହି କାର୍ଯ୍ୟର ବୈଧତାକୁ ବାଧବାଧକରେ ତଦନ୍ତ ପରିସରକୁ ଟାଣିବାକୁ ବାଧ୍ୟ ହୋଇଛି।

# ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଏବଂ ରାସ୍ତା ରେ ସୁରକ୍ଷା ପ୍ରଦାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଝାରସୁଗୁଡ଼ା ପୌରଧକ୍ଷା ଦାବିପତ୍ର ପ୍ରଦାନ କରିଛନ୍ତି। ପୌରଧକ୍ଷା ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବଡ଼ମାଲରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେ'ରେ ଜେଏସଡବ୍ଲ୍ୟୁ କମ୍ପାନୀ ଦ୍ୱାରା ଲଗାଯାଇଥିବା ଲାଇଟ ଯୋଗୁଁ ଭଲ ଆଲୋକିତ ହେଉଛି । କିନ୍ତୁ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଥିବା ରାସ୍ତାରେ ଆଲୋକର ବ୍ୟବସ୍ଥା ନ ଥିବାରୁ ରାତିରେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହିଯାଉଛି। ଏହା ସହିତ ଆଲୋକୀକରଣର ଅଭାବ ଯୋଗୁଁ ଦୃଶ୍ୟମାନତା କମ୍ ଥିବାରୁ ବାରମ୍ବାର ସଡ଼କ ଦୁର୍ଘଟଣା ହେଉଥିବା ବେଳେ ଛୋଟ ଛୋଟ ଅପରାଧ ରୋକିବା ପାଇଁ ପୋଲିସ ପାଟ୍ରୋଲିଂରେ ଅସୁବିଧା ଏବଂ ଅସାମାଜିକ ସମାବେଶ ଭଳି ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି। ଏହା ବ୍ୟତୀତ ଏହି ରାସ୍ତାରେ ରାତିରେ ଯାଉଥିବା ପଥଚାରୀ ଏବଂ ମହିଳାମାନଙ୍କ ପାଇଁ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ଅସୁରକ୍ଷିତ ରହୁଛି । ତେଣୁ ଜନସାଧାରଣଙ୍କ ବୃହତର ସ୍ୱାର୍ଥ ପାଇଁ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଡିଏମଏଫ କିମ୍ବା ସ୍ଥାନୀୟ ଶିଳ୍ପଗୁଡ଼ିକଠାରୁ ପାଣ୍ଠି ମଞ୍ଜୁର କରି ଏହି ପ୍ରସନ୍ନ ପଣ୍ଡା ଛକ ଠାରୁ ତାଳପଟିଆ ପର୍ଯ୍ୟନ୍ତ ରାସ୍ତାରେ ତୁରନ୍ତ ଆଲୋକୀକରଣ କରିବା ପାଇଁ ଝାରସୁଗୁଡ଼ା ପୌରଧକ୍ଷା ରାନୀ ହାତୀ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ନବନିତ କୋର, ଗୀତାଞ୍ଜଳି ପଣ୍ଡା, ପଓ୍ୱନ୍ ଶର୍ମା, ସୁକୁନ ଲାକ୍ରା, ବବିତା ରଣବିଣ୍ଡା ପ୍ରଭୃତି କାଉନସିଲର ଗଣ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳା ପ୍ରତିଯୋଗିତା : ଆଦର୍ଶ ବିଦ୍ୟାଳୟର ୨ ଛାତ୍ରଙ୍କ କୃତିତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ପଞ୍ଚାୟତ ସମିତି ସଭାଗୃହ ଠାରେ ଚାଲୁଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ସମୟରେ ଗତ ତା ୨୪.୧୨.୨୦୨୫ ରୁ ୨୬.୧୨.୨୦୨୫ ତାରିଖ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବର ବିଜ୍ଞାନ ମେଳା ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ପିପିଲିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଦୁଇଜଣ ଛାତ୍ର ଅସ୍ମିତ ନନ୍ଦ ଓ ବିଶ୍ୱ ପ୍ରକାଶ ରଥ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଥିବାରୁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଉଭୟଙ୍କୁ ଟ.୧୫,୦୦୦.୦୦ ହଜାର ଟଙ୍କା ଯୁଗ୍ମ ଅଭିଯୋଗ ଶୁଣାଣୀ ଅବସରରେ ଚେକ୍ ଆକାରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝିଙ୍କ ଦ୍ୱାରା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଦୁଇ ଯୁବ ପ୍ରତିଭାବାନ ଛାତ୍ର ଚାଷୀମାନଙ୍କ ପାଇଁ ଏକ ୱେବସାଇଟ୍ Leafence. Lovable.app ପ୍ରସ୍ତୁତ କରିଛନ୍ତି, ଏହି ୱେବ ସାଇଟ୍ ମାଧ୍ୟମରେ ଚାଷୀମାନେ ଗୋଟିଏ ଗଛକୁ ସ୍କାନ ଫଟୋ ଅପଲୋଡ୍ କରି ସେହି ଗଛର ରୋଗ ନିରୂପଣ କରାଯାଇପାରିବ। ଏତଦ୍ ବ୍ୟତୀତ କୃଷି ସମ୍ବନ୍ଧୀୟ ଅନେକ ସୂଚନା ପାଇପାରିବେ। ଏହି କୃତିତ୍ୱ ପାଇଁ ଉଭୟ ଛାତ୍ରଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

## ଧାମନଗର-ଫଳପୁର ରାସ୍ତାରେ ମରଣଯନ୍ତା

# ମରାମତି ନାମରେ କୋଟି କୋଟିର ହରିଲୁଟ୍ ଅଭିଯୋଗ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ସରକାର ବଦଳୁଛି, ମନ୍ତ୍ରୀ ବଦଳୁଛନ୍ତି, କିନ୍ତୁ ବଦଳୁନି ଧାମନଗର-ଫଳପୁର ରାସ୍ତାର ଭାଗ୍ୟ। ଦୀର୍ଘ ୨୦ ବର୍ଷ ଧରି ପ୍ରତାରଣାର ଶିକାର ହେଉଛନ୍ତି ପାଖାପାଖି ୧୦ଟି ପଞ୍ଚାୟତର ଜନସାଧାରଣ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାଟି ଏବେ କେବଳ ଗେଟି ଆଉ ଗୋଡ଼ିର ସମାହାର ପାଲଟିଛି। ଯେଉଁଠି ଦୈନିକ ଦୁର୍ଘଟଣା ଏବେ ଏକ ନିତିଦିନିଆ ଘଟଣା ହୋଇଛି। ୨୦୦୪ ମସିହାରେ ତତ୍କାଳୀନ ମନ୍ତ୍ରୀ ମନ୍‌ମୋହନ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ପାଇଁ ଅନୁଦାନ ଆସିଥିଲା। ଲୋକେ ଆଶା କରିଥିଲେ ଯେ ସେମାନଙ୍କ ଗମନାଗମନ ସହଜ ହେବ। ମାତ୍ର ବିଡ଼ମ୍ବନାର ବିଷୟ, ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏହି ରାସ୍ତା କାମ ଶେଷ ହେବା ପରିବର୍ତ୍ତେ ବର୍ଷକୁ ବର୍ଷ ଖରାପ ହେବାରେ ଲାଗିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମରାମତି ନାମରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ଚଳୁ କରାଯାଉଛି, କିନ୍ତୁ ରାସ୍ତାର ଅବସ୍ଥା ସୁଧୁରୁ ନାହିଁ। ଗତ ବର୍ଷ ଧାମନଗର ବିଧାୟକ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ ପାଇଁ ୩୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ଚର୍ଚ୍ଚା ଜୋର ଧରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ବି ଧାମନଗର-ଫଳପୁର ରାସ୍ତାରେ ବିକାଶର କୌଣସି ଚିହ୍ନବର୍ଣ୍ଣ ନାହିଁ। ତେବେ ପ୍ରଶ୍ନ ଉଠୁଛି, ଯଦି ଅର୍ଥ ମଞ୍ଜୁର ହୋଇଛି, ତେବେ କାମ ଆରମ୍ଭ ନହେବାର ରହସ୍ୟ କ'ଣ ! ରାସ୍ତା ମଝିରେ ମାସେ ହେଲା ସୃଷ୍ଟି ହୋଇଥିବା ବିଭିନ୍ନ ସ୍ଥାନରେ ଖାଲ ସହ ଗାତଗୁଡ଼ିକ ଏବେ ମୃତ୍ୟୁର ସଙ୍କେତ ଦେଉଛନ୍ତି। ଏହି ରାସ୍ତା ଉପରେ ଦଶଟି ପଞ୍ଚାୟତର ହଜାର ହଜାର ଚାଷୀ, ଛାତ୍ରଛାତ୍ରୀ ଏବଂ ରୋଗୀ ନିର୍ଭର କରନ୍ତି। ଏହି ପଥ ଦେଇ ପ୍ରତିଦିନ ଅନ୍ୟ ଜିଲ୍ଲାକୁ ଭାରୀ ଯାନ ଓ ଯାତ୍ରୀବାହୀ ବସ୍ ଚଳାଚଳ କରେ। ରାସ୍ତାର ଅବସ୍ଥା ଯୋଗୁଁ ବସ୍ ମାଲିକମାନେ ମଧ୍ୟ ଗାଡ଼ି ଚଳାଇବାକୁ ଭୟ କରୁଛନ୍ତି। ଗତ ଏକ ମାସ ମଧ୍ୟରେ ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟି ସାରିଥିଲେ ମଧ୍ୟ ପ୍ରଶାସନ ଏବେ ବି କୁମ୍ଭକର୍ଣ୍ଣ ନିଦ୍ରାରେ। ରାସ୍ତା ପାଇଁ ମଞ୍ଜୁର ହୋଇଥିବା ୩୨ କୋଟି ଟଙ୍କାର କାର୍ଯ୍ୟାଦେଶ କେବେ କାର୍ଯ୍ୟକାରୀ ହେବ, ସେ ନେଇ ସ୍ପଷ୍ଟୀକରଣ ଦାବି କରିଛନ୍ତି ଅଞ୍ଚଳବାସୀ। ଯଦି ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡଃ ନିତ୍ୟାନନ୍ଦ ମିଶ୍ରଙ୍କୁ ଉତ୍କଳମଣି ଶିକ୍ଷାରତ୍ନ-୨୦୨୬ରେ ସମ୍ମାନିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସାହିତ୍ୟ ସଂସ୍କୃତି ଆଧ୍ୟାତ୍ମିକତା ଓ ସେବା ପାଇଁ କଟକ ସ୍ଥିତ ସାରଳା ଭବନ ଠାରେ କୈବଲ୍ୟ ସାହିତ୍ୟ ସଂସଦ, କଟକ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ଡ଼ଃ ମିଶ୍ରଙ୍କୁ ସାମଗ୍ରିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଗୋପବନ୍ଧୁ ଶିକ୍ଷାରତ୍ନ ସମ୍ମାନ-୨୦୨୬' ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ ଓ କୁଳପତିଙ୍କ ଗହଣରେ ସମ୍ମାନିତ କରିଅଛନ୍ତି। ଉକ୍ତ ଉତ୍ସବରେ 'ଜାତୀୟ ଶିକ୍ଷା ନୀତି-୨୦୨୦' ଶୀର୍ଷକ ଆଲୋଚନା ଚକ୍ର ସମଗ୍ର ରାଜ୍ୟରୁ ଆସିଥିବା ଶିକ୍ଷାବିତ, ଅଧ୍ୟାପକ, ପ୍ରଫେସର ଓ କୁଳପତି-ମାନେ ଯୋଗ ଦେଇ ନିଜର ଗବେଷଣାତ୍ମକ ବକ୍ତବ୍ୟ ରଖିଥିଲେ।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ରୂପାଲି ସାହୁଙ୍କ କୃତିତ୍ୱ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅଧିନସ୍ଥ ସନ୍ତୋଷ ପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀ ରୁପାଲୀ ସାହୁ ବୃତ୍ତି ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ପିତା ବିଦ୍ୟାଧର ସାହୁ, ପ୍ରମିଳା ସାହୁଙ୍କ ଝିଅ ସାନ ଗୋପାଳ ପୁର ବାସିନ୍ଦା ଅଟନ୍ତି। ସେ ୨୦୦୩ ରୁ ୨୦୨୫ ଯାଏଁ କ୍ରମାଗତ ସରକାରୀ ବୃତ୍ତିରେ ସଫଳତା ପାଉ ଥିବାରୁ ଅଭିବାବକ, ଶୁଭେଚ୍ଛୁ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି।

# ବୋରିଗୁମ୍ମାରେ ବିଶାଳ ହିନ୍ଦୁ ସମ୍ମିଳନୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ ବୋରିଗୁମ୍ମା ସଦର ମହକୁମା ଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୋରିଗୁମ୍ମା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟ ପୋଖରୀରୁ ଶହ ଶହ ହିନ୍ଦୁ ମହିଳା ମାନେ ଜଳ ସଂଗ୍ରହ କରି କଳସ ଯାତ୍ରା କରିଥିଲେ। ଶହ ଶହ ହିନ୍ଦୁ ଭାଇ ଓ ଭଉଣୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ଭଜନ ଓ କୀର୍ତ୍ତନ ସହ ସହର ପରିକ୍ରମା କରି ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲେ। ସେଠାରେ ବୈଦିକ ରୀତି ନୀତିରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ୍ଦ୍ର ପଣ୍ଡା ଯୋଗ ଦେଇ ନିଜ ଅଭିଭାଷଣରେ ହିନ୍ଦୁ ଏକତା, ପରମ୍ପରା, ସଂସ୍କୃତି ବିଷୟରେ ବାସ୍ତବ ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ବ୍ୟବସାୟ ପ୍ରବନ୍ଧନ ଅଧ୍ୟାପକ ସୀତାନାଥ ରାୟଗୁରୁଙ୍କ ଚୁମ୍ବକୀୟ ଅଭିଭାଷଣରେ ଏକତାର ସୂତ୍ର, ପରିବେଶ ରକ୍ଷା, ସ୍ୱଦେଶୀ ବ୍ୟବହାର, ସ୍ୱଚ୍ଛ ପରିବେଶ ବାର୍ତ୍ତା ରହିଥିଲା। ହିନ୍ଦୁ ସମାଜ ତରଫରୁ ଆୟୋଜିତ କାର୍ଯ୍ୟକ୍ରମର ସଭାପତି ତ୍ରିପତି ପଟ୍ଟନାୟକ ଏବଂ ବୋରିଗୁମ୍ମା ଖଣ୍ଡ କାର୍ଯ୍ୟାଳୟ କବିବର ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମାନସ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗାଁ ଗହଳିରେ ଥିବା ମନ୍ଦିର ପୂଜାରୀ, ହୁଣ୍ଡି ପୂଜା କରୁଥିବା ସେବକ, ଗ୍ରାମ-ଦେବୀଙ୍କୁ ପୂଜା କରୁଥିବା ପୂଜାରୀ ବ୍ୟକ୍ତିମାନଙ୍କୁ ସମ୍ମାନିତ କରଯାଇଥିଲା। ପଞ୍ଚାୟତ ସ୍ତରୀୟ ହିନ୍ଦୁ ସମ୍ମିଳନୀରେ ପ୍ରାୟ ତିନିହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ତ୍ରିପତି ପଟ୍ଟନାୟକ, ଦାସ ଭତ୍ରା, କାଳିଦାସ ପଟ୍ଟନାୟକ, ସୌରଭ ଦୋରା, ଗୋପୀ ପଟ୍ଟନାୟକ, ମାନସ ରଥ, ଅଭିନାଶ ବେଗରାଇ, କେ. ନରେନ୍ଦ୍ର କୁମାର, ଅଭିନାସ ପଣ୍ଡା ଜି.ମୋହନ ଦୋରା, ଲିଲୁ ବିଶ୍ୱାଳ, ବିଜୟ ନାରାୟଣ ସାହୁ, ରଞ୍ଜନ କୁମାର ମିଶ୍ର, ବିଶ୍ୱଜିତ୍ ପାଣିଗ୍ରାହୀ, ଏଲ୍ ନାରାୟଣ ରାଓ, କିଶୋର ଚନ୍ଦ୍ର ଦାସ, ଜି. ଅନିଲ କୁମାର, ରବି ମହାପାତ୍ର, ସରୋଜ କୁମାର ପାଣିଗ୍ରାହୀ, ଆନନ୍ଦ ପାଢ଼ୀ, ମୁନ୍ନା ଦୋରା, ସୂର୍ଯ୍ୟ ନାରାୟଣ ଆଚାରି ଅଭିଲାଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୫ ହଜାର ସୁରକ୍ଷିତ ପ୍ରସବ କରାଇ ଇତିହାସ ରଚିଲେ, ଅନ୍ଧବିଶ୍ୱାସ ଅନ୍ଧାରରେ ସାଜିଲେ ଆଲୋକ

**କୋରାପୁଟ, ନ୍ୟୁଜ୍‌ବ୍ୟୁରୋ**

ଆଶା କର୍ମୀରୁ ସରପଞ୍ଚ। ସରପଞ୍ଚରୁ ଉଦ୍ୟୋଗୀ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ପ୍ରମୁଖ ଭୂମିକା। ଦୀର୍ଘ ୨୩ ବର୍ଷ ଭିତରେ ୫ ହଜାରରୁ ଅଧିକ ମହିଳାଙ୍କୁ ଡାକ୍ତରଖାନା ନେଇ କରାଇଛନ୍ତି ସୁରକ୍ଷିତ ପ୍ରସବ। ନିଜ ଗାଁ ସହ ଆଖପାଖ ଅଞ୍ଚଳର କୌଣସି ଜଣେ ହେଲେ ଗର୍ଭବତୀଙ୍କୁ ପ୍ରସବ ସମୟରେ ମରିବାକୁ ଦେଇନାହାନ୍ତି। ଜଣେ ଉଦ୍ୟୋଗୀ ହିସାବରେ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛନ୍ତି। ଏଭଳି ଜଣେ ମହିଳା ହେଲେ କୋରାପୁଟ ସଦର ବ୍ଲକ ବଡ଼କେରଙ୍ଗାର ପୂର୍ବତନ ସରପଞ୍ଚ ୪୩ ବର୍ଷୀୟ ଚନ୍ଦ୍ରମଣି ଜାନୀ। ସେଭଳି କୌଣସି ଚର୍ଚ୍ଚିତ ଚେହେରା ନୁହନ୍ତି ଚନ୍ଦ୍ରମଣି। ଅଥଚ ନିଜ କର୍ମ ପାଇଁ ସବୁବେଳେ ରହିଆସିଛନ୍ତି ଚର୍ଚ୍ଚାରେ। ଯେଉଁ ସମୟରେ କୋରାପୁଟ ଭଳି ପଛୁଆ ଜିଲ୍ଲାର ଗାଁ ଗହଳିରେ ଅନ୍ଧବିଶ୍ୱାସ ଓ କୁପ୍ରଥା ଭରି ରହିଥିଲା, ସେତେବେଳେ ସମାଜରେ ପରିବର୍ତ୍ତନ ଆଣିବାରେ ସକ୍ରିୟ ଭୂମିକା ନେଇଥିଲେ ଚନ୍ଦ୍ରମଣି। ଶିକ୍ଷାଗତ ଯୋଗ୍ୟତା ମାତ୍ର ସପ୍ତମ। ତାଙ୍କୁ ଯେତେବେଳେ ୧୫ ବର୍ଷ ହୋଇଥିଲା, ସେହି ସମୟରେ ପ୍ରସବ ସମୟରେ ପ୍ରଚୁର ରକ୍ତସ୍ରାବ ଯୋଗୁ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଯାଇଥିଲା। ସେତେବେଳେ ସେ ନିଷ୍ପତ୍ତି ନେଇ ଥିଲେ, ତାଙ୍କ ଆଖି ଆଗରେ ନିଜ ଅଞ୍ଚଳର ଆଉ କୌଣସି ମହିଳାଙ୍କୁ ଏଭଳି ଅବସ୍ଥାରେ ମରିବାକୁ ଦେବେନି।



ମାଆଙ୍କ ମୃତ୍ୟୁ ପରେ ପରିବାରର ୨ ଭାଇ ଓ ଅନ୍ୟ ଜଣେ ଭଉଣୀର ସବୁ ଦାୟିତ୍ୱ ତୁଲାଇଥିଲେ ଚନ୍ଦ୍ରମଣି। ଅବିବାହିତ ରହି ନିଜ ଭାଇଭଉଣୀଙ୍କୁ ବଡ଼ କରିଥିଲେ। ମାଆଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣା ସବୁବେଳେ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା। ସମାଜରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବାକୁ ଲାଗି ପଡ଼ିଥିଲେ। ବାସ୍ ତା ପରଠୁ ଆଉ ପଛକୁ ହଟି ନ ଥିଲେ। ୨୦୦୬ ମସିହାରେ ଯେତେବେଳେ ତାଙ୍କ ବୟସ ୨୦ ହୋଇଥିଲା, ନିଜ ଗାଁ ସମେତ ଅନ୍ୟ ୭ ଖଣ୍ଡ ଗାଁର ଆଶାକର୍ମୀ ଭାବେ ନିଯୁକ୍ତି ପାଇଥିଲେ। ଚନ୍ଦ୍ରମଣି କହିଛନ୍ତି, ସେହି ସମୟରେ ଆଦିବାସୀବହୁଳ ଅଧିକାଂଶ ଅଞ୍ଚଳରେ ଗର୍ଭବତୀମାନଙ୍କୁ ପ୍ରସବ ପାଇଁ ଡାକ୍ତରଖାନା ନିଆଯାଉନଥିଲା। ପରିବାର ଲୋକଙ୍କ ମନରେ ଗୋଟିଏ ଭୟ ରହିଥିଲା ଯେ, ଡାକ୍ତରଖାନା ଗଲେ ଗର୍ଭବତୀ ମରିଯିବ ଏବଂ ନବଜାତକୁ କୁଆଡ଼େ ବିକି ଦିଆଯିବ। ସେଥିଲାଗି ଗାଁର ଧାଇ ଥିଲେ ସର୍ବେସର୍ବା। ତାଙ୍କୁ (ଧାଇଙ୍କୁ) ଘରକୁ ଡାକି କୁକୁଡ଼ା ପୂଜା କରିବା ସହ ଖାଇବାକୁ ଦେଉଥିଲେ ଏବଂ ସେ ପ୍ରସବ କରାଉଥିଲେ। ରକ୍ତହୀନତା ଓ ଅନ୍ୟାନ୍ୟ କାରଣରୁ ମାତୃ ଓ ଶିଶୁ ମୃତ୍ୟୁହାର ବଢ଼ୁଥିଲା। ସେତେବେଳେ ଗୃହ ପ୍ରସବ ବନ୍ଦ କରି ଡାକ୍ତରଖାନାକୁ ପ୍ରସବ ପାଇଁ ନେବା ଥିଲା ଏକ ବିରାଟ ଚାଲେଞ୍ଜ। ତଥାପି ସେ ଉଦ୍ୟମ ଜାରି ରଖିଥିଲେ।

ଉକ୍ତ ଧାଇଙ୍କୁ ପ୍ରଥମେ ଗର୍ଭବତୀଙ୍କ ଘରକୁ ନେଉଥିଲେ। ପରିବାର ଲୋକଙ୍କୁ ବୁଝାଇ କୁକୁଡ଼ା ପୂଜା କରିବା ପରେ ନିଜେ ଖର୍ଚ୍ଚରେ ଡାକ୍ତରଖାନା ନେବାରେ ଧୀରେଧୀରେ ସଫଳ ହେଲେ। ଗତ ୨୦ ବର୍ଷ ଭିତରେ ଆଖପାଖ ଗାଁର କେହି ଜଣେ ହେଲେ ମହିଳାଙ୍କୁ ଘରେ ପ୍ରସବ କରାଇ ଦେଇନାହାନ୍ତି। ଏ ଭିତରେ ୫ ହଜାରରୁ ଅଧିକ ମହିଳାଙ୍କୁ ଡାକ୍ତରଖାନା ନେଇ ସୁରକ୍ଷିତ ପ୍ରସବ କରାଇଛନ୍ତି। ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସରପଞ୍ଚ ନିର୍ବାଚିତ ହୋଇଥିଲେ ଚନ୍ଦ୍ରମଣି। ସେହି ସମୟରେ ପଞ୍ଚାୟତକୁ ସ୍ୱଚ୍ଛ ରଖିବା ଏବଂ ଗାଁଗୁଡ଼ିକୁ ବାହ୍ୟମଳମୁକ୍ତ କରିବାରେ ବେଶ୍ ସଫଳ ହୋଇଥିଲେ। ସ୍ୱଚ୍ଛତାକୁ ନେଇ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଥିଲେ। କେବଳ ସେତିକି ନୁହେଁ, ନିଜ ଅଞ୍ଚଳରେ ଡ୍ରପ୍‌ଆଉଟ୍ ହ୍ରାସ କରିବାରେ ବି ପ୍ରମୁଖ ଭୂମିକା ନେଇଥିଲେ ଚନ୍ଦ୍ରମଣି। ସରପଞ୍ଚ ପରେ ଏବେ ବି ଆଶାକର୍ମୀ ଭାବେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବର୍ଷତମାମ ନିଜେ ଡଙ୍ଗରୀ ଓ ପାଳ ଛତୁ ଚାଷ କରୁଛନ୍ତି। ତା' ସହିତ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ କୁକୁଡ଼ା ଚାଷ ବି କରୁଛନ୍ତି। ଏଥିରେ ୫ ଜଣ ମହିଳାଙ୍କୁ ନିୟୋଜିତ କରିଛନ୍ତି। ନିଜ ଉତ୍ପାଦିତ ଛତୁକୁ କୌଣସି ବେପାରୀଙ୍କୁ ବିକନ୍ତି ନାହିଁ। କେତେକ ବୟସ୍କ ମହିଳାଙ୍କ ଦ୍ୱାରା ଆଖପାଖ ଅଞ୍ଚଳରେ ବିକ୍ରି କରାଇଥାନ୍ତି। ସେମାନେ ଏହାକୁ ବିକି ଦି' ପଇସା ଲାଭ ପାଉଥିବାବେଳେ ବଳକା ପଇସା ଚନ୍ଦ୍ରମଣିଙ୍କୁ ଦେଇଥାନ୍ତି। ବାସ୍ତବରେ ଚନ୍ଦ୍ରମଣି ଅନ୍ୟ ମହିଳାମାନଙ୍କ ପାଇଁ ଆଦର୍ଶ।

# ନୂଆପଡ଼ାରେ କଲରାପତରିଆ ବାଘ ଆତଙ୍କ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

କିଛିଦିନର ବ୍ୟବଧାନ ପରେ ନୂଆପଡ଼ା ଜିଲ୍ଲାରେ ପୁଣି କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ସମୟରେ ସୋସେଙ୍ଗ ଗାଁର କମଳ ନାଥ ମାଝି(୩୦) କୌଣସି କାମରେ ଏକ କାର୍ ଯୋଗେ ନୂଆପଡ଼ା ଯାଉଥିଲେ। ସେହି ସମୟରେ ଏକନ ଗୋଡ଼ିଆ ଘାଟି ତଳକୁ ହଲୁଆପାଲି-କେରମେଲି ନୂଆପଡ଼ା ରାସ୍ତାରେ ଦୁଇଟି କଲରା ପତରିଆ ବାଘ ବୁଲୁଥିବା ଦେଖିବାକୁ ପାଇଥିଲେ। ସେ ଭୟଭୀତ ଅବସ୍ଥାରେ ଗାଡ଼ିକୁ ରାସ୍ତାରେ ଅଟକାଇ ମୋବାଇଲରେ ଭିଡିଓ ଶୁଟ୍ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଜଙ୍ଗଲ ଭିତରକୁ ଚାଲିଯାଇଥିବା ବେଳେ ଅନ୍ୟ ଏକ ବାଘ ରାସ୍ତା କଡ଼ରେ ବସି ରହିଥିଲା। ପ୍ରାୟ ଅଧଘଣ୍ଟା ପରେ ବାଘ ରାସ୍ତାରୁ ଜଙ୍ଗଲକୁ ଚାଲିଯିବା ପରେ କମଳ ଗାଡ଼ି ଧରି ନୂଆପଡ଼ା ପଟେ



ଯାଇଥିଲେ। ଆଖି ସାମ୍ନାରେ ବାଘ ଦେଖିଥିବା କମଳ ରାତିରେ ଘରକୁ ନ ଫେରି ସକାଳେ ଫେରିଥିଲେ। ମୋବାଇଲରେ କଏଦ୍ ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ବନବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ତ୍ତମାନ ମହୁଲ ଫୁଲ ଗୋଟାଇବା ସମୟ। ମହୁଲ ଫୁଲ ଖାଇବା ପାଇଁ ଗାଈ, ବାଛୁରୀ, ଛେଳି, ମେଣ୍ଢା ଗଛ ତଳେ ଗୋଠ ହୋଇ ରହନ୍ତି। ବାଘକୁ ଶିକାର କରିବା ସହଜ ହୋଇଥାଏ। ସେଥିପାଇଁ ବାଘ ଜଙ୍ଗଲରୁ ପଦାକୁ ଆସୁଛି ବୋଲି ଅନୁମାନ କରାଯାଉଛି। ଖବର ପାଇ କୋମନା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିବା ସହ ପାହାଡ଼ ତଳି ଗାଁଗୁଡ଼ିକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି।

## ସିଟିସ୍କାନ ମେସିନ ଆରମ୍ଭ କରିବାକୁ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଥିବା ସିଟି ସ୍କାନ ମ୍ୟାସିନକୁ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଜୟପୁର ପୌରପାଳିକାର ୫ ନମ୍ବର ୱାର୍ଡ କାଉନସିଲର ପ୍ରଣବ କିଶୋର ନାୟକ ଚିକିତ୍ସାଳୟ ମୁଖ୍ୟ ଅକ୍ଷୟ କୁମାର ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ଚିକିତ୍ସାଳୟରେ ସିଟିସ୍କାନ ମ୍ୟାସିନ ନଥିବା ଯୋଗୁ ନିରୀହ ଆଦିବାସୀମାନେ ଅଯଥା ଖର୍ଚ୍ଚର ଶିକାର ହେଉଛନ୍ତି। ସରକାରଙ୍କ ପକ୍ଷରୁ ମାଗଣା ସିଟିସ୍କାନ ମ୍ୟାସନ ସେବା ଯୋଗାଇ ଦେବାପାଇଁ ନିୟମ ଥିବା ବେଳେ ଜିଲ୍ଲା ଚିକିତ୍ସାଳୟରେଏହାର ଅଭାବ ରହିଛି। ଜୟପୁର ଜିଲ୍ଲା ଚିକିତ୍ସାଳୟରେ ସିଟିସ୍କାନ ମେସିନ ନଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଏନେଇ ବହୁବାର ପ୍ରଚାର ହେବା ପରେ ମଧ୍ୟ ଏନେଇ ମେଡିକାଲ କର୍ତ୍ତୃପକ୍ଷ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତେଣୁ ଖୁବ୍‌ଶୀଘ୍ର କୋରାପୁଟରୁ ସିଟିସ୍କାନ ମେସିନ ଆଣି ଜୟପୁରରେ ଲଗାଇବା କାର୍ଯ୍ୟକାରୀ କରିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

## ସୁପରଫୁଡ୍ ସ୍ପିରୁଲିନା ପାଇଁ ଚର୍ଚ୍ଚାରେ ପବିତ୍ର

# ରାଜ୍ୟରେ ପ୍ରଥମ ଚାଷୀ ଭାବେ ବେଗୁନିଆରେ ଆରମ୍ଭ କଲେ ଫାର୍ମିଂ

**ବେଗୁନିଆ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ପ୍ରଥମଥର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍‌ରେ ଆରମ୍ଭ ହୋଇଛି ହରିତ ଶୈବାଳ ତଥା ସ୍ପିରୁଲିନା ଚାଷ। ଯାହାର ଚାହିଦା ବିଶ୍ୱ ବଜାରରେ ଢେର ଅଧିକା। ବିଶ୍ୱ ବଜାରକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଚାଷ କରିଛନ୍ତି ଜଣେ ଆଇଟି ପ୍ରଫେସନାଲ ପ୍ରବିତ୍ର ସାହୁ। ବେଗୁନିଆ ବ୍ଲକ୍ ଅଞ୍ଚଳର ଆଖୁପଦର ଗ୍ରାମରେ ପ୍ରାୟ ୫ ଏକର ଜାଗାରେ ଏହି ସ୍ପିରୁଲିନା ଚାଷ କରିଛନ୍ତି ପବିତ୍ର। ସ୍ପିରୁଲିନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ହୁ' ସୁପରଫୁଡ୍ ଭାବେ ପ୍ରମାଣିକୃତ କରିବା ପରେ ଏହାର ଚାହିଦା ବିଶେଷ କରି ପାଶ୍ଚାତ୍ୟ ଦେଶମାନଙ୍କରେ ଢେର ଅଧିକା। ତେବେ ଭାରତରେ ମଧ୍ୟ ଏହାର ଆବଶ୍ୟକ ଢେର ବଢ଼ିଗଲାଣି। ଯାହାକୁ ନେଇ ରାଜ୍ୟରେ ପ୍ରଥମ ଥର ପାଇଁ ଆଧୁନିକ ଜ୍ଞାନ କୌଶଳକୁ ଉପଯୋଗ କରି ପଲ୍ଲୀ ହାଉସରେ ଏହି ସ୍ପିରୁଲିନା ଚାଷ କରିଛନ୍ତି ପବିତ୍ର।

ମୁଖ୍ୟମନ୍ତ୍ରୀ କୃଷି କଲ୍ୟାଣ ଯୋଜନା ମାଧ୍ୟମରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏହି ନୂତନ ଚାଷକୁ ଆପଣାଇଛନ୍ତି। କେବଳ ଚାଷ କରିନାହାନ୍ତି ଏଥିରୁ ନିଜସ୍ୱ ଲ୍ୟାବ୍ ମାଧ୍ୟମରେ ନିଜସ୍ୱ ମଦର କଲଚର ସଂଗ୍ରହ କରିଛନ୍ତି ଏବଂ ୧୮ଟି କୁଣ୍ଡରେ ଏହାକୁ ଚାଷ କରିଛନ୍ତି। ଏହାକୁ କ୍ୟାପସୁଲ, ପାଉଡ଼ର ଏବଂ ଟ୍ୟାବ୍ଲେଟ୍ ଭାବେ ନିଜସ୍ୱ କମ୍ପାନୀ ମାଧ୍ୟମରେ ପ୍ୟାକେଟ କରି ଦେଶ ତଥା ଅନ୍ତର୍ଜାତୀୟ ବଜାରରେ ବ୍ୟବସାୟ କରିବା ଆରମ୍ଭ କରିଛନ୍ତି। ଯାହାକୁ ସହଯୋଗର ହାତ ବଢ଼ାଇଛନ୍ତି ରାଜ୍ୟ ସରକାର। ପବିତ୍ରଙ୍କ କହିବା ଅନୁସାରେ, ୫ ଏକର ଜାଗାରେ ୧୮ଟି ପଲ୍ଲୀ ହାଉସ ମାଧ୍ୟମରେ କରାଯାଇଥିବା ଏହି ପ୍ରକଳ୍ପ ବାର୍ଷିକ ୭୫ ଟନ୍ ଅମଳର କ୍ଷମତା ରହିଥିବାବେଳେ ଏଥିରୁ ବାର୍ଷିକ ୧୦ରୁ ୧୫ଟନ୍ କ୍ୟାପସୁଲ ଏବଂ ଟ୍ୟାବ୍ଲେଟ ପ୍ରସ୍ତୁତ କରାଯାଉଛି। ଯାହାକୁ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ବ୍ୟବସାୟ କରାଯିବାର ଲକ୍ଷ୍ୟ ରଖାଯାଇଛି।

ସ୍ପିରୁଲିନା ଚାଷ କରି ଲାଭବାନ ହୋଇଥିବା ପବିତ୍ର ସାହୁ କହିଛନ୍ତି ମୁଁ



ଦେଶ ବାହାରେ ବହୁ ବର୍ଷ କାମ କରିଛି। ସେଠାରେ ବହୁତ ଲୋକ ସ୍ପିରୁଲିନା ଖାଉଥିଲେ ତେଣୁ ଏହାର ଚାହିଦା ଦେଖି ଆମ ରାଜ୍ୟରେ ଏହାକୁ ଚାଷ କରିବା ପାଇଁ ମନ ବଳେଇଥିଲି। ପ୍ରଥମେ ଏଥିରେ ଆଠ କୋଟି ଟଙ୍କା ବିନିଯୋଗ କରିଥିଲି କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ଏଗାର କୋଟି ଟଙ୍କା ବିନିଯୋଗ କରିଛନ୍ତି। ଭାରତୀୟ ବଜାରରେ ସ୍ପିରୁଲିନା ଚାହିଦା ଗତ ପାଞ୍ଚରୁ ସାତ ବର୍ଷ ହେବ ବଢ଼ୁଛି। ଆମ ଦେଶରେ ୨୨ ରୁ ୨୩ଟି ବଡ଼ ବଡ଼ କମ୍ପାନୀ ସ୍ପିରୁଲିନା ବିକ୍ରି କରୁଛନ୍ତି କିନ୍ତୁ ସେମାନେ ଚାଷ କରୁନାହାନ୍ତି। ଆମେ ଏଠାରେ ସ୍ପିରୁଲିନା ଚାଷ କରୁଛୁ ଏବଂ ଭଲ ଗ୍ରେଡ଼ର ସ୍ପିରୁଲିନା ଉତ୍ପାଦନ କରି ବ୍ୟବସାୟ କରୁଛୁ।

ସେହିଭଳି ଏଠାରେ କାର୍ଯ୍ୟରତ ଆଗ୍ରୀ ବୈଜ୍ଞାନିକ ଅଭିଜିତ୍ ପାଣିଗ୍ରାହୀ କହିଛନ୍ତି ସ୍ପିରୁଲିନା ଗୋଟେ ପ୍ରକାର ଶିଉଳି। ଏହା ଅଲଗା ଶିଉଳିଠାରୁ ଭିନ୍ନ ଏହାକୁ ଆନ୍ତରୀକ୍ଷ ଖାଦ୍ୟ ବା ସୁପରଫୁଡ୍‌ର ମାନ୍ୟତା ମିଳିଛି। ଏଥିରେ ବହୁ ଉନ୍ନତମାନର ପୁଷ୍ଟିସାର ଖାଦ୍ୟ ରହିଛି ଯେମିତି କି ପ୍ରୋଟିନ, ଆଇରନର ପରିମାଣ ଅଧିକ ଅଛି। ଆମେରିକାର ଅନ୍ତରୀକ୍ଷ ଗବେଷଣା କେନ୍ଦ୍ର ନାସା ଏହାକୁ ସୁପରଫୁଡ୍‌ର ମାନ୍ୟତା ଦେଇଛି। ଏକ ଗ୍ରାମ ସ୍ପିରୁଲିନା ଏକ କେଜି ପରିବା ସହ ସମାନ। ସେହିପରି ବେଗୁନିଆ ବ୍ଲକ ସହକାରୀ କୃଷି ଅଧିକାରୀ ଶୁଭ୍ରନ କୁମାର ରାଉଳ କହିଛନ୍ତି ଆମ ଜିଲ୍ଲା ତଥା ରାଜ୍ୟରେ ଏହା ପ୍ରଥମ କରି ଚାଷ ହୋଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏହି ପ୍ରକଳ୍ପ କରାଯାଇଛି। ଏହି ପ୍ରକଳ୍ପରୁ ସ୍ପିରୁଲିନା ଟାବ୍ଲେଟ, କ୍ୟାପସୁଲ ଓ ପାଉଡ଼ର ପ୍ରସ୍ତୁତ କରୁଛନ୍ତି। ଏହା ମେଡ଼ିସିନ ନୁହଁ ଏହା ଏକ ସୁପରଫୁଡ୍। ଏହା ଏକ ପ୍ରକାର ନୀଳ ହରିତ ଶୈବାଳ। ଗଛ ଯେମିତି ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡ଼େ ଏବଂ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରେ ସେମିତି ସ୍ପିରୁଲିନା ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରେ।

ଭାରତ ବଜାରରେ ସ୍ପିରୁଲିନା ବ୍ୟବସାୟ ବଢୁଥିବା ବେଳେ ପବିତ୍ର ସାରା ବିଶ୍ୱରେ ସ୍ପିରୁଲିନା ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିଶେଷ କରି ଅଷ୍ଟ୍ରେଲିଆଓ ୟୁରୋପୀୟ ଦେଶ ସହ କଥାବାର୍ତ୍ତା ସରିଥିବାବେଳେ ଆଗକୁ ଆମେରିକା ଭଳି ଦେଶକୁ ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତରେ ସ୍ପିରୁଲିନାର କିଲୋପ୍ରତି ଦର ୧୪୦୦ରୁ ୧୬୦୦ଟଙ୍କା ଥିବାବେଳେ ଆନ୍ତର୍ଜାତିକ ବଜାରରେ ଏହାର ଦର ୩ ହଜାରରୁ ୭ ହଜାର ପର୍ଯ୍ୟନ୍ତ ରହିଛି। ଏହି ସ୍ପିରୁଲିନାକୁ ବିଶେଷ କରି ସୁପରଫୁଡ୍ ଭାବେ ସବୁବର୍ଗର ଲୋକମାନେ ଖାଇ ପାରିବେ। ନାସା ଏହାକୁ ପ୍ରଥମଥର ପାଇଁ ଅନ୍ତରୀକ୍ଷ ଯାତ୍ରୀମାନଙ୍କ ପାଇଁ ଦେବାର ବ୍ୟବସ୍ଥା କରିଥିଲା। ଶୈବାଳ ଯୁକ୍ତ ଖାଦ୍ୟ ସ୍ପିରୁଲିନା ସମସ୍ତଙ୍କ ପାଇଁ ବେଶ୍ ଉପଯୋଗୀ ତଥା ସମସ୍ତଙ୍କ ଅଭାବି ଭିଟାମିନକୁ ପୂରଣ କରିବାର ସହାୟକ ହେବ ବୋଲି କହିଛନ୍ତି ପବିତ୍ରସାହୁ। ପବିତ୍ରଙ୍କ ଏହି ଚାଷରେ ପାଖାପାଖି ୩୨ ଜଣ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ୫ ଜଣ ଆଗ୍ରୀ ବୈଜ୍ଞାନିକ କାର୍ଯ୍ୟ କରୁଛନ୍ତି। ବାର୍ଷିକ ୪ରୁ ୫ କୋଟି ଟଙ୍କାର ରୋଜଗାର ଲକ୍ଷ୍ୟ ରଖିଥିବା ବେଳେ ୨ରୁ ଅଢେଇ କୋଟି ଲାଭ ହେବାର ଲକ୍ଷ୍ୟ ରଖାଯାଇଛି।

## ପଞ୍ଚାୟତ କଲେଜରେ ବିଜ୍ଞାନ ଦିବସ ପାଳିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ପିଜି ଡିପାର୍ଟମେଣ୍ଟ ଆଭିମୁଖ୍ୟରେ ନ୍ୟାସନାଲ ସାଇନ୍ସ ଡେ ପାଳନ କରାଯାଇଥିଲା। ଏହି ଦିନର ଥିମ ଥିଲା 'ସାଇନ୍ସରେ ନାରୀ: ଭିକସିଟ ଭାରତକେ କାଟାଲାଇଜିଂ'। ମୁଖ୍ୟ ଅତିଥି ଡଃ ନକୁଲ ସେଠ, ପ୍ରିନ୍ସିପାଲ ପଞ୍ଚାୟତ କଲେଜ, ସୂର୍ଯ୍ୟକାନ୍ତି ସିକଦାର, ଆଡମିନିଷ୍ଟ୍ରେଟିଭ ବର୍ସାର ଏବଂ ବିଭିନ୍ନ ସାଇନ୍ସ ଡିପାର୍ଟମେଣ୍ଟର ଫାକଲ୍ଟି ଏବଂ ଷ୍ଟାଫ ମେମ୍ବରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଡଃ ଲିପ୍ସା ନନ୍ଦ ମୁଖ୍ୟ, ପିଜି ଡିପାର୍ଟମେଣ୍ଟ ଆଫ ଫିଜିକ୍ସ, ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନ୍ୟାସନାଲ ସାଇନ୍ସ ଡେ'ର ମହତ୍ୱ ବିଷୟରେ କହିଥିଲେ। ପ୍ରିନ୍ସିପାଲ ଏବଂ ଆଡମିନିଷ୍ଟ୍ରେଟିଭ ବର୍ସାର ଛାତ୍ରମାନଙ୍କୁ ସାଇନ୍ସ ଚିନ୍ତାଧାରା ବିକାଶ ଏବଂ ସାଇନ୍ସ ଏବଂ ରିସର୍ଚ୍ଚରେ କେରିଅର ଗଢିବା ପାଇଁ ପ୍ରେରଣା ଦେଇଥିଲେ। ଡଃ ବିନୟ କୁମାର ସାହୁ, ଓଆଇସି ସେମିନାର, ଡଃ କିଶୋର ନାୟକ ଏବଂ ଅନ୍ୟାନ୍ୟ ଷ୍ଟାଫ ମେମ୍ବରମାନେ ଛାତ୍ରମାନଙ୍କୁ ବିଭିନ୍ନ ସାଇନ୍ସ ପ୍ରୋଗ୍ରାମରେ ସକ୍ରିୟ ଭାବେ ଭାଗ ନେବା ପାଇଁ ପ୍ରେରଣା ଦେଇଥିଲେ। କୁଇଜ ଏବଂ ଡିବେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୟୁଜି ଏବଂ ପିଜି ଛାତ୍ରମାନେ ଉତ୍ସାହର ସହ ଭାଗ ନେଇଥିଲେ। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।





# ଜଙ୍ଗଲରେ ଅଫିମ ଚାଷ କରି ଜଣେ ଗିରଫ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା କ୍ଷେତ୍ରାକାରର ଜଙ୍ଗଲ ଅଞ୍ଚଳରେ ଅଫିମ ଚାଷ ସମ୍ପର୍କରେ ଏକ ବିଶେଷ ସୂଚନା ପାଇ ପୋଲିସ, ବନ ବିଭାଗର କର୍ମଚାରୀ ଏବଂ ଅବକାରୀ ଅଧିକାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇ ଜାଣିପାରିଲେ ଯେ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ଥାନା ଅଞ୍ଚଳର ଅର୍ଖାମୁଣ୍ଡା ଗ୍ରାମ ନିକଟ ସିଂହାସନ ଜଙ୍ଗଲ ଅଞ୍ଚଳରେ କିଛି ବ୍ୟକ୍ତି ଅଫିମ ଗଛ ଚାଷ କରିଛନ୍ତି । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଚାଷ ହୋଇଥିବା ଅଞ୍ଚଳରେ ପ୍ରାୟ ୦.୫ ଏବଂ ୦.୨୫ ଏକର ପରିମିତ ୦୨ ଘରରୁ ୦୨ ଖଣ୍ଡ ଜମି ପର୍ଯ୍ୟନ୍ତ ବିଦ୍ୟୁତ୍ ତାର ଟଣା ହୋଇଥିଲା । ତଦନ୍ତ ସମୟରେ, ଜଣେ ଘର ମାଲିକଙ୍କୁ ଗିରଫ କରାଯାଇଥିଲା ଯିଏ ସ୍ଥାନୀୟ ଅନ୍ୟ ୨ ଜଣଙ୍କ ଦ୍ୱାରା ଅଫିମ ଗଛର ବେଆଇନ୍ ଚାଷ ବିଷୟରେ ପ୍ରକାଶ କରିଥିଲେ ଓ ଏହି ସମ୍ପର୍କରେ, NDPS ଆଇନ୍‌ର ନୀତି ଅନୁସରଣ କରି, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଔପଚାରିକତା ଗ୍ରହଣ କରାଯାଇଥିଲା ଓ ବନବିଭାଗ ଏବଂ ଅବକାରୀ କର୍ମଚାରୀମାନେ ଅଫିମ ଗଛ ଗଣନା ଏବଂ ନଷ୍ଟ କରିବାରେ ନିୟୋଜିତ ହୋଇଥିଲେ। ଅବକାରୀ ବିଭାଗ ଦ୍ୱାରା ପ୍ରମାଣିତ ହୋଇଛି ଯେ ମୋଟ୍ ୧୫୩୧୮ (୯୧୦୭+୬୨୧୧) ଅଫିମ ଗଛ ଥିଲା ଯାହାକୁ କାଟି ପୋଡ଼ି ପାଉଁଶ କରି ନଷ୍ଟ କରାଯାଇଥିଲା । ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ନଷ୍ଟ କରାଯାଇଥିବା ମୋଟ୍ ଅଫିମ ଗଛର ମୂଲ୍ୟ ୭,୬୫,୯୦,୦୦୦/- (ସାତ କୋଟି ପଞ୍ଚଷଠି ଲକ୍ଷ ନବେ ହଜାର) ଟଙ୍କା ଓ ଏହି ସମ୍ପର୍କରେ ଅଧିକ ତଦନ୍ତ ପାଇଁ ଉଲୁଣ୍ଡା ଥାନା କେସ୍ No.45 Dt.୧୧.୦୩.୨୦୨୬ U/s-୧୮(b)/୨୯ NDPS Act. ଅନୁଯାୟୀ ଏକ ମାମଲା ମୋଟ୍ ୪ ଜଣ ଅଭିଯୁକ୍ତ ନାମ ପ୍ରକାଶ କରିଛନ୍ତି। ସାମୁଏଲ୍ ଲୁଗୁନଙ୍କୁ (ଅର୍ଖାମୁଣ୍ଡା) ଗିରଫ କରିଥିବା ସୂଚନା ଦେଇଛନ୍ତି। ସାମୁଏଲ୍ ଲୁଗୁନ, ରାହୁଲ ବାରଳା, ସନିକା ପୁର୍ତି, ସୁଲେମାନ ଲୁଗୁନଙ୍କ ନାମରେ ରୁଜୁ କରାଯାଇଛି।

## ୧୦ କ୍ୟାଡରର ନକ୍ସଲଙ୍କ ଆତ୍ମସମର୍ପଣ

# ଖୁବ୍‌ଶୀଘ୍ର ମାଓବାଦୀ ମୁକ୍ତ ହେବ କନ୍ଧମାଳ ଜିଲ୍ଲା

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଓଡିଶାକୁ, ମାଓ ମୁକ୍ତ କରିବା ନେଇ କେନ୍ଦ୍ର ସରକାରଙ୍କ ଡେଟ୍ ଲାଇନ୍ ଯେତେ ପାଖେଇ ଆସୁଛି କନ୍ଧମାଳ ଜିଲ୍ଲା ପୋଲିସ୍ ନିକଟରେ ସେତେ ଭଲ ଖବର ସବୁ ପହଞ୍ଚିବାରେ ଲାଗିଛି । କନ୍ଧମାଳ, କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ମାଓ ନେତା ଶୁକ୍ରୁ ଓ ଶୀଳାର ନେତୃତ୍ୱରେ, ସମୁଦାୟ ୨୫ଜଣ ମାଓବାଦୀଙ୍କ ଗତିବିଧି ଥିବା ନେଇ ପୋଲିସ୍ ନିକଟରେ ଖବର ଥିବାବେଳେ ଏହି ଘଟଣା ପୋଲିସ ବିଭାଗ ଓ ଜବାନଙ୍କୁ ଉତ୍ସାହିତ କରିଛି । ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ନକ୍ସଲ ବିରୋଧୀ ଅଭିଯାନର ମୁଖ୍ୟ ସଞ୍ଜୀବ ପଣ୍ଡାଙ୍କ ନିକଟରେ ନିଜ ନିଜର ଅସ୍ତ୍ର ତ୍ୟାଗ କରି, ଆତ୍ମସମର୍ପଣ କରିଛନ୍ତି ୧୦ ଜଣ ମାଓବାଦୀ। ସେମାନଙ୍କ ମଧ୍ୟରେ ସାନୁ ପୋଟ୍ଟମ ଓରଫ ନୀତୁ (୪୮) ଯାହାର ଘର, ଛତିଶଗଡ଼ ଗାଙ୍ଗଲୁର ଥାନା ଅଞ୍ଚଳର କୁର୍ସିଲ ଗାଁରେ। ସେ ଗତ ୧୯୯୭ ମସିହାରେ ସଂଗଠନରେ ଯୋଗଦେଇ ବର୍ତ୍ତମାନ୍ କେକେବିଏନ୍ ଡିଭିଜନ୍‌ର ରାଜ୍ୟ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଉପରେ ସରକାର ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିପରି ତାଙ୍କ ସହିତ ତାଙ୍କର ପତ୍ନୀ ତଥା ସଂଗଠନର ଡିଭିଜନାଲ୍ କମିଟି ମେମ୍ବର ଶାନ୍ତେଇ ସଲାମ ଓରଫ ଅନୁପା (୪୫) ତାଙ୍କର ଇନସାସ୍ ବନ୍ଧୁକ ସହ ଆତ୍ମ ସମର୍ପଣ କରିଛନ୍ତି। ତାଙ୍କ ଘର ମଧ୍ୟ ଛତିଶଗଡର ରାଜବେଡା ଗାଁରେ ସେ ଗତ ୧୯୯୮ ମସିହାରେ ସଂଗଠନରେ ଯୋଗଦେଇଥିଲେ। ତାଙ୍କ ସହିତ ଲକ୍ଷ୍ମୀ ମାଡଭି, ଓରଫ ସଙ୍ଗୀତା (୩୮), ସୁନୀଲ ତେଲାମ (୨୮), ମଞ୍ଜୁଲତା ପୁନେମ୍ ଓରଫ ସିଲ୍ପା (୨୩), ରାମବତୀ ଓୟାମ୍ ଓରଫ ଜମୁନା (୩୦), ଗଣେଶ କୁଞ୍ଜମ୍ (୨୮), ସୁଶୀଳା ତୁଡି (୧୮), ସରିତା କୁହୁଡାମ୍(୨୫) ଓ ଛୋଡି ଯୋଗୀ ଓରଫ ରଜନୀ (୨୨)ଙ୍କ ସମେତ ସମୁଦାୟ ୭ ଜଣ ମହିଳା ଓ ୩ ଜଣ ପୁରୁଷଙ୍କୁ ନେଇ ମୋଟ୍ ୧୦ ଜଣ ମାଓବାଦ ସେଲ୍‌ସମ୍ୟାନ୍ ଅସ୍ତ୍ରଶସ୍ତ୍ର ଓ ଗୁଳି ସମେତ ଆତ୍ମା ସମର୍ପଣ କରିଛନ୍ତି। ଫୁଲବାଣୀ ମାଦିକୁନ୍ଦା ରିଜର୍ଭର ପୋଲିସ୍ ପଡିଆରେ ପୋଲିସ୍ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆୟୋଜିତ ନକ୍ସଲ ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ସେମାନେ ଆତ୍ମସର୍ମପଣ କରିଛନ୍ତି। ଏହି ମାନଙ୍କ ଉପରେ ସରକାର ସମୁଦାୟ ଏକ କୋଟି ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ସମସ୍ତ ମାଓବାଦୀ ମାନେ ରାଜ୍ୟର ମାଓ ପ୍ରବଣ ଅଞ୍ଚଳରେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ନେଇ ପୋଲିସ କହିଛି। ସେମାନଙ୍କୁ ରାଜ୍ୟ ସରକାରଙ୍କ ମାଓ ଆତ୍ମସମର୍ପଣ ଯୋଜନାର ସମସ୍ତ ଲାଭ ପ୍ରଦାନ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ଅବସରରେ ତାଙ୍କ ସହିତ ସି ଅମିତେନ୍ଦ୍ର ନାଥ ସିହ୍ନା, ଆଇଜି ସିଆରପିଏଫ୍, ନୀତି ଶେଖର, ଆଇଜି ଦକ୍ଷିଣ ରେଞ୍ଜ, ବ୍ରହ୍ମପୁର, ଡକ୍ଟର ଦୀପକ କୁମାର, ଆଇଜି ଅପରେସନ୍, ଅଖିଳେଶ୍ୱର ସିଂହ, ଡିଆଇଜି ଏସ୍‌ଆଇଡବ୍ଲୁ, ହରିଶ ବିସି, ଏସ୍‌ପି କନ୍ଧମାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦଙ୍କ ସମ୍ମୁଖରେ ଆନୁଷ୍ଠାନିକ ଭାବରେ ଆତ୍ମସମର୍ପଣ କରିଛନ୍ତି। କାର୍ଯ୍ୟକ୍ରମ ସମୟରେ, ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ରଖି ଶ୍ରୀ ପଣ୍ଡାଙ୍କୁ ସେମାନଙ୍କର ଅସ୍ତ୍ରଶସ୍ତ୍ର ପ୍ରଦାନ କରିଛନ୍ତି । ଯାହା ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ପୁନର୍ବାର ଯୋଗଦାନ କରିବାର ନିଷ୍ପତ୍ତିକୁ ପ୍ରତୀକ କରିଥାଏ। ସମାବେଶକୁ ସମ୍ବୋଧିତ କରି ସଞ୍ଜିବ ପଣ୍ଡା କହିଛନ୍ତି ଯେ ରାଜ୍ୟ କମିଟି ସଦସ୍ୟ ସାନୁ ପୋଟ୍ଟମ୍ ଅନିତୁ ସମେତ ୧୦ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ଏହି ଅଞ୍ଚଳରେ ବାମପନ୍ଥୀ ଉଗ୍ରବାଦୀ ଚିନ୍ତାଧାରାର କ୍ରମାଗତ ଭାବରେ ଦୁର୍ବଳ ହେଉଥିବା ପ୍ରଭାବକୁ ପ୍ରତିଫଳିତ କରୁଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏସୋଜି, ଡିଭିଏଫ୍, ସିଆରପିଏଫ୍, ବିଏସ୍‌ଏଫ୍ ଦ୍ୱାରା ନିରନ୍ତର ଅପରେସନ୍ ମାଓବାଦୀଙ୍କ ମୂଳଦୁଆକୁ ଧ୍ୱଂସ କରିଛି। ସେ ଆଶ୍ୱାସନା ଦେଇଥିଲେ ଯେ ସମସ୍ତ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅନୁଯାୟୀ ସୁବିଧା ପ୍ରଦାନ କରାଯିବ, ଯେଉଁଥିରେ ଆର୍ଥିକ ସହାୟତା, ମର୍ଯ୍ୟାଦାର ସହିତ ସମାଜରେ ପୁନଃସମ୍ମିଳିତ ହେବା ପାଇଁ ବୃତ୍ତିଗତ ତାଲିମ୍ ଅନ୍ତର୍ଭୁକ୍ତ। ଛତିଶଗଡ଼ର ମୂଳ ନିତୁ, ସିପିଆଇ ମାଓବାଦୀଙ୍କ ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ଭାବରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ବହନ କରୁଛନ୍ତି। ୧୦ ଜଣ ସଦସ୍ୟ ମାଓବାଦୀଙ୍କ ମଧ୍ୟରେ ଜଣେ ରାଜ୍ୟ କମିଟି ସଦସ୍ୟ, ୧ ଜଣ ଡିଭିଜନାଲ୍ କମିଟି ସଦସ୍ୟ, ୨ ଜଣ କ୍ଷେତ୍ର କମିଟି ସଦସ୍ୟ ଏବଂ ୫ ଜଣ ଦଳୀୟ ସଦସ୍ୟ ଅଛନ୍ତି। ସେମାନେ ଏକାଠି ଏକ କୋଟି ପନ୍ଦର ଲକ୍ଷ ପଚାଶ ହଜାର ଟଙ୍କା ପୁରସ୍କାର ବହନ କରୁଛନ୍ତି। ମୋଟାମୋଟି ଭାବରେ ସେମାନେ ଚାଳିଶ ଲକ୍ଷ ଟଙ୍କା ଅତିରିକ୍ତ ନଗଦ କ୍ଷତିପୂରଣ ସହିତ ଏକ କୋଟି ୫୫ ଲକ୍ଷ ୫୦ ହଜାର ଟଙ୍କାର କ୍ଷତିପୂରଣ ମଧ୍ୟ ପାଇବେ। ସେମାନେ ୨ଟି ଇନସାସ , ୨ଟି ଏସ୍‌ଏଲଆର, ୩ଟି .୩୦୩ ରାଇଫଲ, ୨ଟି ସିଙ୍ଗଲ ସଟ୍, ଗୋଟିଏ ୧୨ ବୋର୍ ବନ୍ଧୁକ ଏବଂ ବିପୁଳ ପରିମାଣର ଗୁଳି ସମେତ ୧୦ଟି ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିଛନ୍ତି। ଏହି ଅସ୍ତ୍ରଶସ୍ତ୍ର ପାଇଁ ସେମାନଙ୍କୁ ପ୍ରାୟ ଦଶ ଲକ୍ଷ ଟଙ୍କା ମିଳିବ। ଆତ୍ମସମର୍ପଣ ପ୍ରକ୍ରିୟାରେ ସର୍ପଫ ସିଆରପିଏଫ୍ ଏବଂ ବିଶେଷକରି ୮୦ ବାଟାଲିଅନ୍ ସିଆରପିଏଫ୍‌ର ପ୍ରୟାସକୁ ପୋଲିସ ପକ୍ଷରୁ ପ୍ରଶଂସା କରାଯାଇଛି । ଏହି ୧୦ ସଦସ୍ୟ ବିଶିଷ୍ଟ ଗୋଷ୍ଠୀ କନ୍ଧମାଳ ଜିଲ୍ଲାରେ କେକେ ବିଏନ୍ ଡିଭିଜନ୍ ପରିଚାଳନା କରୁଥିଲା। ଛତିଶଗଡ଼ର ବିଜାପୁର ଜିଲ୍ଲାର ନିବାସୀ ନିତୁ ୨୦୦୪ ମସିହାରେ ମାଓ ସଂଗଠନରେ ଯୋଗଦେଇଥିଲେ ଏବଂ ସେ ୨୦୨୨ ମସିହାରୁ ଓଡ଼ିଶାରେ ସକ୍ରିୟ ଥିଲେ। ଡିସେମ୍ବର ୨୦୨୫ରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ହତ୍ୟା ଏବଂ ନିରନ୍ତର ଅପରେସନ୍ ପରେ, ମାଓବାଦୀମାନେ ହତୋତ୍ସାହିତ ହୋଇ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ଯୋଗଦେବାକୁ ନିଷ୍ପତି ନେଇଥିଲେ। ଏହି ଆତ୍ମସମର୍ପଣ ପରେ, ଓଡ଼ିଶାରେ କାର୍ଯ୍ୟ କରୁଥିବା ସଶସ୍ତ୍ର କ୍ୟାଡରଙ୍କ ସଂଖ୍ୟା ପ୍ରାୟ ୨୫କୁ ହ୍ରାସ ପାଇଛି ଏବଂ ସେମାନଙ୍କର କାର୍ଯ୍ୟକଳାପ କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ରହିଛି। ଆଗାମୀ ଦିନରେ କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ସୀମାବର୍ତୀ ଅଞ୍ଚଳରେ ଏସୋଜି, ଡିଭିଏଫ୍, ସିଆରପିଏଫ୍ ଏବଂ ବିଏସ୍‌ଏଫ୍‌କୁ ନେଇ ଏହି ଅପରେସନ୍‌କୁ ଆହୁରି ତୀବ୍ର କରାଯିବ। ଏହି କାର୍ଯ୍ୟକ୍ରମରେ ଅମିତେନ୍ଦ୍ର ନାଥ ସିହ୍ନା, ଆଇପିଏସ୍, ଆଇଜି ସିଆରପିଏଫ୍ ନୀତି ଶେଖର, ଆଇଜି ବ୍ରହ୍ମପୁର, ଡକ୍ଟର ଦୀପକ କୁମାର, ଆଇପିଏସ୍ ଆଇଜି ଅପରେସନ୍, ଅଖିଳେଶ୍ୱର ସିଂହ, ଡିଆଇଜି, ହରିଶ ବିସି, ଏସ୍‌ପି, କନ୍ଧମାଳ ଯୋଗଦେଇଥିଲେ। ଏପର୍ଯ୍ୟନ୍ତ ନୂଆପଡ଼ା, ନବରଙ୍ଗପୁର ମାଲକାନଗିରି, କୋରାପୁଟ, ବୌଦ୍ଧ, ବଲାଙ୍ଗିର ଜିଲ୍ଲା ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇଛି। ଓଡ଼ିଶା ପୋଲିସ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଓଡ଼ିଶାକୁ ନକ୍ସଲ ମୁକ୍ତ କରିବାକୁ ପ୍ରତିବଦ୍ଧ। ଏଡିଜି ପଣ୍ଡା ଆତ୍ମସମର୍ପଣ ନୀତି ଅନୁଯାୟୀ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ଅନ୍ୟ ମାଓବାଦୀମାନଙ୍କୁ ହିଂସା ପରିହାର କରିବାକୁ ଏବଂ ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛନ୍ତି।

## ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ଯୁବକ ଗୁରୁତର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜଗତପୁର ପଣ୍ଡା ଟାୟାର୍‌ରେ କାର୍ଯ୍ୟରତ ଜଣେ ଯୁବକଙ୍କୁ ପରକ୍ରୀୟା ପ୍ରୀତି ଅଭିଯୋଗରେ ଛୁରା ମାଡ଼। ଆହତ ଅବସ୍ଥାରେ କର୍ମଚାରୀମାନେ ଯୁବକକୁ ଉଦ୍ଧାର କରି ନିକଟସ୍ଥ ସଦ୍‌ଗୁରୁ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଆହତ ଯୁବକଙ୍କ ନାମ ସଂଜୀବ ଶୁକ୍ଲା ଓରଫ୍ କାଳିଆ ବୋଲି ଜଣାପଡିଛି। ଜଗତପୁର ଗୋଲେଇ ଛକ ନିକଟରେ ଅଭାବନୀୟ ଘଟଣା ଘଟିଛି। ପଣ୍ଡା ଟାୟାର୍‌ରେ କାର୍ଯ୍ୟରତ ଜଣେ ଯୁବକଙ୍କୁ ଅନ୍ୟ ଜଣେ ବ୍ୟକ୍ତି ଛୁରାମାଡ଼ କରି ନିଜେ ଚାଲି ଚାଲି ଜଗତପୁର ଥାନାରେ ଆତ୍ମସମର୍ପଣ କରିବାକୁ ଯାଉଥିବା ସମୟରେ ପୋଲିସ୍ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ କାବୁ କରିବା ସହ ହାତରେ ଧରି ଥିବା ଛୁରୀଟିକୁ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ ଜଗତପୁର ୪୮ ନଂ ୱାର୍ଡ ଶିକାରୀ ସାହିରେ ଆହତ ସଂଜୀବ ଶୁକ୍ଲା ରହୁଥିବାବେଳେ ଆକ୍ରମଣକାରୀ ବିବେକାନନ୍ଦ ବସ୍ତିଆ ଜଗତପୁର ସ୍ଥିତ ନାନକାର ଗାଁରେ ଭଡ଼ା ରହୁଥିଲେ । ପଣ୍ଡା ଟାୟାର ପରିସର ମଧ୍ୟରେ ଘଟିଥିବା ଏଭଳି ଘଟଣାର ପ୍ରତ୍ୟକ୍ଷଦର୍ଶୀ କର୍ମଚାରୀମାନେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରି ଗଣମାଧ୍ୟମକୁ ସୂଚନା ଦେବାକୁ ମନା କରିଦେଇଛନ୍ତି। ତେବେ ଅଭିଯୁକ୍ତଙ୍କ ସ୍ତ୍ରୀ ସହିତ କାଳେ ସଂଜୀବଙ୍କ ଅନୈତିକ ସମ୍ପର୍କ ଥିବା ନେଇ ଏଭଳି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି। ତେବେ ଆକ୍ରମଣକାରୀ ବିବେକାନନ୍ଦଙ୍କୁ ପୋଲିସ୍ ଅଟକ ରଖି ଅଧିକ ପଚରାଉଚରା କରୁଛି।



## ମାର୍ଚ୍ଚ ୨୦ ରୁ ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି'

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି' ପାଇଁ ପ୍ରସ୍ତୁତି ସମ୍ବନ୍ଧୀୟ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପ୍ରେସ୍ ମିଟ୍‌ରେ ଯୋଗଦେଇ ଜିଲ୍ଲା ମହୋତ୍ସବ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ମାର୍ଚ୍ଚ ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ଭବନ ପଡ଼ିଆ ଠାରେ ଜିଲ୍ଲା ମହୋତ୍ସବ ଅତ୍ୟନ୍ତ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ପରିବେଷଣ ହେବ। ରାଜ୍ୟ ବାହାରୁ ମଧ୍ୟ ପ୍ରତିଭାବାନ କଳାକାର ଯଯାତିକୁ ଆସିବା ନେଇ ଯୋଜନା ରହିଛି। ପାଞ୍ଚ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଅତିଥି ଭାବେ ନିମନ୍ତ୍ରିତ କରାଯାଇଛି। ଇତି ମଧ୍ୟରେ ଅର୍ଥନୀତି, ସାହିତ୍ୟ ଓ ଐତିହ୍ୟକୁ ନେଇ ଆଲୋଚନା ଚକ୍ର ସଫଳତାର ସହ ଆୟୋଜିତ ହୋଇସାରିଛି। ଏହାସହ ମହୋତ୍ସବ ପୂର୍ବରୁ ପୂର୍ବାଭାସ ସ୍ୱରୂପ ମାର୍ଚ୍ଚ ୧୮ ତାରିଖ ସକାଳେ 'ପଥ ଉତ୍ସବ' ଆୟୋଜିତ ହେବା ନେଇ ଯୋଜନା ରହିଛି। ଯାଜପୁରର ଆଧ୍ୟାତ୍ମିକ ପରିବେଶକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୮ ରୁ ୨୦ ତାରିଖ ଯାଏଁ ପ୍ରତ୍ୟୁଷରେ ଗଙ୍ଗା ଆଳତୀ ଢାଞ୍ଚାରେ ଦଶାଶ୍ୱମେଧ ଘାଟରେ ବୈତରଣୀ ଆଳତୀ ଅନୁଷ୍ଠିତ ହେବ। ମହୋତ୍ସବ ପରିସରରେ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ଓ ହସ୍ତତନ୍ତ ମେଳା ଆୟୋଜିତ ହେବ। ଏଥିରେ ପ୍ରାୟ ୨୫୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ୍ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ସୀତାଂଶୁ ଶେଖର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଲୋକଙ୍କ ପାଇଁ ଜିଲ୍ଲାପାଳ ଅଫିସରେ ତାଲା ପକାଇବା ଘଟଣାରେ ବିଜେଡ଼ିର ପ୍ରତିବାଦ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ନିଜକୁ ଲୋକଙ୍କ ସରକାର ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଲୋକଙ୍କ ପାଇଁ ଜିଲ୍ଲାପାଳ ଅଫିସ୍‌ରେ ତାଲା ପକାଇବା ଘଟଣାକୁ ବରଗଡ଼ ବିଜେଡି ଦୃଢ଼ ପ୍ରତିବାଦ କରିଛି । ଜିଲ୍ଲାରେ ବହୁ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା, ଧାନ ବିକ୍ରି କରିନପାରିବା କାରଣରୁ ଦୀର୍ଘ ଦିନ ହେଲା ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଧାରଣ କରି ଆସୁଥିବା ବେଳେ ସରକାରୀ ସ୍ତରରେ ସଂପୃକ୍ତ ଚାଷୀ ମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରି ମଧ୍ୟ ଚାଷୀଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଥିବାରୁ ଚାଷୀମାନେ ବସ୍ତା ବସ୍ତା ଧାନ ଆଣି ଜିଲ୍ଲାପାଳ ଅଫିସରେ ଗଦା କରି ଧାରଣ ପ୍ରଦାନ କରିଥିଲେ । ତେବେ ଜିଲ୍ଲାପାଳ ଅଫିସରୁ ଧାନ ଚୋରି ହୋଇଯାଇଥିବା ବେଳେ ଜୋର୍ ଜବରଦସ୍ତି ଚାଷୀଙ୍କୁ ପୋଲିସ ଉଠାଇ ନେବା ଘଟଣାକୁ ବିଜେଡି ଦୃଢ଼ ପ୍ରତିବାଦ ଜଣାଇ ଚାଷୀଙ୍କ ସମସ୍ୟା ଓ ଆନ୍ଦୋଳନ ରତ ଚାଷୀଙ୍କୁ ସମର୍ଥନ ଦେବା ପାଇଁ ଜିଲ୍ଲାପାଳଙ୍କୁ ଭେଟିବାକୁ ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ ବରଗଡ଼ ଟାଉନ୍ ବିଜେଡି ସଭାପତି ଅନୁପ ଶତପଥୀ, ଯୁବ ନେତା କରନ ସିକନ୍ଦର, ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରା, ଜିଲ୍ଲା ବିଜେଡି ଉପସଭାପତି କିଶୋର ମିଶ୍ର, ଯୁବ ସମ୍ପାଦକ ତନ୍ଦନ ଗୁପ୍ତା, ଉମାଚରଣ ରାଉତ, ସତ୍ୟ ପଣ୍ଡା, ସମୀର ବାରିକ, ମଧୁ ସାହୁଙ୍କ ସମେତ ଶତାଧିକ ବିଜେଡି ନେତୃମଣ୍ଡଳୀ ଜିଲ୍ଲାପାଳ କାର୍ଯ୍ୟାଳୟ ପହଞ୍ଚିଥିଲେ । ତେବେ ଜିଲ୍ଲାପାଳ ଅନୁପସ୍ଥିତ ରହି ଅଫିସ ଆଗରେ ତାଲା ପକାଇ ପୋଲିସ ଜଗିଥିବାରୁ ବିଜେଡି ନେତୃମଣ୍ଡଳୀ ଚାଷୀଙ୍କୁ ଭେଟିବାକୁ ଯିବା ପାଇଁ କିଛି ସମୟ ଧରି ବିଜେଡି ନେତୃମଣ୍ଡଳୀ ଓ ପୋଲିସ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା ପରେ ଡେପୁଟି କଲେକ୍ଟର ପହଞ୍ଚିବା ପରେ ବିଜେଡି ନେତୃମଣ୍ଡଳୀ ଧାରଣା ରତ ଚାଷୀଙ୍କୁ ଭେଟି ସମର୍ଥନ ଜଣାଇଥିଲେ । ଏବେବି ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ବିକ୍ରି ନହୋଇ ପଡ଼ିରହିଥିବା ବେଳେ ସ୍ଥାନୀୟ ବିଧାୟକ ବୃନ୍ଦ ଓ ରାଜ୍ୟ ସରକାର ଚାଷୀଙ୍କ ଧାନ ସୁରୁଖୁରୁରେ କିଣା ଯାଇଛି ବୋଲି ମିଥ୍ୟା କହିବା ଘଟଣାକୁ ବିଜେଡି ତୀବ୍ର ସମାଲୋଚନା କରିଥିବା ବେଳେ ଡାଲୁଅ ଧାନ କିଣା ପଞ୍ଜିକରଣ ପାଇଁ ମାତ୍ର ୧୦ ଦିନ ସମୟ ଦିଆ ଯାଇଥିବାରୁ ବର୍ଷା ଋତୁ ଫସଲର ଧାନ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀ ବିକ୍ରୟ କରିପାରିନଥିବା ବେଳେ ମାତ୍ର ୧୦ ଦିନରେ କିପରି ଚାଷୀ ପଞ୍ଜିକରଣ କରି ଧାନ ବିକିବେ ବୋଲି ଉଲ୍ଲେଖ କରି ତୁରନ୍ତ ଧାନ ବିକ୍ରି ପଞ୍ଜିକରଣ ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦାବି କରିଛି । ବରଗଡ଼ରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇଥିବା ବେଳେ ଦିନକୁ ଦିନ ଅପରାଧ ବଢ଼ି ଚାଲିଥିବା ବେଳେ ତାକୁ ନିୟନ୍ତ୍ରଣ କରିବାରେ ବରଗଡ଼ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଫଳ ହୋଇଥିବା ବେଳେ ନିଜର ହକ୍ ପାଇଁ ଲଢେଇ କରୁଥିବା ଚାଷୀଙ୍କୁ ଦମନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ବରଗଡ଼ ପୋଲିସର ପାରିବା ପଣିଆକୁ ବିଜେଡି ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । ଆଗାମୀ ଦିନରେ ଯଦି ସରକାର ଚାଷୀମାନଙ୍କ ସମସ୍ୟା ସମାଧାନ ନକରନ୍ତି ତାହେଲେ ବିଜେଡି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ଚେତାବନୀ ପ୍ରଦାନ କରିଛି ।




## ମନ୍ଦିର ଜାଗାକୁ ନେଇ ଗୋଷ୍ଠୀ କନ୍ଦଳ: ୧୬୩ ଧାରା ଜାରି

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଞ୍ଚଳର ମାରିଗାଁ ଗ୍ରାମରେ ମନ୍ଦିର ଜମିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବାରୁ ପରିସ୍ଥିତି ତୀବ୍ର ହୋଇଯାଇଛି। ଗ୍ରାମରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଦଣ୍ଡାତ୍ମକ ପ୍ରକ୍ରିୟା ସଂହିତା ଅନୁସାରେ ୧୬୩ ଧାରା ଜାରି କରାଯାଇଛି। ସୂଚନା ଅନୁସାରେ, ମାରିଗାଁ ଗ୍ରାମର ଏକ ପୁରାତନ ମନ୍ଦିର ସମ୍ପର୍କିତ ଜମିର ମାଲିକାନା ଓ ବ୍ୟବହାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ଧରି ମତଭେଦ ଚାଲିଆସୁଥିଲା। ଏହି ବିବାଦ ତିବ୍ର ରୂପ ଧାରଣ କରିଥିବାରୁ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଅନୁଧାନ କରି ରାଇଘର ପ୍ରଶାସନ ଓ କୁନ୍ଦେଇ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ଶାନ୍ତି ଓ ସମ୍ମିଳିତ ଭାବରେ ରହିବାକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ନଘଟିବା ପାଇଁ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଅଞ୍ଚଳରେ ୧୬୩ ଧାରା ଲାଗୁ କରାଯାଇଛି। ୧୬୩ ଧାରା ଲାଗୁ ହେବାପରେ ଏକାଠି ହେବା, ସଭା କିମ୍ବା ଜମାଯୋଗ କରିବା ଉପରେ ନିଷେଧ ଜାରି ହୋଇଛି। ପୋଲିସ ପକ୍ଷରୁ ଅଞ୍ଚଳରେ କଡ଼ା ପହରା ଦିଆଯାଇଥିବା ବେଳେ ପରିସ୍ଥିତି ଉପରେ ସତତ ନଜର ରଖାଯାଉଛି। ପ୍ରଶାସନ ପକ୍ଷରୁ ଦୁଇପକ୍ଷକୁ ଆଇନ୍ ମାନି ଶାନ୍ତିପୂର୍ଣ୍ଣ ଭାବେ ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ଅଞ୍ଚଳରେ ପରିସ୍ଥିତି ନିୟନ୍ତ୍ରଣରେ ରହିଥିବା ସୂଚନା ମିଳିଛି।

### ///////////////////// ପଶ୍ଚିମ ଓଡ଼ିଶାର ରେଳ ସଂଯୋଗକୁ ନୂଆ ଗତି /////////////////////

# ପୋତନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଏବଂ ପୂର୍ବ ଭାରତ ମଧ୍ୟରେ ରେଳ ସଂଯୋଗ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳବାଇ ଓଡ଼ିଶାର ଅନେକ ଜିଲ୍ଲାକୁ ଉପକୃତ କରିବା ସହିତ ପୋତନୁର (କୋଏମ୍ବାଟୁର)-ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ପ୍ରଚଳନ କରିଛି। ଏକ ସୁଲଭ ଦୀର୍ଘ ଦୂରତା ଅତିକ୍ରମ କରୁଥିବା ଟ୍ରେନ୍ ସେବା ଯାହା ଛାତ୍ର, ଶ୍ରମିକ ଏବଂ ବ୍ୟବସାୟୀଙ୍କ ପାଇଁ ଉନ୍ନତ ଗତିଶୀଳତା ପ୍ରଦାନ କରିବା ସହିତ ସମଗ୍ର ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଯାତ୍ରା ଏବଂ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ। ଦକ୍ଷିଣ ଭାରତର ଶିଳ୍ପ ଏବଂ ବୟନ ଶିଳ୍ପ କେନ୍ଦ୍ର ତଥା ପୂର୍ବ ଭାରତର କୋଇଲା ଏବଂ ଶିଳ୍ପକ୍ଷେତ୍ର ମଧ୍ୟରେ ଯାତ୍ରୀ ପରିବହନ ଏବଂ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୋତନୁର (କୋଏମ୍ବାଟୁର)-ଧନବାଦ ଅମୃତ ଭାରତ ଏକ୍ସପ୍ରେସ୍‌କୁ ଉଦ୍‌ଘାଟନ କରିଥିଲେ। ପୋତନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସ୍ ଏକ ସାପ୍ତାହିକ ସେବା ଭାବରେ ଚଳାଚଳ କରିବ, ଯାହା ତାମିଲନାଡୁର କୋଏମ୍ବାଟୁରର ପୋତନୁର ଜଙ୍କସନ୍ ରେଳ ଷ୍ଟେସନ୍‌ରୁ ପ୍ରତି ଶନିବାର ତା ୨୧.୦୩.୨୦୨୬ ସକାଳ ୬.୧୫ରେ ଆରମ୍ଭ ହେବ ଏବଂ ସୋମବାର ସକାଳ ୪ଟାରେ ଝାଡ଼ଖଣ୍ଡର ଧନବାଦ ଜଙ୍କସନ୍‌ରେ ପହଞ୍ଚିବ। ଫେରିବାବେଳେ ଟ୍ରେନଟି ପ୍ରତି ସୋମବାର ତା ୨୩.୦୩.୨୦୨୬ ଦିନ ଅପରାହ୍ନ ୨ଟାରେ ଧନବାଦରୁ ଛାଡ଼ି ବୁଧବାର ଦିନ ୧୧.୨୦ ରେ ପୋତନୁରରେ ପହଞ୍ଚିବ। ଏହି ଟ୍ରେନ୍‌ଟି ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅନ୍ତର୍ଗତ ବିଶାଖାପାଟଣା, ବିଜୟନଗରମ୍, ପାର୍ବତୀପୁରମ୍, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଦେଇ ଯିବ ଏବଂ ଏହା ଦୁଭାଡା, ସିମାଚଳମ୍ ଉତ୍ତର, କୋଟାଭାଲସା, ବିଜୟନଗରମ୍, ବୋବିଲି, ପାର୍ବତୀପୁରମ୍, ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର ବରଗଡ଼ ରୋଡ୍, ସମ୍ବଲପୁର ଜଙ୍କସନ, ଝାରସୁଗୁଡା, ରାଉରକେଲା ଇତ୍ୟାଦି ସ୍ଥାନରେ ରହଣି କରିବ। ଅମୃତ ଭାରତ ଏକ୍ସପ୍ରେସ୍ ହେଉଛି ଏକ ଆଧୁନିକ LHB ରେକ୍ ଟ୍ରେନ୍ ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନ୍‌ରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, LED ଆଲୋକୀକରଣ, CCTV ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଏହି ଅମୃତ ଭାରତ ଏକ୍ସପ୍ରେସ୍‌ର ପ୍ରଚଳନ ଦୀର୍ଘ ଦୂରତା ସଂଯୋଗୀକରଣରେ ଉନ୍ନତି, ଯାତ୍ରୀ ଆରାମ ବୃଦ୍ଧି ଏବଂ ଜାତୀୟ ରେଳ ନେଟୱର୍କକୁ ମଜବୁତ୍ କରିବା ପାଇଁ ଭାରତ ସରକାରଙ୍କ ପ୍ରୟାସରେ ଆଉ ଏକ ମାଇଲଖୁଣ୍ଟକୁ ପ୍ରତିନିଧିତ୍ୱ କରେ । ଏହା ପଶ୍ଚିମ ଓଡ଼ିଶା ସହିତ ଯୋଗାଯୋଗ ଉନ୍ନତ କରିବା ଉପରେ ନିରନ୍ତର ଧ୍ୟାନକୁ ମଧ୍ୟ ପ୍ରତିଫଳିତ କରୁଛି।



## ଗ୍ୟାସ୍ ନେବାପାଇଁ ଲମ୍ବା ଧାଡି: ଖାଉଟୀ ହନ୍ତସନ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାଶ୍ଚାତ୍ୟ ରାଷ୍ଟ୍ରରେ ଯୁଦ୍ଧ ଚାଲିଥିବାରୁ ଇନ୍ଧନ ଗ୍ୟାସ୍ ଅଭାବ ଥିବା ଗୁଜବ ସୃଷ୍ଟି ହେଉଛି। ଜିଲ୍ଲାର ବିଭିନ୍ନ ଗ୍ୟାସ୍ ବିତରକଙ୍କ ପାଖରେ ଗ୍ୟାସ୍ ନେବା ପାଇଁ ହଜାର ହଜାର ଖାଉଟୀଙ୍କର ଭିଡ ଦେଖାଦେଇଛି । ଖାଉଟୀମାନେ ସେମାନଙ୍କ ସିଲିଣ୍ଡର ଲମ୍ବା ଧାଡିରେ ରଖି ଘଣ୍ଟା ଘଣ୍ଟା ଅପେକ୍ଷା କରି ଗ୍ୟାସ୍ ନପାଇ ଫେରିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଓ ଗ୍ୟାସ୍ ବିତରକ ମାନଙ୍କ ସହ ବସିଥିବା ବୈଠକରେ କୌଣସି ଖାଉଟୀ ଗ୍ୟାସ୍ ନେବାରେ ଅସୁବିଧାର ସମ୍ମୁଖୀନ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ପ୍ରଶାସନ ବିତରକ ମାନଙ୍କୁ ତାଗିଦ କରିଥିଲେ। କିନ୍ତୁ ଗୁରୁବାର ଲମ୍ବା ଧାଡିରେ ଗ୍ୟାସ୍ ନେବାପାଇଁ ଶହ ଶହ ସଂଖ୍ୟାରେ ଖରାରେ ଖାଉଟୀ ଛିଡା ହୋଇ ନିରାଶ ହୋଇ ଫେରିବା ପରେ ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଖାଉଟୀମାନେ ଦାବି କରିଛନ୍ତି ।



## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ହରଡାପୁଟ ଦିବାନ ବିଷୋୟୀ ଓ ନୁଆପୁଟ ବିଦ୍ୟା ଖରା । ସୂଚନା ଅନୁଯାଇ ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ ଥାନା କୁମୁଲିପୁଟ ଓ ନୁଆପୁଟ ଗ୍ରାମ ରାସ୍ତାରେ ଚଢଉ କରି ୨୫ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।



## ଜଙ୍ଗଲରେ ନିଆଁ: ନିର୍ବାପନ ପାଇଁ ବନ କର୍ମଚାରୀ ନାକେଦମ୍

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଥିବା ସଂରକ୍ଷିତ ତଥା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ନିଆଁ ଲାଗିଥିବା ଖବରପାଇ ବନ ବିଭାଗ ବନ କର୍ମଚାରୀ, ଫାୟାର ସ୍କ୍ୱାର୍ଡ ମିଳିତ ଭାବରେ ନିଆଁକୁ ଆୟତ୍ତ କରୁଛନ୍ତି। ହେଲେ ଗୋଟିଏ ପଟେ ନିଆଁକୁ ଆୟତ୍ତ କଲେ ଅନ୍ୟ ପଟେ ନିଆଁ ଲାଗୁଥିବାରୁ ନିଆଁ ଆୟତ୍ତ କରିବାରେ ବନ ବିଭାଗ ନାକେଦମ୍ ହେଉଥିବା ଦେଖାଯାଇଛି। ଗନ୍ଧମାର୍ଦ୍ଦନ ପାହାଡ, ଠୁଟା, ବାରପଟା, ଚାନ୍ଦିଲି, ଧଜାଗରା, ବାଙ୍କୋଡୋ, ବେନ୍ଦେର ଭଳି ସଂରକ୍ଷିତ ଜଙ୍ଗଲ ପାହାଡ ଓ ଅନେକ ଛୋଟ ଜଙ୍ଗଲରେ ମଧ୍ୟ ନିଆଁ ଲାଗୁଛି। ନିଆଁ ଲାଗିବା ଫଳରେ ଅନେକ ଔଷଧୀୟ ବୃକ୍ଷ, ଗୁଳ୍ମ ଲତା ଓ ଛୋଟ ଗଛ ପୋଡ଼ି ପାଉଁଶ ହେଉଥିବା ବେଳେ ଅନେକ ପଶୁ ପକ୍ଷୀଙ୍କ ଜୀବନ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଛି। ତୁରନ୍ତ ଜନ ସଚେତନତା ସୃଷ୍ଟି ସହିତ ଫାୟାର ସ୍କୋର୍ଡ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହେଉଛି। ଏନେଇ ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନାଙ୍କୁ ପଚାରିବାରୁ ଜଙ୍ଗଲ ନିଆଁ ଆୟତ୍ତ ପାଇଁ ଦିନରାତି ପ୍ରୟାସ ଜାରିରଖିଛୁ ବୋଲି କହିଛନ୍ତି। ସ୍ଥାନୀୟ ସଚେତନ ନାଗରିକଙ୍କ ଖବର ସହିତ ବିଭାଗୀୟ ଆପ୍ ସହଯୋଗରେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚିପାରୁଛୁ ଓ ତଥ୍ୟ ପାଉଛୁ ବୋଲି କହିଛନ୍ତି। ନିଆଁକୁ ଆୟତ୍ତ କରିବା ପାଇଁ ପୁରା ଦମ୍‌ରେ ଚେଷ୍ଟା ଚାଲିଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୦୩।୨୦୨୬, ଫାଲ୍‌ଗୁନ ଦି୩୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୫୯।୦୮ ଚନ୍ଦ୍ରୋଦୟ- ରାଘ ୩।୧୯।୨୨**

**ଦଶମୀ** - ଦିଘ ୮।୧୩ ପର୍ଯ୍ୟନ୍ତ । ଉତ୍ତରାଷାଢ଼ା ନକ୍ଷତ୍ର ରାଘ ୪।୪୯ ପର୍ଯ୍ୟନ୍ତ। **ଧନୁ ଚନ୍ଦ୍ର-** ଦିଘ ୯।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। ଦିଘ ୯।୩୪ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ଦିଘ ୯।୩୪ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୮।୧୩ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୨୮ ଗତେ ଦିଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ଦୃକସିଦ୍ଧ ମୀନ ସଂକ୍ରାନ୍ତି, ପାରମ୍ପରିକ ମାସାନ୍ତ ।



**ମେଷ:** ନିଜର କାର୍ଯ୍ୟ ସାର୍ଥକ ହେବା ସହିତ ସମସ୍ୟା ଦୂର ହେବ। ଅଟକି ରହିଥିବା କାର୍ଯ୍ୟ ସମାପ୍ତ ହେବ। ପାରିବାରିକ ଶାନ୍ତି ଭଙ୍ଗ ହେବ। ଆୟର ପରିମାଣ ବଢ଼ିବ। ଅଳସୁଆମି ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସମ୍ମାନ ଲାଭ ହେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଆଲୋଚନା କରିବେ। ପ୍ରଶଂସିତ ହେବେ। ଆୟ ଓ ବ୍ୟୟ ସମାନ ହେବ। ପାରିବାରିକ ଶାନ୍ତି ବଜାୟ ରହିବ। ସେବା ପୂଜାରେ ଯୋଗ ଦେବେ ।



**ମିଥୁନ:** ଶ୍ରମ ଜନିତ କ୍ଳାନ୍ତି ଅନୁଭବ କରିବେ। ମାନସିକ ଦୁଶ୍ଚିନ୍ତା ଦୂର ହେବ। ରୋଜଗାରରେ ଉନ୍ନତି। ଆଜିର ଯାତ୍ରାରେ କାର୍ଯ୍ୟ ହାସଲ ହେବ। ପାରିବାରିକ ସମସ୍ୟାର ସମାଧାନ ହେବ। ଭ୍ରମଣ ଯୋଗ ରହିଛି ।



**କର୍କଟ:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ। ଅଳସୁଆମି ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁଙ୍କ ସହଯୋଗ ଲାଭ କରିବେ। ରୋଜଗାର ମଧ୍ୟମ ହେବ। ପାରିବାରିକ ଶ୍ରଦ୍ଧା ଲାଭ ହେବ ।



**ସିଂହ:** ଅଳ୍ପ ପରିଶ୍ରମ କରି ଅଧିକ ଫଳ ଲାଭ କରିବେ। ତୀର୍ଥ ଭ୍ରମଣର ଯୋଗ ରହିଛି। ଦୂରଯାତ୍ରାରେ କାର୍ଯ୍ୟ ସଫଳ ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଦ୍ୱନ୍ଦ୍ୱ ଦେଖାଦେବ ।



**କନ୍ୟା:** କର୍ମକ୍ଷେତ୍ରରେ ବେଶି କାର୍ଯ୍ୟ କରି କ୍ଳାନ୍ତି ଅନୁଭବ କରିବେ। ରହିଯାଇଥିବା କାମକୁ ହଠାତ୍ ଆରମ୍ଭ କରିବେ। ଶୁଭ ଖବର ପ୍ରାପ୍ତ ହେବ। ସମସ୍ତ କାର୍ଯ୍ୟରେ ଆଗେଇବେ। ଆୟ ସ୍ଥିର ରହିବ। ଗୃହେ କଳହ ଦେଖାଦେବ ।



**ତୁଳା:** ଆପଣଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା ଲାଭ କରିବେ । ଉଚ୍ଚ ସମ୍ମାନ ଲାଭ ହେବ। ଧର୍ମ କାର୍ଯ୍ୟ କରିବେ। ପରିବାରରେ ଅଶାନ୍ତି ଦେଖାଦେବ। ମନ ଭଲ ରହିବନାହିଁ ।



**ବିଛା:** ସହକର୍ମୀଙ୍କ କାର୍ଯ୍ୟ କଳାପ ସନ୍ଦେହ ଜନକ ହେବ। ପାରିବାରିକ ସମସ୍ୟା ପାଇଁ ସାହାଯ୍ୟ ଲୋଡ଼ିବେ। ଆୟ ମଧ୍ୟମ ହେବ। ପରିବାରରେ ଅଶାନ୍ତି। କଳହ ଲାଗି ରହିବ। ପରିଶ୍ରମର ପରିମାଣ ବଢ଼ିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଏଣୁ ଆପଣଙ୍କ ସମସ୍ତ ଅଭିଳାଷ ପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ପ୍ରଶଂସିତ ହେବେ। ଭୁଲ୍ କାମ ପାଇଁ ପଶ୍ଚାତାପ କରିବେ। ଘରେ ଆନନ୍ଦ ଦେଖାଦେବ ।



**ମକର:** ଆୟ ମଧ୍ୟମ ଧରଣର ହେବ। ଘରେ ଅଶାନ୍ତି ଲାଭ ହେବ। ଧର୍ମ କାର୍ଯ୍ୟ ପ୍ରତି ମନ ବଳାଇବେ। ବନ୍ଧୁଙ୍କ ମିଳନ ଘଟିବ। ଦୂରଯାତ୍ରା କରିପାରନ୍ତି। ଦେହ ଓ ମନ ଭଲ ରହିବ। ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମାନସିକ ଅଶାନ୍ତି ଦେଖାଦେବ। ଶତ୍ରୁ ପରାଜିତ ହେବେ। ପାରିବାରିକ ପ୍ରତିଷ୍ଠା ଲାଭ ହେବ। କର୍ମକ୍ଳାନ୍ତି ଅନୁଭବ କରିବେ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ ।



**ମୀନ:** ଅଭିନ୍ନ ସ୍ତରରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ଦରମା ବଢ଼ିବ। ପାରିବାରିକ ସମସ୍ୟା ଦେଖାଦେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ପରିବହନ କ୍ଷେତ୍ରରେ ବେଶ୍ ଲାଭବାନ୍ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୦୩।୨୦୨୬, ଚୈତ୍ର ଦି୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୫୮।୧୯ ଚନ୍ଦ୍ରୋଦୟ- ରାଘ ୩।୫୯।୨୪**

**ଏକାଦଶୀ** - ଦିଘ ୯।୧୮ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର ପ୍ରାଘ ୫।୫୭ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ଦିଘ ୯।୧୮ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୯ ଗତେ ଦିଘ ୯।୫୮ ମଧ୍ୟେ । ଦିଘ ୧।୨୬ ଗତେ ଦିଘ ୧।୫୬ ମଧ୍ୟେ। **ପର୍ବୋତ୍ସବ-** ପାରମ୍ପରିକ ମୀନ ସଂକ୍ରାନ୍ତି, ପାପମୋଚିନୀ ଏକାଦଶୀ, ବିଶ୍ୱ ଖାଉଟି ଅଧିକାରୀ ଦିବସ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଦୋହଲିଲା ତୈଳ ଓ ଇକ୍ୱିଟି ବଜାର

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ ହେବାର ନାଁ ଧରୁନି । କେତେଦିନ ଆଉ ଏ ଯୁଦ୍ଧ ଲାଗିରହିବ କିଏ ଜାଣେ ? ଏଭଳି ସ୍ଥିତିରେ ରୁନ୍ଧି ହୋଇଗଲାଣି ଭାରତୀୟ ବଜାର । ତୈଳ, ଟଙ୍କା ଏବଂ ପୁଞ୍ଜି ବଜାରରେ ଦେଖାଦେଇଛି ଅସ୍ଥିରତା । ଭୟଭୀତ ଅବସ୍ଥାରେ ନିବେଶକ । ଯୁଦ୍ଧ ଆରମ୍ଭ ହେବାଠାରୁ ବର୍ତ୍ତମାନ ମଧ୍ୟରେ ୨୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହରାଇ ବସିଲେଣି ଦେଶର ଇକ୍ୱିଟି ବଜାର ନିବେଶକ । ଅଶୋଧିତ ତୈଳ ବଜାରରେ ଲାଗିଥିବା ନିଆଁ ଯୋଗୁ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୧୦୦ ଡଲାର ପାର କରିଗଲାଣି । ଏହା ଅର୍ଥବ୍ୟବସ୍ଥା ପାଇଁ ସୃଷ୍ଟି କରିଛି ଆଶଙ୍କାର ମାହୋଲ । ଅନ୍ୟପଟେ ଡଲାର ତୁଳନାରେ ଦୁର୍ବଳ ହୋଇଚାଲିଛି ଟଙ୍କା । ୧ ଡଲାର ଏବେ ୯୨.୩୩ ଟଙ୍କା ସମତୁଲ୍ୟ । ସେହିଭଳି ଏଲ୍‌ପିଜି ଗ୍ୟାସ ଅଭାବଜନିତ ସ୍ଥିତି ମଧ୍ୟ ଉପୁଜିଛି । ଜଳୁଛି ବିଶ୍ୱ ତୈଳ ବଜାର । ମଧ୍ୟପ୍ରାଚ୍ୟରେ ୩୦ରୁ ଊର୍ଦ୍ଧ୍ୱ ତୈଳ ଡିପୋରେ ହମ୍ଲା ହେବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ସାଢ଼େ ୩ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ସୋମବାର କାରବାରରେ ଏହା ୨୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୧୧୫ ଡଲାରରେ ପହଞ୍ଚିଯାଇଥିଲା । ପରେ ଏଥିରେ ସାମାନ୍ୟ ହ୍ରାସ ଘଟିଥିଲା ଓ ଏବେ ଏହା ପ୍ରାୟ ୧୦୫ ଡଲାରରେ ଅଛି । ୧୦ ଦିନରେ ଅଶୋଧିତ ତୈଳ ଦର ୫୦% ମହଙ୍ଗା ହୋଇଛି । ଏହାପୂର୍ବରୁ ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଏହା ୧୦୦ ଡଲାର ପାର୍ କରିଯାଇଥିଲା । ବିଶେଷଜ୍ଞଙ୍କ କହିବାନୁସାରେ, ବ୍ୟାରେଲ ପିଛା ତୈଳ ଦର ୧୫୦ ଡଲାର ପର୍ଯ୍ୟନ୍ତ ଯାଇପାରେ । ଏହାର ପ୍ରଭାବ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ପଡ଼ିପାରେ । ଲିଟର ପିଛା ଇନ୍ଧନ ଦର ୫ରୁ୬ ଟଙ୍କା ବଢ଼ିପାରେ । ତେବେ ଭାରତ ସରକାରଙ୍କ କହିବାନୁସାରେ, ଦେଶରେ ପର୍ଯ୍ୟାପ୍ତ ତେଲ ଅଛି । ବର୍ତ୍ତମାନ ପାଇଁ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିବ ନାହିଁ । କିନ୍ତୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୩୦ ଡଲାର ଛୁଇଁଲେ ଦର ବୃଦ୍ଧି ଉପରେ ବିଚାର ହୋଇପାରେ । ସେହିଭଳି ଟଙ୍କା ମଧ୍ୟ ଦୁର୍ବଳ ହୋଇଚାଲିଛି । ଆମେରିକୀୟ ଡଲାର ତୁଳନାରେ ଏହା ଆଜି ୪୬ ପଇସା ହ୍ରାସ ପାଇ ୯୨.୩୩ ଟଙ୍କା ସ୍ତରରେ ପହଞ୍ଚିଛି । ଏହା ଟଙ୍କାର ଏଯାବତ ସବୁଠାରୁ ନିମ୍ନ ସ୍ତର । ମଧ୍ୟପ୍ରାଚ୍ୟରେ ବିଗୁଡ଼ିଥିବା ସ୍ଥିତି ମଧ୍ୟରେ ଅଶୋଧିତ ତୈଳ ଦର ବଢୁଛି । ଏହାର ପ୍ରଭାବ ଭାରତୀୟ ଟଙ୍କା ଉପରେ ପଡୁଛି । ଯୁଦ୍ଧ ସ୍ଥିତିରେ ଦେଶରେ ଏଲ୍‌ପିଜି ଅଭାବ ଆଶଙ୍କା ଉପୁଜିଛି । ବଜାରରେ ଏକ ପ୍ରକାର ଭୟର ବାତାବରଣ । ଲୋକେ ଆତଙ୍କିତ ଅବସ୍ଥାରେ । ବଜାରରୁ ଅଧିକ ସିଲିଣ୍ଡର ଉଠାଇ ଦେବାକୁ ଏଜେନ୍ସିଗୁଡ଼ିକ ଆଗରେ ଭିଡ଼ ଦେଖିବାକୁ ମିଳୁଛି । ଜାତୀୟ ରାଜଧାନୀ ଦିଲ୍ଲୀରେ ଲୋକେ ସିଲିଣ୍ଡର ପିଛା ଘରୋଇ ଏଲ୍‌ପିଜିକୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଦରରେ କିଣିବାକୁ ବି ପଛଘୁଞ୍ଚା ଦେଉନାହାନ୍ତି । ଏଭଳି ପରିସ୍ଥିତିରେ କଳାବଜାରୀକୁ ରୋକିବା ପାଇଁ ଉଦ୍ୟମ କରିଛନ୍ତି କେନ୍ଦ୍ର ସରକାର । ପୂର୍ବରୁ ଗୋଟିଏ ସିଲିଣ୍ଡର ବୁକ୍ କରିବାର ୨୧ ଦିନ ପରେ ଦ୍ୱିତୀୟ ସିଲିଣ୍ଡର ପାଇଁ ବୁକିଂ ହୋଇପାରୁଥିଲା । ଏବେ ଏହାକୁ ୨୫ ଦିନକୁ ବଢ଼ାଇ ଦେଇଛନ୍ତି ସରକାର । ସମସ୍ତଙ୍କୁ ସମାନ ପରିମାଣରେ ରନ୍ଧନ ଗ୍ୟାସ ଯୋଗାଇଦେବା ଏହାର ଉଦ୍ଦେଶ୍ୟ । ତେବେ ତୈଳ କମ୍ପାନିଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଏଲ୍‌ପିଜି ମହଜୁଦ ଥିବା ସରକାର ସୂଚନା ଦେଇଛନ୍ତି । ସେହିଭଳି ଭାରତୀୟ ଇକ୍ୱିଟି ବଜାରରେ ଦେଖାଦେଇଛି ବଡ଼ ପତନ । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନସେକ୍ସ ୧୩୫୩ ପଏଣ୍ଟ ଖସି ୭୭,୫୬୬ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍ଟି ୪୨୨ ପଏଣ୍ଟ ଖସି ୨୪,୦୨୮ ପଏଣ୍ଟରେ ବନ୍ଦ ହୋଇଛି । ବ୍ୟାଙ୍କ, ଅଟୋ, ଧାତବ ଏବଂ ଏଫ୍‌ଏମ୍‌ସିଜି ସେୟାର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି । ଯୁଦ୍ଧ ଯୋଗୁ ଆଶଙ୍କିତ ନିବେଶକ ଇକ୍ୱିଟି ବଜାରରୁ ଟଙ୍କା ଉଠାଇ ଅନ୍ୟତ୍ର ନିବେଶ କରିବାରେ ବ୍ୟସ୍ତ । ଫଳରେ ବଜାରରେ ଦେଖାଦେଇଛି ଝଡ଼ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅର୍ଥାତ ଫେବ୍ରୁଆରୀ ୨୭ରେ ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ମୂଲ୍ୟ ୪୬୩ ଲକ୍ଷ କୋଟି ଟଙ୍କା ଥିଲା । ମାର୍ଚ୍ଚ ୯ ସୁଦ୍ଧା ଏହା ୪୪୧ ଲକ୍ଷ କୋଟି ଟଙ୍କାକୁ ଖସିଆସିଥିବା ଜଣାପଡ଼ିଛି ।

# ଲେଖାଲେଖି କାହା ପାଇଁ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ରୁଷିଆର ମହାନ୍ କଥାକାର ଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ 'ମଦର୍'। ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା, ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଳବକୁ ଦୀର୍ଘଜୀବୀ କରିବାପାଇଁ ପ୍ରେରଣାଦାୟକ ପ୍ରଚାରପତ୍ରସବୁ। ପୁଅ ସାମିଲ୍ ହୋଇଥିବା ଦୂରାନ୍ତରର ବିପ୍ଳବୀ ସଂଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷପତ୍ର ତଳେ ମାଆଟି ଛୁପାଇରଖୁଥିଲା ସେସବୁ ଗୁପ୍ତପ୍ରଚାରପତ୍ର। ଗୁଇନ୍ଦାପୁଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକଦଳର ଚର-ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଳବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନାମା ମାଆ ମାର୍ଫତ୍‌ରେ ପହଞ୍ଚାଉଥିଲା ଠିକଣା ଜାଗାରେ।

ମୁଣ୍ଡଉପରର ପସରା ଭିତରେ ଲୁଚାଇରଖିଥିବା ସେ ଅଗ୍ନିଗର୍ଭ ପ୍ରଚାରପତ୍ରକୁ କ'ଣ ମାଆ ପଢୁଥିଲା କେଉଁ? ଏ ପ୍ରଶ୍ନ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ। ଏପରି ପ୍ରଶ୍ନ ଖୋଦ୍ ଲେଖକ ପଚାରିନାହାନ୍ତି କେଉଁଠି କିମ୍ବା କୌଣସି ପାଠକପାଠିକା ନିଭୃତ ମନରେ ଉଠାଇଛନ୍ତି କି ଉଠାଇନାହାନ୍ତି ମତେ ଜଣାନାହିଁ, ମାତ୍ର ଯାହାର ଉତ୍ତର ପ୍ରତ୍ୟେକ ଯୁଗରେ ଆଗାମୀ ଇତିହାସର ହିଁ ଅସଲ ଦାୟବଦ୍ଧତା। 'ଲେଖାଲେଖି କାହାପାଇଁ' ପ୍ରଶ୍ନର ଉତ୍ତର ଖୋଜିଲାବେଳେ ଆମ ସମସ୍ତଙ୍କୁ, ବିଶେଷକରି ମୋର ସମକାଳର ଲେଖକଲେଖିକା ବିରାଦରମାନଙ୍କୁ ମୁଁ ଗର୍କୀଙ୍କର ସେଇ 'ମଦର୍'ର ମୁହଁକୁ ଏତେବର୍ଷ ପରେ ଆଉଥରେ ଫେରିଚାହିଁବାକୁ ଅନୁରୋଧ କରୁଛି। ମାଆମାନେ ଆଜି ବି ପସରାମୁଣ୍ଡେଇ ଚାଲିଛନ୍ତି। ହେଲେ ମାଆର ସନ୍ତାନମାନେ ଏବେ କେଉଁଠି? ଦୀର୍ଘଜୀବୀ ବିପ୍ଳବ କ'ଣ ଅମର ହୋଇସାରିଛି ଇତିମଧ୍ୟରେ? ଆଗାମୀ ଇତିହାସ ପାଇଁ ଆମର ଅଙ୍ଗୀକାରର ଦିନସବୁ କ'ଣ ସରିଯାଇଛି? ବିପ୍ଳବର କାର୍ଯ୍ୟନିର୍ଘଣ୍ଟ କ'ଣ ତାର ଶେଷ ପାରାଗ୍ରାଫ୍‌ରେ ପହଞ୍ଚିଯାଇଛି? ଏବେ କ'ଣ ଚାଲିଛି ଖାଲି ଖେଳ ପିରିୟଡ୍ ପଡ଼ିଆରେ ଜର୍ସିପିନ୍ଧି ରେଫରୀର ହୁଇସିଲ୍‌କୁ ଅପେକ୍ଷା? ଆମ ସାହିତ୍ୟ କ୍ଲାସ୍‌ର ଛୁଟିଘଣ୍ଟା ବାଜିବାର ଶବ୍ଦ ସବୁଠି ଶୁଭୁଛି। ମାତ୍ର ଟିକିଏ କାନ ଡେରିଲେ ଶୁଣିପାରିବେ ଯେ ଗୋଟିଏ ଚାପାକାନ୍ଦଣାର ସ୍ୱର ଏ ଛୁଟିଘଣ୍ଟାର ଶବ୍ଦକୁ କାଟି ଦୂରରୁ ଆହୁରି ଦୂରକୁ ଚାଲିଯାଉଛି। ହଜିଯାଉଛି ହରଦମ୍ ହସଖୁସିର ହୋହଲ୍ଲା ଆରପଟର ଅସରନ୍ତି ହାହାକାର ଆଡ଼କୁ। କାନ୍ଦୁଛି କିଏ? ହସୁଛି କିଏ? ମାଆ କାନ୍ଦୁଛି ତ ହସୁଛି ସନ୍ତାନ। ଇଏ ଦୁଇଟି ପକ୍ଷ। କେଉଁ ପକ୍ଷ ପାଇଁ ଲେଖିବେ? କାହାପାଇଁ ଲେଖାଲେଖି? ପ୍ରତ୍ୟେକ ଲେଖକଲେଖିକା ନୀରବରେ ନିଜକୁ ଏ ପ୍ରଶ୍ନ ପଚାରିବାର ବେଳ ଆସିଯାଇଛି। ମୋ ବିଚାରରେ, କାନ୍ଦୁଥିବା ମାଆମାନଙ୍କ ଓଠରେ ଧାରେ ହସ ଆଉ ହସୁଥିବା ସନ୍ତାନମାନଙ୍କ ହୃଦୟରେ ଟୋପାଏ ଦିଟୋପା ଲୁହକୁ ପାଛୋଟି ଆଣିପାରୁଥିବା କାନ୍ଦ ଯଦି ହୋଇପାରନ୍ତା ଲେଖାଲେଖିର ଲକ୍ଷ୍ୟ, ତା'ହେଲେ 'କାହାପାଇଁ'ର ଉତ୍ତରଖାତା ପୂରା କରିବାଟା ଆଉ କାହାରିପାଇଁ ମୁଣ୍ଡବ୍ୟଥାର କାରଣ ହୋଇପାରନ୍ତା ନାହିଁ।

ଏବେ ହସ କ୍ଲବ୍‌ର ଯୁଗ। ହସ ପାଇଁ ଆସର। ହସ ପାଇଁ ହରେକ୍ ଯୋଜନା ଚାରିଆଡ଼େ। ବୈଜ୍ଞାନିକ କହୁଛି – ହସ। ଡାକ୍ତର କହୁଛି – ହସ। ବନ୍ଧୁ କହୁଛି – ହସ। ହସକୁ କସରତର ସ୍ତରକୁ ନେଇଯାଇ ତାଲିମ୍‌ଦାତା ଦଳ ବି ସାଇବସ୍ତିଠୁ ସହରସାରା ହସର ବ୍ୟାୟାମଶାଳା ବସାଇ ସମସ୍ତଙ୍କୁ ଡାକି କହୁଛନ୍ତି – ହସ। ହସିଲେ ହୃତ୍‌ପିଣ୍ଡ ତାଜା ରହିବ। ରକ୍ତଚାପ ରହିବ ଠିକ୍‌ଠାକ୍। ମୁହଁର ମାଂସପେଶୀ ହାସଲ କରିବ ସଠିକ୍ ଚାଳନା। ଅତୁଟ ସ୍ୱାସ୍ଥ୍ୟ ହୋଇଉଠିବ ସୁଲଭ। ସହରକୁ ନୂଆ ଯୋଗୀ ଆସି ପ୍ରଚାର କରୁଛନ୍ତି, ହସ ବି ଗୋଟିଏ ପ୍ରକାର ଯୋଗ। ଏତେ ନିଃଶ୍ୱାସପ୍ରଶ୍ୱାସ ରୁନ୍ଧି ବା ନାସିକାରନ୍ଧ୍ରରେ ପବନକୁ ଫାଶ ପକାଇ ଯୋଗପ୍ରାଣାୟମ କରିବା ଅପେକ୍ଷା, ବରଂ ଦଶମିନିଟ୍ ହସ। ଯୋଗମାର୍ଗକୁ ସୁରୁଖୁରୁ ଯାତ୍ରା ସଂଭବପର ଏ ବିନାଖର୍ଚ୍ଚର କେଇମିନିଟ୍ ହସରେ। ଆଖିକାନ ବୁଜି ନୀରବଧ୍ୟାନ କରିବାଠୁ ଆଖିପାଟି ମେଲି ଆଁ-ଖୋଲା ସଶବ୍ଦ ହସ ସହସ୍ରଗୁଣେ ଭଲ। ହସ – ହସ – ହସ।

ରାଜଧାନୀର ଜନସମାବେଶରେ ସଭାପତିତ୍ୱ କରି ପୁରୁଣାପୁରୁଖା ନେତା ବି ନୂଆ ଲେଖକଲେଖିକାମାନଙ୍କୁ ପରାମର୍ଶ ଦେଉଛନ୍ତି – ହାସରସ ସୃଷ୍ଟି କର। ହାସ୍ୟ ହିଁ ଲାସ୍ୟ। ହାସ୍ୟ ହିଁ ଭାଷ୍ୟ। ହାସ୍ୟ ହିଁ ରହସ୍ୟ। ଯଦି ହାକିମ ଆଉ ପିଅନ ପରସ୍ପରକୁ ଦୁଇମିନିଟ୍ ଚାହିଁ ପ୍ରତିଦିନ ହସିବେ, ତାହେଲେ ଅଫିସ୍‌ରେ ତାଲାବନ୍ଦର ଦିନ ଆସିବ ନାହିଁ କି ହରତାଳର ଦିପହର ଦିଶିବ ନାହିଁ। ପିଅନର ଛୁଟିଦରଖାସ୍ତ ଆଉ ହାକିମର ଛଟାଦସ୍ତଖତ ମଝିରେ ଛୁଞ୍ଚି ମୁନର ଦୂରତା ରହିବନାହିଁ। ଆମର ଆଉ ଫକିରମୋହନ, ପ୍ରେମଚଂଦ, ଶରତ୍‌ଚନ୍ଦ୍ର, ନଜରୁଲ, ସଚ୍ଚି ରାଉତରା ଦରକାର ନାହିଁ – ଦରକାର ନିର୍ଦ୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର। ହସର ସାହିତ୍ୟ ବଜାର, ହସର ହାଟ ବସାଅ ଗ୍ରାହକ ପାଠକବର୍ଗ ପାଇଁ। ହସ ହିଁ ଅସଲ ରସ। ହସିବାକୁ ଇଚ୍ଛା ହୁଏ ଖୁବ୍। ହେଲେ ହସିପାରେନା ମୋଟେ। ବସିବସି ଭାବେଁ ଗୋଟିଏ କାନ୍ଦୁରା ମଣିଷର କଥା, ଯିଏ ନିଜେ ବି ନିଜର ପଚାଶ ପୂରୁପୂରୁ ଦିନେ ସାରା ଓଡ଼ିଆ ଜାତିକୁ କନ୍ଦାଇ କନ୍ଦାଇ ଚାଲିଗଲା ଚୁପ୍‌ଚାପ୍। କୌଣସି ବ୍ୟକ୍ତିଗତ ମାଲିକାନାର ମୋହ ନଥିଲା ତାର। ମଣିଷଗଢ଼ା କାରଖାନା ଗଢ଼ିଥିଲା ସତ୍ୟବାଦୀରେ, ନଥିଲା କିନ୍ତୁ ଶିଳ୍ପପତି। ସ୍ୱାଧୀନତାର ସତ୍ୟବଦ୍ଧସ୍ୱର ଶୁଣାଇବାକୁ ନିଆଁ ପକାଇଥିଲା ନିଆରା ସାମ୍ବାଦିକତାର, ହେବାକୁ ଚାହିଁନଥିଲା କିନ୍ତୁ କସ୍ମିନ୍‌କାଳେ ମାଲିକ। ଗଲା ଆଗରୁ ଟ୍ରଷ୍ଟ ହାତରେ ଟେକିଦେଇଗଲା ଖବରକାଗଜ। ସର୍ବସ୍ୱାନ୍ତ ମଣିଷର ସାଥୀ ସେ, ଦୀନଦୁର୍ଗତର ବନ୍ଧୁ। କାରାରେ ଥାଇ ଲେଖିଥିଲା କବିତା, ବନ୍ୟାଧାରାରେ ନାଆ ବାହି ବାଣ୍ଟିଥିଲା ବଂଚିବାର ଚୁଡ଼ାଚାଉଳ, ସାରା ଓଡ଼ିଆଜାତିର ଆତ୍ମା, ହୃଦୟ, ବିବେକକୁ ମଣିଷହେବାର ମନ୍ତ୍ରପାଠରେ କରିଥିଲା ଆନ୍ଦୋଳିତ। 'ଲେଖାଲେଖି କାହାପାଇଁ' ପ୍ରଶ୍ନ ଯଦି ତାକୁ ପଚରାଯାଇଥାନ୍ତା, ଉତ୍ତରଟା ତାକୁ ଦେବାକୁ ପଡ଼ିନଥାନ୍ତା କଦାପି। ତା' ତରଫରୁ ଉତ୍ତର ଦେଇଥାନ୍ତେ ଓଡ଼ିଶାର ବନ୍ୟା, ବାତ୍ୟା, ବିପନ୍ନ ଏବଂ ଚିଲିକାଚଢେଇଠୁ ଆରମ୍ଭକରି ମୂଳଲାଗୁଥିବା ମାଟିର ମଣିଷ, ଫଟାମାଟିର ଚାଷୀ, ଜେନାପୁରବାସୀ ପର୍ଯ୍ୟନ୍ତ କେତେ କିଏ। ଯାହାଯାହା ପାଇଁ ସେ କାନ୍ଦୁଥିଲା, ସ୍ୱପ୍ନର ଖସଡ଼ା ତିଆରି କରୁଥିଲା, ଓଡ଼ିଶା ଓ ଓଡ଼ିଆକୁ ଗୋଟିଏ ନାବରେ ବସାଇବାକୁ ଅନୁରୋଧ କରିଚାଲୁଥିଲା, ସେଇମାନେ ହିଁ ତା' ଲେଖାଲେଖି କାହାପାଇଁ ପ୍ରଶ୍ନର ଉତ୍ତରଦାୟୀ। ଲେଖାଲେଖି କାହାପାଇଁ? ସମକାଳର ଓଡ଼ିଆ ଲେଖକ ଲେଖିକାମାନଙ୍କ କଣ୍ଠସ୍ୱରରେ କେତେକଣ ଉତ୍ତର ଶୁଣାଯାଇ ପାରେତ ମଞ୍ଚରେ, ମିଳନୀରେ, ନାନା ଶେଷ ରବିବାସରୀୟ ସାକ୍ଷାତକାରରେ। ମାତ୍ର ସେସବୁ ଉତ୍ତର କେତେ ଅଂଶରେ ଅସଲ ସ୍ୱର? ସାହିତ୍ୟ ଏବେ ଯେଉଁଠି ମନର କଥା ଆଉ ମୁହଁର କଥା ମଧ୍ୟରେ ତାଳମେଳ ନରଖି କେବଳ ମଖମଲୀ ମୁଖାର କଥା ପାଲଟିଯାଇଛି, ସେଠି ପ୍ରଶ୍ନର ଓକାଲତ୍‌ନାମା ରଦ୍ଦ ଏବଂ ଉତ୍ତରଗୁଡ଼ାକ କାଠଗଡ଼ା ଡେଇଁ ଫେରାର୍ ଆସାମୀ। ଛାତିରେ ହାତ ଦେଇ ଆଜି କେତେଜଣ କହିବେ – ଆମେ ଲେଖୁଛୁ ଟୁକୁରାଟୁକୁରା ଭଙ୍ଗାସ୍ୱପ୍ନର ମାଆମାନଙ୍କ ପାଇଁ? ବାପମାଆଙ୍କ ରାଣ କାଇଁ କେତେଜଣ ଲେଖିକା ବି କହିବେ – ଆମେ ଲେଖୁଛୁ ଅମର୍ଯ୍ୟାଦାରେ ଭୂଲୁଣ୍ଠିତା ସେଇ ଭାଷାହୀନା ନ୍ୟାୟପ୍ରତୀକ୍ଷିତା ମହିଳାମାନଙ୍କ ପାଇଁ? ଦେଶର ନାରୀ ପାଇଁ ସାହିତ୍ୟରେ ଯଦି ସମ୍ମାନଜନକ ନାରା ନ ଶୁଭେ, ସେସବୁ ସାହିତ୍ୟ ନାଆଁରେ ଲେଖାଲେଖିଟା ତେବେ କାହାପାଇଁ ଆଉ କେତେଦିନ? ଆମର ସାହିତ୍ୟ ଏବେ ନୂଆ ପରିଭାଷାରେ ନାମିତ। ଆମେ ଆଉ ସାହିତ୍ୟ ନ କହି ସବୁଠି କହିଲୁଣି ଲେଖାଲେଖି। ଦୁଇଟାଯାକ ଏକାକଥା ନୁହେଁ ବୋଲି ମୋର ବିନମ୍ର ମତ। ସାହିତ୍ୟ କହିଲେ ଗୋଟିଏ ଯୋଗ, ଗୋଟିଏ ଜୀବନମାର୍ଗ, ଗୋଟିଏ ଏକାନ୍ନଭୋଜୀ ଅଭିବାଞ୍ଛନାଶ୍ରିତ ଅଭିବ୍ୟକ୍ତି – ଯାହା ବ୍ୟକ୍ତିକୁ ଲେଖକରେ ପରିଣତ କରୁକରୁ ପରିଶେଷରେ କରାଏ ସମୂହର ସଂବେଦନଶୀଳ ଅଂଶ – ବିଚ୍ଛିନ୍ନ ଏକକ ନୁହେଁ ମୋଟେ। ଯିଏ ଅସଲ ଲେଖକ ସେ କେଭେ ଲେଖେନାହିଁ କାହାପାଇଁ – କାରଣ ସେ ଯାହା ଲେଖେ ସେଥିରେ ସ୍ୱୟଂ ସମୟ ହିଁ ଲେଖିଚାଲୁଥାଏ ନିଜସ୍ୱକଥନ, ଅସମାପ୍ତ ଆତ୍ମଚରିତର ସୂକ୍ଷ୍ମ ଶ୍ରୁତଲିଖନ।

ଲେଖାଲେଖି କଥାଟା ସାହିତ୍ୟର ସଚ୍ଚା ନାମାନ୍ତର ନୁହେଁ। ଏଥିରେ ସାହିତ୍ୟଗତ ଦାୟିତ୍ୱ ଯେତେ ନାହିଁ, ସେତେ ଅଛି ଏକ ବ୍ୟକ୍ତିଗତ ସ୍ପୃହାର ଶାବ୍ଦିକ ସମରାଭ୍ୟାସ ମାତ୍ର। ଯୁଦ୍ଧ ନାହିଁ, ଶିବିର ନାହିଁ, ସାମ୍ମୁଖ୍ୟ ନାହିଁ, ଆହ୍ୱାନ ନାହିଁ – ଅଥଚ ଅଂଗୀକାରହୀନ ଏକ ଅଭ୍ୟାସର ଅଂଗଚାଳନା – ଆକାଶକୁ ଅସ୍ତ୍ରଉତ୍ତୋଳନ – ଶୂନ୍ୟତାକୁ ବଦ୍ଧମୁଷ୍ଟିପ୍ରଦର୍ଶନ। ସାହିତ୍ୟବୋଧ ଅପେକ୍ଷା ଏ ଧାରାରେ ଏବେ ଅନୁପ୍ରବେଶ କରିଛି ଅରୁଚିକର ଅନେକପ୍ରକାର ଆଭିମୁଖ୍ୟ – ଯେମିତି ମଂଚଦଖଲ, ପୁରସ୍କାରହାସଲ, ପ୍ରଶଂସାପତ୍ର/ମାନପତ୍ର ଆଦାୟର ନୟାନ୍ତ ନକଲ। ଏଇଭଳି ସ୍ଥୁଳ, ନ୍ୟସ୍ତସ୍ୱାର୍ଥ, ଇତର ପର୍ଯ୍ୟାୟକୁ ଆସି ସାହିତ୍ୟ ଯଦି ନିଜପାଇଁ ଏ ନୂତନ ନାମକରଣ ଏହି ଲେଖାଲେଖି ରୂପକ ବଜାରବୁଲା ବେଶପଟା ମଡ଼ାଇ କ୍ରମେ ଦେଖାଦେଖି, ଟେକାଟେକି ଆଦତ୍ ଆଦରିବସେ ଏବଂ ଭିତର ଫମ୍ପା ଥାଇ କେବଳ ବାହାରଟା ଚମ୍ପାରଙ୍ଗ ବୋଲି ବିକୃତିପୂର୍ଣ୍ଣ କୃତିପ୍ରକାଶର ପ୍ରକ୍ରିୟା ବଜାୟ ରଖେ, ତା'ହେଲେ ସେଠି ମୁଁ କେବଳ ଏତିକି ନମ୍ର ମତ ରଖିଯିବି ଯେ – ଏ ଲେଖାଲେଖି ଯେପରି କେବେ ବି ନହେଉ କାହାପାଇଁ! ଏପରି ଲେଖକଲେଖିକା ଆମ ସାହିତ୍ୟରୁଚିର ପରିପନ୍ଥୀ – ତେଣୁ ଯଥାଶୀଘ୍ର ପରିତ୍ୟଜ୍ୟ – ଅନ୍ତତଃ ଆମ ସାଂସ୍କୃତିକ ମୂଲ୍ୟବୋଧର ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିକୋଣରୁ।

# ବିଦେଶୀ ଦୃଷ୍ଟିରେ ଓଡ଼ିଆ ଭାଷା

ଭାଷା କଥା



ଡ଼. ଦେବାଶିଷ ମହାପାତ୍ର
ବରିଷ୍ଠ ଗବେଷକ
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର,
ସର୍ଦ୍ଦାର ପଟେଲ ହଲ୍,
ଭୁବନେଶ୍ୱର-୭୫୧୦୦୯
ମୋ-୬୩୭୨୦୮୨୬୯୦

ମାର୍ଚ୍ଚ ୧୧ ତାରିଖ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ। ୨୦୧୪ ମସିହା ମାର୍ଚ୍ଚ ମାସ ଏହି ଦିନକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିବସ ଭାବେ ଘୋଷଣା କରାଯାଇଛି। ଆମ ଦେଶ ଗୋଟିଏ ବହୁଭାଷୀ ଦେଶ। ବହୁଭାଷିକତା ଆମର ପରିଚୟ। ଏବେ ଆମ ଦେଶରେ ଏଗାରଟି ଭାଷା। ଶାସ୍ତ୍ରୀୟ ଭାଷା ପ୍ରଥମ ଶାସ୍ତ୍ରୀୟ ଭାଷାର ମାନ୍ୟତା ୨୦୦୪ ମସିହାରେ ତାମିଲ ଭାଷାକୁ ମିଳିଥିଲା। ୨୦୦୫ରେ ସଂସ୍କୃତ, ୨୦୦୮ରେ ଦୁଇଟି ଭାଷା ତେଲୁଗୁ ଓ କନ୍ନଡ଼, ୨୦୧୩ରେ ମାଲୟାଲମ୍ ଆଉ ୨୦୧୪ରେ ଓଡ଼ିଆ ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିଲା। ୨୦୨୪ ମସିହାରେ ବଙ୍ଗଳା, ମରାଠୀ, ଅସମୀୟା, ପାଲି ଓ ପ୍ରାକୃତକୁ ଭାରତ ସରକାର ଶାସ୍ତ୍ରୀୟ ଭାଷା ଭାବେ ଘୋଷଣା କରିବା ପରେ ଏବେ ଏହି ସଂଖ୍ୟା ୧୧ରେ ପହଞ୍ଚିଛି। ଆମେ ଆମ ଅସ୍ମିତା ଓଡ଼ିଆ ଭାଷା କଥା ଯଦି ବିଚାର କରିବା ତେବେ ଧଉଳି ଓ ଜଉଗଡ଼ ଶିଳାଲେଖଠୁ ଆରମ୍ଭ କରି ଶତାଧିକ ଶିଳାଲେଖ, ସନନ୍ଦ ବା ତାମ୍ରପତ୍ର ଓ ତାଳପତ୍ର ପୋଥିର ଅବଦାନ ଏହି ଶାସ୍ତ୍ରୀୟ ମାନ୍ୟତା ପଛରେ ପ୍ରମୁଖ ଭାବେ ଥିବା ଅନୁଭବ କରିହୁଏ। ସେମିତି ହୁଏନ୍‌ସାଙ୍ଗଠୁ ଟଲେମିଙ୍କ ପର୍ଯ୍ୟନ୍ତ ବହୁ ବିଦେଶୀ ପରିବ୍ରାଜକଙ୍କ ଭ୍ରମଣବୃତ୍ତାନ୍ତ ଆମ ଓଡ଼ିଆ ଭାଷାର ଗୌରବ ଗାଥା ବର୍ଣ୍ଣନା କରେ। ବହୁ ବିଦେଶୀ ଓ ବଙ୍ଗୀୟ ବିଦ୍ୱାନ୍ ଓଡ଼ିଆ ଭାଷାର ବିଶେଷତ୍ୱ ଓ ସ୍ୱାତନ୍ତ୍ର୍ୟର ଭୂୟସୀ ପ୍ରଶଂସା କରିଛନ୍ତି। ଆମସ୍ ସଟନ୍ (Amos Sutton) ଓଡ଼ିଆ ଭାଷାର ପ୍ରଥମ ମୁଦ୍ରିତ ବ୍ୟାକରଣ କରିଥିବା କଥା କୁହାଯାଏ। ୧୯୩୧ ମସିହାର ତାଙ୍କର ଏହି ରଚନା Introduction Grammar of the Oriya Language ରେ ସେ ଅକ୍ଷର, ଶବ୍ଦ ଓ ବାକ୍ୟ ଭେଦରେ ବ୍ୟାକରଣକୁ ତିନିଭାଗରେ ବିଭକ୍ତ କରିଛନ୍ତି। ଏହି ବହିରେ ସେ କହନ୍ତି, ଓଡ଼ିଆ ଅକ୍ଷର ଧ୍ୱନିସମ୍ମତ। ସେ ଓଡ଼ିଆ ଶବ୍ଦକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି- ଓଡ଼ିଆ ଶବ୍ଦ ଓ ସଂସ୍କୃତ ଶବ୍ଦ। ବିଶେଷ୍ୟ (Noun) ଓ ସର୍ବନାମ (Pronoun)କୁ ଗୋଟିଏ ଭାଗ ଓ ଅନ୍ୟାନ୍ୟ ଶବ୍ଦକୁ ଦ୍ୱିତୀୟ ଭାଗରେ ସ୍ଥାନ ଦେଇଛନ୍ତି। ଓଡ଼ିଆ କ୍ରିୟା(Verb)ର କାଳ ଓ ଶ୍ରେଣୀକୁ ସେ ସଂସ୍କୃତ ଆଧାରରେ ଲେଖିଛନ୍ତି।

ଓଡ଼ିଆ ଭାଷା ବିଷୟରେ ଆମ୍‌ସ ସଟନଙ୍କ ଆଲୋଚନା ଅନେକାଂଶରେ ତ୍ରୁଟିପୂର୍ଣ୍ଣ ଥିଲେ ବି ଜଣେ ବିଦେଶୀ ବିଦ୍ୱାନ ଭାବେ ଆମ ଭାଷାର ବ୍ୟାକରଣ ଓ ଅଭିଧାନ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ। ନ୍ୟାୟାଳୟଙ୍କର ଭୁବନାନନ୍ଦଙ୍କ ସହ ତାଙ୍କ ସଂକଳନ An Oriya Dictionary in Three Volumes, Vol-I English to Oriya (୧୮୪୧), Vol-II Oriya to Oriya (୧୮୪୨), Vol-III Oriya to English (୧୮୪୩) ହେଉ ଅଥବା କଟକର ଓଡ଼ିଶା ମିଶନ ପ୍ରେସ୍ ୧୮୪୪ ମସିହାରେ ଛାପିଥିବା "A Vocabulary of Current Sanskrit Terms with Oriya definitions" (Compiled for the use of Government Schools in Orissa) ହେଉ ସଟନ୍‌ଙ୍କ ଆଗ୍ରହ ଅଭିନନ୍ଦନୀୟ। ସେହିଭଳି ଇ.ସି.ବି. ହାଲେମ୍ ୧୮୭୪ ମସିହାରେ "Oriya Grammar for English Student" ଲେଖି କଲିକତା ସ୍କୁଲ୍ ବୁକ୍ ସୋସାଇଟି ଆନୁକୂଲ୍ୟରେ ଓଡ଼ିଶା ମିଶନ ପ୍ରେସରେ ଛାପିଥିଲେ। ଓଡ଼ିଆ ସ୍ୱର (Vowel) ଓ ବ୍ୟଞ୍ଜନ(Consonant)କୁ ସେ ଇଂରାଜୀ ଧ୍ୱନି ସାହାଯ୍ୟରେ ବୁଝାଇବାକୁ ପ୍ରୟାସ କରିଥିଲେ। ତାଙ୍କ ସମସାମୟିକ ବିଦେଶୀ ବିଦ୍ୱାନ୍ ଆଣ୍ଡ୍ରୁ ଷ୍ଟର୍ଲିଙ୍ଗ (Andrew Sterling) ମେନର୍ ମାର୍ଖାନ୍‌କିଟେ ଓ ଉଇଲିୟମ ହଣ୍ଟର ମଧ୍ୟ ବୈଜ୍ଞାନିକ ରୀତିରେ ଓଡ଼ିଆ ଭାଷା ଚର୍ଚ୍ଚାରେ ମନୋନିବେଶ କରିଥିବାର ପ୍ରମାଣ ମିଳେ। ପଞ୍ଜାବ, ବିହାର, ବଙ୍ଗଳା ଓ ଓଡ଼ିଶାର ବଡ଼ ବଡ଼ ପ୍ରଶାସନିକ ପଦ ମଣ୍ଡନ କରିଥିବା ଜନ୍ ବୀମ୍‌ସ (John Beams) ନିଜ ଆଗ୍ରହ, ଅଧ୍ୟୟନ ଓ ଅଧ୍ୟବସାୟ ପାଇଁ ଭାରତୀୟ ଆର୍ଯ୍ୟ ଭାଷା ଯେପରିକି ଓଡ଼ିଆ, ବଙ୍ଗଳା, ମରାଠୀ, ହିନ୍ଦୀ, ସିନ୍ଧୀ, ପଞ୍ଜାବୀ ଆଦି ଭାଷା ଉପରେ ଜ୍ଞାନ ଅର୍ଜନ କରିଥିଲେ। "Proceedings of Asiatic Soceity" ପୁସ୍ତକରେ ସେ "On the Relation of Oriya to other Modern" ଶୀର୍ଷକ ଗୋଟିଏ ଉଚ୍ଚକୋଟୀର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ କରି ଓଡ଼ିଆ ଭାଷା କିଭଳି ବୈଶିଷ୍ଟ୍ୟପୂର୍ଣ୍ଣ ତାହା ବୁଝାଇଛନ୍ତି। ଏହି ପ୍ରବନ୍ଧରୁ ତାଙ୍କର ଓଡ଼ିଆ ଭାଷାଜ୍ଞାନ ବିଷୟରେ ସ୍ପଷ୍ଟଭାବରେ ବୁଝିହୁଏ।

ଜନ୍ ବୀମ୍‌ସଙ୍କର ଭାଷାବିଜ୍ଞାନ ସମ୍ବନ୍ଧୀୟ ଏକ ଗବେଷଣା ଗ୍ରନ୍ଥ "A Comparative Grammar of Modern Aryan Languages of India"ର ପ୍ରଥମ ଭାଗ ୧୮୭୨, ଦ୍ୱିତୀୟ ଭାଗ ୧୮୭୫ ଓ ତୃତୀୟ ଭାଗ ୧୮୭୯ରେ ପ୍ରକାଶ ପାଇଥିଲା। ଏଥିରେ ସେ ଜଣେ ଭାଷାବିଜ୍ଞାନୀ ଭାବେ ଓଡ଼ିଆ ସମେତ ବଙ୍ଗଳା, ମରାଠୀ, ଗୁଜରାଟୀ, ପଞ୍ଜାବୀ, ହିନ୍ଦୀ ଓ ସିନ୍ଧୀ ଭାଷାର ବ୍ୟାକରଣ ତୁଳନାତ୍ମକ ଭାବେ ଉପସ୍ଥାପନ କରିଛନ୍ତି। ଆଉ ଯେତେ ଭାଷା ଶିଖୁଛ ଶିଖ, ନିଜ ମାତୃଭାଷା ମହତ ରଖ- ଏ କଥା କହି ଆମକୁ ସଚେତନ କରିଥିବା ଓଡ଼ିଆ କଥା ସାହିତ୍ୟର ପ୍ରଣମ୍ୟ ପୁରୁଷ ଫକୀରମୋହନ ସେନାପତି ତାଙ୍କ 'ଆତ୍ମଜୀବନୀ ଚରିତ'ରେ ଲେଖିଛନ୍ତି ଯେ ବୀମ୍ ସାହେବ ବାଲେଶ୍ୱର ଜିଲ୍ଲାର କଲେକ୍ଟର ଥିବାବେଳେ ଏହି ଗ୍ରନ୍ଥ ରଚନା କରିଥିଲେ। ଜନ୍ ବୀମ୍‌ସ ଓଡ଼ିଆ ଭାଷାର ପ୍ରକୃତି, ପ୍ରବୃତ୍ତି, ଧ୍ୱନି ଓ ସୃଜନ ପ୍ରକ୍ରିୟାକୁ ଏଥିରେ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରି ଓଡ଼ିଆ ତାଳପତ୍ର ପୋଥିର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି ଯେ, ଲୌହଲେଖନୀରେ ତାଳପତ୍ର ଉପରେ ତ୍ରିକୋଣାକାର ବା ଚତୁଷ୍କୋଣାକାର ଅକ୍ଷର ଲେଖିଲେ ପତ୍ର ଚିରିଯିବାର ଆଶଙ୍କା ଥିବାରୁ ଓଡ଼ିଆ ଲିପିମାଳା ବର୍ତ୍ତୁଳାକାର ହୋଇଅଛି। ଆଉ ଜଣେ ବିଦେଶୀ ବିଦ୍ୱାନ୍ ସାର୍ ହଗମାକ୍ ଫର୍ସନ୍ ମଧ୍ୟ ତାଙ୍କୁ ଏ ଦିଗରେ ସମର୍ଥନ କରିଥିଲେ। ତାଙ୍କ ମତ ଥିଲା 'ଓଡ଼ିଆ ଭାଷା ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଅଧିକ ମୌଳିକ, ସମୃଦ୍ଧ ଓ ପୂର୍ଣ୍ଣାଙ୍ଗ। Oriya is a perfectly self contained and independent members of the family. ସାର୍ ଜର୍ଜ ଆବ୍ରାହମ୍ ଗ୍ରୀୟରସନ୍ ଓଡ଼ିଆ ଭାଷାର ବିଶେଷତ୍ୱ ବଖାଣିଥିବା ଆଉ ଜଣେ ବରେଣ୍ୟ ବିଦେଶୀ ବିଦ୍ୱାନ୍। ସେ ବ୍ରିଟିଶ ରାଜୁତି ବେଳେ ଭାରତରେ ପ୍ରଶାସକ ଥିବାବେଳେ ନିଜ ଆଗ୍ରହରୁ ଭାରତୀୟ ଭାଷା, ସାହିତ୍ୟ, ବ୍ୟାକରଣ ଓ ଭାଷାବିଜ୍ଞାନ ଅଧ୍ୟୟନ ସହ ଏ ବାବଦରେ ଆଲୋଚନା କରିଥିଲେ। ଭାରତୀୟ ଭାଷାଗୁଡ଼ିକରେ ବ୍ୟାକରଣଗତ, ଐତିହାସିକ, ବର୍ଣ୍ଣନାତ୍ମକ ଓ ତୁଳନାତ୍ମକ ଅଧ୍ୟୟନର ଫଳସ୍ୱରୂପ ୧୧ଖଣ୍ଡରେ ପ୍ରକାଶ କରିଥିଲେ Linguistic Survey of India। ଏହାକୁ ସଂକ୍ଷେପରେ LSI କୁହାଯାଏ। ଭାଷା ଚର୍ଚ୍ଚା ଓ ଅନୁଶୀଳନ କାଳରେ ଆଜି ବି ଭାରତର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏହା ଏକ ପ୍ରମୁଖ ସହାୟକ ସଂପଦ।

୧୮୭୩ ମସିହାରୁ ୧୯୨୭ ପର୍ଯ୍ୟନ୍ତ ଦୀର୍ଘବର୍ଷର ଅନୁଧାନ ଓ ଅଧ୍ୟୟନ ପରେ ଭାରତୀୟ ଭାଷା ସମୂହର ଏହି ସର୍ବବୃହତ୍ ଗବେଷଣା ଗ୍ରନ୍ଥ ପ୍ରକାଶ କରିଥିଲେ ଯେଉଁଥିରେ କି ୧୨୯ଟି ଭାଷା (Language) ଓ ୫୪୪ଟି ଉପଭାଷା (Dialect) ସଂପର୍କରେ ତଥ୍ୟମୂଳକ ବର୍ଣ୍ଣନା ରହିଛି। ଖଣ୍ଡଓର ପଞ୍ଚମ ଖଣ୍ଡ (Vol.V)ରେ ଗ୍ରୀୟରସନ୍ ଓଡ଼ିଆ ଭାଷାର ଭାଷାତାତ୍ତ୍ୱିକ ଅଧ୍ୟୟନ ସହ ଇତିହାସର ତଥ୍ୟ ଓ ସତ୍ୟ ଆଧାରରେ ଐତିହାସିକ ଅନୁଶୀଳନ କରିଛନ୍ତି। ଓଡ଼ିଆ ଭାଷାବର୍ଗର ପରମ୍ପରା, ଓଡ଼ିଆ ଭାଷାର ଇତିହାସ ସହ ପୂର୍ବାଞ୍ଚଳ ଭାଷାରେ ଓଡ଼ିଆ ଭାଷାକୁ ଉଚ୍ଚ ଆସନ ଦେଇଛନ୍ତି। ଓଡ଼ିଆ ବ୍ୟାକରଣର ବୈଶିଷ୍ଟ୍ୟ ବିଚାର କରିବାକୁ ଯାଇ ବିଶେଷ୍ୟ, ସର୍ବନାମ, କ୍ରିୟାପଦ, କାରକ ଆଦି ନାନା କଥା ଆଲୋଚନା କରିଛନ୍ତି। ଶବ୍ଦସମ୍ଭାର ଦୃଷ୍ଟିରୁ ବହୁଭାଷାଠାରୁ ଓଡ଼ିଆ ଭାଷାର ସ୍ଥାନ ଅତି ଉଚ୍ଚରେ ବୋଲି ସେ ଦୃଢ଼ ମତ ଦେଇଛନ୍ତି। MoMotilal Banarsi Das, 1903ରେ ପ୍ରକାଶ କରିଥିବା Linguistic Survey of India, Vol.V, Part-II ଏ ଦିଗରୁ ଦ୍ରଷ୍ଟବ୍ୟ। ବହୁ ବିଦେଶୀ ବିଦ୍ୱାନ ଆଜି ବି ଓଡ଼ିଆ ଭାଷା ଉପରେ ଚର୍ଚ୍ଚା କରୁଛନ୍ତି। ଏହି ଲେଖକ ଏକଥା ଉତ୍ତର ଆଫ୍ରିକାର ଓମର.ଅଲ୍. ମୁଖତାର ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କାଳରେ ଲକ୍ଷ୍ୟ କରିଛି ବେଂଘାଜି ଓ ଗାରୟୁନିସ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାର ତୁଳନାତ୍ମକ ଚର୍ଚ୍ଚା କିଭଳି ହୋଇଛି। ଲଣ୍ଡନର ସ୍କୁଲ୍ ଅଫ୍ ଓରିଏଣ୍ଟାଲ୍ ଆଣ୍ଡ୍ ଆଫ୍ରିକାର ଷ୍ଟଡ଼ିଜରେ ୧୯୫୯ ମସିହାରୁ ଓଡ଼ିଆ ଭାଷା ଉପରେ ମଧ୍ୟ ଅଧ୍ୟୟନ ଗବେଷଣା ଚାଲିଛି। ଜନ୍ ବୋଲ୍‌ଟନ ନାମକ ବିଦେଶୀ ବିଦ୍ୱାନ ବି ଲଣ୍ଡନରୁ ଓଡ଼ିଆ ଆସି ଓଡ଼ିଆ ଭାଷା ଉପରେ ଦୀର୍ଘଦିନ କାମ କରିଥିଲେ। ଫକୀରମୋହନଙ୍କ ଉପରେ ଗବେଷଣାତ୍ମକ ପ୍ରବନ୍ଧ ରଚନା କରି ସେ ଆଜି ବି ପ୍ରଶଂସାର ପାତ୍ର। ଡେନ୍‌ମାର୍କର ଏ. ଆଣ୍ଡରସେନ ନାମକ ଜଣେ ବିଦ୍ୱାନ ଦକ୍ଷିଣ ଓଡ଼ିଶାରେ ମିଶନାରୀ କାମ କରି ୧୯୫୯ରେ ପ୍ରକାଶ କରିଥିଲେ 'A Grammnar of the Oriya Language'। ଯୁକ୍ତରାଷ୍ଟ୍ର ଆମେରିକାର କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଯେଉଁଠାରୁ ଆମ ଭାଷାକୁ ଶାସ୍ତ୍ରୀୟ ଭାଷା ଦେବାରେ ପ୍ରମୁଖ ବିନ୍ଧାଣୀ, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସର୍ବୋଚ୍ଚ ପୁରସ୍କାର ପାଇଥିବା ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସର୍ବକନିଷ୍ଠ ଭାରତୀୟ ଭାଷା ଗବେଷକ ଭାବେ ନିଜ ଗବେଷଣା ସନ୍ଦର୍ଭ Controlled Historical Reconstruction of Oriya, Assamese, Bengali and Hindi ପାଇଁ ଡକ୍ଟରେଟ ଡିଗ୍ରୀ ପାଇଥିଲେ ସେହି ବିଶ୍ୱବିଦ୍ୟାଳୟରେ ଜଣେ ବିଦେଶୀ ବିଦ୍ୱାନ ଡନ୍ ମାଟ୍‌ସେନଙ୍କ ଉଦ୍ୟମକ୍ରମେ ୧୯୬୪ ମସିହାରୁ ଓଡ଼ିଆ ଭାଷା ଅଧ୍ୟୟନ ଆରମ୍ଭ ହୋଇଛି। ସେ ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ସେହି ଯୋଜନାର ଫଳସ୍ୱରୂପ ଉଇସ୍‌କନ୍‌ସିନ ବିଶ୍ୱବିଦ୍ୟାଳୟ ସହଯୋଗରେ ସାତଖଣ୍ଡ ଗ୍ରନ୍ଥ ପ୍ରକାଶ ପାଇଛି। ସ୍ୱାଧୀନତା ପୂର୍ବବେଳର କଥା ଦେଖିଲେ ୧୮୭୪ ମସିହାରେ ଟି.କେ. ମାଲଟବୀ ଓଡ଼ିଶାରେ ଥିବା ଇଂରେଜମାନଙ୍କୁ ସୁବିଧାର୍ଥେ 'Practical Hand Book of the Oriya or Odiya Language' ନାମରେ ଏକ ବହି ବାହାର କରିଥିଲେ, ଯାହା ପାଞ୍ଚଭାଗରେ ବିଭକ୍ତ ଥିଲା। ଏହା ସେସମୟରେ ବିଦ୍ୟାଳୟଗୁଡ଼ିକରେ ସ୍କୁଲପାଠ୍ୟ ଭାବେ ପଠନ କୌଶଳଶିକ୍ଷା ଭାବେ ପ୍ରଚଳିତ ଥିଲା। ସେହିଭଳି ୧୯୧୨ ମସିହାରେ ଏ.ଏଚ୍.ୟଙ୍ଗ୍ ନାମକ ଜଣେ ବ୍ୟକ୍ତି ଓଡ଼ିଆ ଭାଷା ଶିଖିବାକୁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ 'The First Lessons in Oriya' ପୁସ୍ତକ ପ୍ରକାଶ କରିଥିଲେ। ୧୯୧୬ ମସିହାରେ ବି ଓଡ଼ିଆ ଭାଷା ଶିକ୍ଷା ପାଇଁ ସରକାରୀ ସ୍ତରରେ ଏକ ବହି ବାହାରିଥିଲା। ତେବେ ଖାଲି ଇଂଲଣ୍ଡ କି ଆମେରିକା ନୁହେଁ, ତତ୍କାଳୀନ ସୋଭିଏତ୍ ଦେଶର ରାଜଧାନୀ ମସ୍କୋର ବି.ଏମ୍.ପୁଷ୍କିନ୍ 'ଯାଜିକ୍ ଓଡ଼ିଆ' ପୁସ୍ତକ ଓଡ଼ିଆ ଭାଷାର ବିଶେଷତ୍ୱକୁ ନେଇ ପ୍ରକାଶ କରିଥିଲେ। ବ୍ୟୁକୋଭା ଓ ଏଲିଜାରେକୋଭା, ଦୁହେଁ ଭାରତୀୟ ଭାଷାଗୁଡ଼ିକର ତୁଳନାତ୍ମକ ଅଧ୍ୟୟନରେ ଓଡ଼ିଆର ବ୍ୟବହାର ସହ ଏହାର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି ବୋଲି ଦେବୀପ୍ରସନ୍ନ ପଟ୍ଟନାୟକ ତାଙ୍କର 'ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ' ବହିର ପୃଷ୍ଠା୪୦ରେ ସ୍ପଷ୍ଟ ଲେଖିଛନ୍ତି।ବିଦେଶୀ କଲମରେ ଓଡ଼ିଆ ଭାଷା କଥା ଲେଖିଲାବେଳେ ମସ୍କୋର ଏମ୍.ବାରିସ କାର୍ପୁସ୍କିନଙ୍କ Yanik Oriya (୧୯୬୪), ଏନ୍. ମାକ୍‌ଫରସନଙ୍କ 'The Oriya Alphabet' (୧୯୨୪), ୧୯୭୧ରେ ମିଚିଗାନ୍ ବିଶ୍ୱବିଦ୍ୟାଳୟ ଛାପିଥିବା ଏମ୍. ଡାନ୍ ମାଟସନଙ୍କ Introduction to Oriya, the Oriya Writing System' ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ପ୍ରେସ୍ ୧୯୫୩ରେ ପ୍ରକାଶ କରିଥିବା ଡବ୍ଲ୍ୟୁ.ଏସ୍. ଆଲେନ୍‌ଙ୍କ 'Phonetics in Ancient India' ୧୯୮୦ରେ ଲଣ୍ଡନରୁ ପ୍ରକାଶ ପାଇଥିବା 'A Comparative Grammar of the Gaudian Languages', ଟି.ଜେ. ମାଲ୍‌ଟବୀଙ୍କ ୧୮୭୪ରେ ପ୍ରକାଶିତ 'The Practical Hand Book of Oriya in Oriya Language', ୧୮୩୧ରେ କଲିକତାର ବାପ୍ଟିଷ୍ଟ ମିଶନ ପ୍ରକାଶ କରିଥିବା ଆମସ୍ ସଟନ୍‌ଙ୍କ 'Introductory Grammar of Oriya Language' ଭଳି ବହୁ ଲେଖା ଆମକୁ ଆମ ଭାଷାର ଇତିହାସ, ବିଶେଷତ୍ୱ, ସ୍ୱାତନ୍ତ୍ର୍ୟ ସୂଚେଇବା ସହ ଏହାର ବ୍ୟାକରଣଗତ ବୈଶିଷ୍ଟ୍ୟ କଥା କହେ। ବିଦେଶୀ ବିଦ୍ୱାନଗଣ ସେସମୟର ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ହେଉ ଅଥବା ନିଜର ଅଧ୍ୟୟନ, ଅଧ୍ୟବସାୟ, ଅନୁଶୀଳନ ହେତୁ ହେଉ ଆମ ଭାଷାର ଧ୍ୱନି, ଶବ୍ଦ, ବାକ୍ୟ, ଅର୍ଥ, ବ୍ୟବହାର ବିଷୟରେ ବିଶଦ ଆଲୋଚନା କରିବା ସହ ଭାରତୀୟ ଆର୍ଯ୍ୟ ଭାଷା ପରିବାରରେ ଆମ ଓଡ଼ିଆ ଭାଷା କିଭଳି ଉଚ୍ଚାରଣ ଓ ଲିଖନ ଦୃଷ୍ଟିରୁ ଅନ୍ୟ ଭାଷାଗୁଡ଼ିକ ତୁଳନାରେ ଏକ ପ୍ରାଚୀନ ଓ ପୂର୍ଣ୍ଣାଙ୍ଗ ଭାଷା ତା'ର ପ୍ରମାଣ ପ୍ରଦାନ କରିଛନ୍ତି। ଶାସ୍ତ୍ରୀୟ ଭାଷା ଦିବସ ପାଳନ ଅବସରରେ ସେହି ବରେଣ୍ୟ ବିଦେଶୀ ବିଦ୍ୱାନବର୍ଗଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରି ସେମାନଙ୍କର ଏହି ଅବଦାନ ପାଇଁ କୃତଜ୍ଞ ଓଡ଼ିଆଜାତିର ଶ୍ରଦ୍ଧାସୁମନ ଅର୍ପଣ କରୁଛି।

# ଆଜିର ଦିନ ଜ୍ଞାନ, ବିଜ୍ଞାନ ଓ ସମୟର ଏକ ଅପୂର୍ବ ସଙ୍ଗମ



ଡ଼ା. ଦେବୀ ପ୍ରସାଦ ମିଶ୍ର
ପ୍ରାକ୍ତନ ବରିଷ୍ଠ ଶିକ୍ଷକ, ପି.ଏମ୍.
ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ
ମୋ : ୭୦୦୮୯୫୯୯୪୫

ସମୟର ଅନନ୍ତ ସ୍ରୋତରେ ପ୍ରତିଟି ଦିନ ଏକ ନୂତନ ସମ୍ଭାବନା ଓ ସ୍ମୃତିର ବାର୍ତ୍ତା ନେଇ ଆସିଥାଏ। ଆଜି ମାର୍ଚ୍ଚ ମାସର ୧୪ ତାରିଖ, ଯାହା ବିଶ୍ୱ ଇତିହାସ, ବିଜ୍ଞାନ ଏବଂ ସଂସ୍କୃତି କ୍ଷେତ୍ରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ଆଜିର ଦିନଟିକୁ ସମଗ୍ର ବିଶ୍ୱ ଆନ୍ତର୍ଜାତୀୟ ଗଣିତ ଦିବସ ଏବଂ ପ୍ରସିଦ୍ଧ 'ପାଇ' ଦିବସ ଭାବେ ପାଳନ କରେ। 'ପାଇ' ଅର୍ଥାତ୍ ଶକ୍ତି ହେଉଛି ବସ୍ତୁତ୍ୱ ଓ ଆଲୋକର ପରିବେଗର ବର୍ଗର ଗୁଣଫଳ ସହ ସମାନ। ଏହାହିଁ ହେଉଛି ଆଧୁନିକ ପଦାର୍ଥବିଜ୍ଞାନର ଏକ ମୂଳ ଆଧାର। ୧୯୨୧ ମସିହାରେ ସେ ଫଟୋଇଲେକ୍ଟ୍ରିକ୍ ପ୍ରଭାବର ବ୍ୟାଖ୍ୟା ପାଇଁ ନୋବେଲ ପୁରସ୍କାର ପାଇଥିଲେ।

ସେହିପରି ୨୦୧୮ ମସିହାର ଆଜିର ଦିନ ଆଧୁନିକ ପଦାର୍ଥ ବିଜ୍ଞାନର ଅନ୍ୟତମ ବିସ୍ମୟ ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗଙ୍କର ଶ୍ରାଦ୍ଧ ଦିବସର ସ୍ମୃତି ମଧ୍ୟ ଉଲ୍ଲେଖନୀୟ। ସେ ୨୦୧୮ ମସିହା ମାର୍ଚ୍ଚ ୧୪ରେ ପରଲୋକଗମନ କରିଥିଲେ। ହକିଂ ମହାକାଶ ଓ କୃଷ୍ଣ ଗର୍ତ୍ତ (ବ୍ଲାକ୍‌ହୋଲ୍) ସମ୍ପର୍କିତ ଗବେଷଣାରେ ନୂତନ ଧାରଣା ଦେଇଥିଲେ। ତାଙ୍କ "Hawking Radiation" ସିଦ୍ଧାନ୍ତ ଦେଖାଇଥିଲା ଯେ ବ୍ଲାକ୍‌ହୋଲ୍‌ମାନେ ମଧ୍ୟ ଶକ୍ତି ଉତ୍ସର୍ଜନ କରିପାରନ୍ତି। ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ସମୟର ସଂକ୍ଷିପ୍ତ ଇତିହାସ ସମ୍ପର୍କରେ ବିଜ୍ଞାନକୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିଥିଲା। ଏହିପରି ଭାବରେ ପାଇ ଦିବସ ଗଣିତ ଓ ବିଜ୍ଞାନର ଉନ୍ନତିକୁ ସ୍ମରଣ କରାଇ ଆମକୁ ଜ୍ଞାନ ଓ ଗବେଷଣା ପ୍ରତି ପ୍ରେରଣା ଦେଇଥାଏ। ବିଜ୍ଞାନର ଦୁଇଟି ଯୁଗାନ୍ତକାରୀ ପ୍ରତିଭାଙ୍କ ଜନ୍ମ ଓ ମୃତ୍ୟୁର ଏହି ସଂଯୋଗ ସତେ ଯେମିତି ବିଶ୍ୱବ୍ରହ୍ମାଣ୍ଡର ଏକ ସୁଚିନ୍ତିତ ଗଣିତ ଓ ବିଜ୍ଞାନର ଅପୂର୍ବ ସଂଯୋଗ। ଭାରତୀୟ ପରିପ୍ରେକ୍ଷୀରେ, ଆଜିର ଦିନଟି ସାଂସ୍କୃତିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ।୧୯୩୧ ମସିହାର ଆଜିର ଦିନରେ ଭାରତର ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲାମ ଆରା' ମୁକ୍ତିଲାଭର ସ୍ମୃତି ଜଡ଼ିତ ଯାହା ଭାରତୀୟ ସିନେମା ଜଗତରେ ଏକ ଶବ୍ଦର ବିପ୍ଳବ ଆଣିଥିଲା। ଏହା ବ୍ୟତୀତ, ମଣିପୁରର 'ଲୌହ ମାନବୀ' ଇରୋମ ଶର୍ମିଲାଙ୍କ ଜନ୍ମଦିନ ଏବଂ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜୟ ନାରାୟଣ ବ୍ୟାସଙ୍କ ସ୍ମୃତି ଚାରଣ ଦିବସ ମଧ୍ୟ ଆଜିର ଦିନର ସ୍ମୃତି ସହ ଜଡ଼ିତ। ଆମ ଓଡ଼ିଶା ମାଟିର ଇତିହାସକୁ ଦେଖିଲେ,୧୯୪୬ ମସିହାର ଏହି ସମୟଟି ଓଡ଼ିଶାର ଜଳସେଚନ ଓ ପ୍ରଗତିର ପ୍ରତୀକ ହୀରାକୁଦ ବନ୍ଧର ଭିତ୍ତିପ୍ରସ୍ତର ସ୍ଥାପନ ସହ ଜଡ଼ିତ। ଆଜିର ଦିବସ ଆମକୁ ଜ୍ଞାନର ବିଭିନ୍ନ ଶାଖା ଯଥା ଗଣିତ, ଚଳଚ୍ଚିତ୍ର ଓ ମାନବିକ ଅଧିକାର ପ୍ରତି ସଚେତନ କରାଏ। ଆସନ୍ତୁ, ଆମେ ସମସ୍ତେ ଆଜିର ଏହି ଶୁଭ ଦିନରେ ବିଜ୍ଞାନର ଯୁକ୍ତି ଓ ଗଣିତର ଶୃଙ୍ଖଳାକୁ ଆପଣାଇ ଏକ ପ୍ରଗତିଶୀଳ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହେବା। ଜ୍ଞାନ ହିଁ ପ୍ରକୃତ ଶକ୍ତି ଏବଂ ଇତିହାସର ଏହି ପୃଷ୍ଠାଗୁଡ଼ିକ ଆମ ପାଇଁ ଅନନ୍ତ ପ୍ରେରଣାର ଉତ୍ସ। ଏହାହିଁ ବାସ୍ତବିକ୍ ଜ୍ଞାନ,ବିଜ୍ଞାନ ଓ ସମୟର ଏକ ଅପୂର୍ବ ସଙ୍ଗମ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

## ଗପ ହେଲେ ବି ସତ



ତା ୧୨।୩।୨୦୨୬ ରିଖ ସମୟ ପ୍ରାୟ ଦିନ ୧୨ ଟା। ମୁଁ ଠିଆ ହେଇଥିଲି ଧାଡି ବାନ୍ଧି କେନ୍ଦ୍ର ସରକାରଙ୍କ ପରିଚାଳିତ, ଭୁବନେଶ୍ୱର ଖାରବେଳ ସ୍ଥିତ ୩ ନମ୍ବର ସ୍ୱାସ୍ଥ୍ୟକେନ୍ଦ୍ରରେ । ମୋ ଆଗରେ ଠିଆ ହୋଇଥିଲେ ପ୍ରାୟ ୮୫ ବର୍ଷର ମାଧବାନନ୍ଦ ମିଶ୍ର (ଛଦ୍ମ ନାମ ) ।

ଗତ ୧୦।୩।୨୦୨୬ ତାରିଖରେ ନିଜର ଔଷଧ ପାଇଁ ଆସିଥିଲେ । ବୋଧେ ଡାକ୍ତର ବାବୁ ତାଙ୍କୁ କହିଥିଲେ ୧୩ ତାରିଖରେ ଆସି ଔଷଧ ନବାପାଇଁ । ସ୍ମୃତି ଭ୍ରମ ଯୋଗୁ ୧୨ ତାରିଖକୁ ୧୩ ଭାବି ଅଟୋ ଭଡା କରି ଆଜି ଔଷଧ ନବାପାଇଁ ବ୍ୟାଗ ଖଣ୍ଡେ ଧରି ଧାଇଁଆସିଥିଲେ, ବଙ୍କୁଲି ବାଡ଼ିଟେ ଧରି।

ଫାରମାସିଷ୍ଟ ଯେତେବେଳେ ତାଙ୍କ ଔଷଧ ଆଜି ମିଳିବ ନାହିଁ ବୋଲି କହିଦେଲେ, ମନ ଦୁଃଖରେ ପଛକୁ ଧୀରେ ଧୀରେ ନିଜ ବାଙ୍କୁଲି ବାଡ଼ିଟି ଧରି ଚାଲିଗଲେ ଆଉ କାଲି ପୁଣି କଷ୍ଟ କରି ଆଉଥରେ ଆସିବା ତାଙ୍କୁ କେତେ କଷ୍ଟ ହେବ ଆମକୁ କହିବାକୁ ଆରମ୍ଭ କଲେ ।

ମୁଁ ଟିକେ ସାନ୍ତ୍ୱନା ଦବା ବାହାନାରେ କହିଲି- 'ମଉସା, କାଲି ନିଜେ ନଆସି କାହାକୁ ଏ ସ୍ଲିପ୍‌ଟା ଦେଇ ପଠେଇ ଦେଲେ ସିଏ ଔଷଧ ନେଇ ଆପଣଙ୍କୁ ଦେଇଦବ ।'

ସେଇ କଥା ପଦକ ତାଙ୍କ ମନର କବାଟଟାକୁ ହଠାତ୍ ଖୋଲିଦେଲା ।

ଆମ ସମସ୍ତଙ୍କୁ କହିଲେ- ସ୍ତ୍ରୀ ଆର ପାରିକୁ ଚାଲି ଗଲାଣି । ପୁଅ ମୋର ଗୋଟିଏ । ତାରି ପାଖରେ ରହୁଛି । ସିଏ ବିବାହିତ । ଜୀବନରେ ବହୁତ କଷ୍ଟ କରି ଘର ବସେଇଲି, ଘର ସମ୍ଭାଳିଲି, ପୁଅକୁ ବହୁତ କଷ୍ଟ କରି ବହୁତ ପାଠ ପଢେଇଲି । ସିଏ ଏବେ ଗୋଟେ ବଡ କମ୍ପାନୀରେ ବଡ଼ ଅଫିସର୍‌ଟେ । ବୋହୂ ବି ଚାକିରିଆ ।

ତାଙ୍କରି ଆଶ୍ରାରେ ଅଛି ସିନା ମୋ ନିଜ କାମକୁ ମୁଁ କଷ୍ଟେମଷ୍ଟେ ନିଜେ କରେ । କୁଆଡ଼େ ବାହାରକୁ ଗଲେ ନିଜେ ଅଟୋ ମଗେଇ ଯିବା ଆସିବା କରେ ।

ଏଇ ଅଳ୍ପ ଦିନର କଥା .. ବାହାରେ ଅଟୋ ଠିଆ ହେଇଛି- ମନେ ପଡ଼ିଗଲା ବାହାରକୁ ଯିବା ପାଇଁ ପାଣି ବୋତଲଟେ ଦରକାର । ଘର ଭିତରକୁ ଜୋର୍ ଜୋର୍‌ରେ ଯାଇ ପାଣି ବୋତଲଟା ଧରି ବାହାରକୁ ଆସିବା ବେଳକୁ କିଛି ପାଣି ଛିଟ୍‌କା, ଘର ପୋଛିଥିବା କାମବାଲି ଉପରେ ପଡ଼ିଗଲା । ସିଏ ଏ ବୁଢ଼ାର ଅନ୍ୟମନସ୍କତା ହେତୁ ତୁନି ରହିବ କ'ଣ, ହଠାତ୍ ମୋ' ଉପରେ ଚିତ୍କାର କରିଉଠିଲା । ପୁଅ ମୋର ଘରେ ଥିଲା, ଏ ବଡ଼ ପାଟି ଶୁଣି ତା' କୋଠରୀ ବାହାରକୁ ଚାଲି ଆସିଲା । ଦୁଇ ଜଣଙ୍କ ଠାରୁ ସବୁ ଶୁଣିଲା ପରେ ଯାହା କହିଲା ସେଇଟା ମୋ' ହୃଦୟକୁ ବିଦାରିତ କରିଦେଲା, ମନ ମୋର ଚୁର୍‌ମାର୍ ହୋଇଗଲା । ବୁଢ଼ା ବାପାକୁ ସାନ୍ତ୍ୱନା କ'ଣ ଦବ ? କାମବାଲୀକୁ ନିର୍ଦ୍ଦେଶ ଦେଲା- 'କାଲିଠୁ ବାପାଙ୍କୁ ଏ ମୋ' କୋଠରୀ ସାମ୍ନାରେ ଯିବାକୁ ଦବୁନି ।'

ଏ ସବୁ ହୃଦୟ ବିଦାରକ ସତ ଘଟଣାଟିଏ ଜଣେ ଅତିବୃଦ୍ଧଙ୍କ ଠାରୁ ଶୁଣିବା ପରେ ଆମେ ସମସ୍ତେ କାହାକୁ ଦୋଷ ଦବୁ ଜାଣିପାରିଲୁନି । ଆଜି କାଲିର ଯୁବ ସମାଜକୁ । ଆମ ନୈତିକ ଶିକ୍ଷା-ବିହୀନ-ଶିକ୍ଷା ବ୍ୟବସ୍ଥାକୁ ନା ମଣିଷ ଶରୀରରେ ଥିବା ଟେସେସ୍‌ଟ୍ରୋନ୍ ହରମୋନ୍‌କୁ ?

*ମୋ-୯୪୩୯୪୯୦୦୦୯*

## ଜୀବନ ସଂଗୀତ

*ଶରତ ଦାଶ*



ଜୀବନ ଏମିତି ଅନୁଭବ ଏକ
ଜିଇଁଥିଲେ ପଡେ ଜଣା
ମରଣର ଚିନ୍ତା କରଇ ହୀନସ୍ଥା
ପ୍ରାଣ ହୁଏ ବାଟବଣା ।।
ଜୀବନ ଏମିତି ସୁବାସ ଯାହାର
ଗନ୍ଧ ବିଚିତ୍ର ଅଦ୍ଭୁତ
କରିଲେ ଆଘ୍ରାଣ ତନୁମନପ୍ରାଣ
ସବୁ ହୁଏ ଉଲ୍ଲସିତ ।।
ଜୀବନ ଏମିତି ଅଭିନୟ ଏକ
ମୋହ ମାୟା ରଙ୍ଗଭରା
କେବେ ସେ ହସାଏ କେବେ ସେ କନ୍ଦାଏ
ଦିବସେ ଦେଖାଏ ତାରା ।।
ଜୀବନ ଏମିତି ଦୁଷ୍ପ୍ରାପ୍ୟ କୁସୁମ
ପରମାୟୁ ଯାର କ୍ଷୀଣ
ମାୟାମୋହେ ବୁଡି ହରାଏ ସର୍ବସ୍ୱ
ହୁଏ ରଙ୍ଗବାସ୍ନାହୀନ ।।
ଜୀବନ କାପାଇଁ ଅମୃତର ସ୍ୱାଦ
କାହା ପାଇଁ ହଳାହଳ
କାହାକୁ ହସାଏ କାହାକୁ କନ୍ଦାଏ
ନାହିଁ କିଛି ଥଳକୂଳ ।।
ମାନବ ଜୀବନ ଅତୀବ ମହାନ
ଶାସ୍ତ୍ର କହେ ବାରମ୍ବାର
କାହିଁକି ତାହାକୁ କରିବା ନିଉନ
ସ୍ୱାର୍ଥରେ ହୋଇ ଅଧୀର ।।
ଆସ ସର୍ବେ ମିଳି ଜୀବନସଙ୍ଗୀତ
ଗାଇବା ମଧୁର ସ୍ୱରେ
ସ୍ୱର୍ଗ ଆଣିବା ଧରଣୀବକ୍ଷେ
ମରଣ ହଟାଇ ଦୂରେ ।।

*ଭୁବନେଶ୍ୱର*

## ବାଟୋଇ

*ସତ୍ୟନାରାୟଣ ପ୍ରଧାନ*

ସକାଳକୁ ସେଇ ଗୋଟିଏ ଭାବନା
ପେଟକୁ ମୁଠାଏ ଦାନା
ସାତ ସିଆଁ ଫଟା କାମିଜ ଭରଷା
ଦେହ ଢାଙ୍କେ ସେଇ କନା ।।

ଖରା ବର୍ଷା ଶୀତ ତାର ଚିରସାଥୀ
ତଥାପି ଛୁଇଁନି ଦୁଃଖ
ଆଖିର ଲୁହକୁ ସମୁଦ୍ରରେ ଫିଙ୍ଗି
ଗୋଟାଇ ଚାଲେ ସେ ସୁଖ ।।

ଭେଦ ଭାବ ଦୂର ଆପଣା କି ପର
ପୃଥିବୀଟା ତାର ଘର
ସମ୍ପର୍କ ଗୁଡାକୁ ନିତି ଦିଏ ମୁକ୍ତି
ସିଏ ପରା ଯାଯାବର ।।

ସମାଜ ଦେଖିଛି ଅତି ନିକଟରୁ
ଛାତି ତଳେ ରଖି ବ୍ୟଥା
ସଭିଏଁ ପିନ୍ଧନ୍ତି ସ୍ୱାର୍ଥର ଚାଦର
ସାକ୍ଷୀ ଅଛି ନିରବତା ।।

ଦେହରେ ନିଶ୍ୱାସ ଚାଲୁଥବା ଯାଏ
ଆୟୁଷର ଧରି ହାତ
ପରିଚୟ ଦିଏ ବାଟୋଇ ଭାଇ ମୁଁ
ବସିବାକୁ ପୁଣି ମିତ ।।

*ଅଣ୍ଡିଆ, ଯାଜପୁର*
*ମୋ-୯୧୭୮୩୧୩୬୪*



## ମରୀଚିକା

*ସୁଧାଂଶୁ ଶେଖର ବଳ*



ଏଇ ଯେଉଁ ଖରା-ଖିଅର ଜ୍ୟାମିତି,
ତପ୍ତ ପିଚୁ-ରାସ୍ତା ଉପରେ,
ଶୋଇଥିବା ଏକ ନଗ୍ନ ଭ୍ରମ,
ତାହା କ'ଣ ଜଳ ?
ନା ସେଇଟା ଏକ,
ବର୍ଣ୍ଣହୀନ ପ୍ରତାରଣାର ଇସ୍ତାହାର।
ମୁଁ ଦେଖୁଛି,
ଧୂଳିର ଧୂସର କ୍ୟାନଭାସରେ,
ତୁମେ ଏକ କାଳ୍ପନିକ ଓଏସିସ୍,
ତୁମର ଆଖିରେ ଆଲୁଅର,
ମାୟାବିନୀ ନାଚ,
ଆଉ ହାତରେ,
ଶୂନ୍ୟତାର ନିବିଡ଼ ଆଲିଙ୍ଗନ।
ଶୋଷର ଭୂଗୋଳରେ,
ତୁମେ ଏକ ଭୁଲ୍ ମାନଚିତ୍ର,
ଯାହା ପଛରେ ଧାଇଁ ଧାଇଁ,
ଥକିପଡ଼େ କ୍ଳାନ୍ତ,
ମରୁ-ଯାତ୍ରୀର ସ୍ୱେଦ।
କୌଣସି କବିତାର ଉପମା ନୁହେଁ ତୁମେ,
ତୁମେ ହେଉଛ ଶୋଷଣର ଏକ ଚିକ୍କଣ ପ୍ରତିଫଳନ,
ଯାହା ଦୂରରୁ ଝଲସେ,
ପାଖକୁ ଗଲେ କେବଳ ଉତ୍ତପ୍ତ ବାଲିର ହାହାକାର।
ଜୀବନର ଏଇ ଶୁଷ୍କ ମରୁପଥରେ
ତୁମେ ଏକ ଅସମାପ୍ତ ସଂଜ୍ଞା,
ଏକ ସୁନ୍ଦର ମିଥ୍ୟାର ଜୀବନ୍ତ କାରୁକାର୍ଯ୍ୟ।

*ବେଙ୍ଗାଲୁରୁ*
*ମୋ-୮୦୯୫୩୭୭୧୪୬*





## କାଳ

*ବିନୟ କୁମାର ମିଶ୍ର*

କାଳ ଗତି ଅତି କୃର ସଦାବେଳେ
ମନ୍ଦକୁ ଭଲ କରଇ,
ଭଲ ବୋଲି ଯାହା ଆମେ ଭାବୁଥାଏ
ତାହା କେବେ ନ ଦିଅଇ ।।

ସାମାଜିକ ସ୍ଥିତି ସେତେବେଳେ ଯାହା
ଏବେ ବଦଳି ଯାଇଛି,
ପଖାଳ ପୋଡ଼ାକୁ ଭୁଲି ଏ ମଣିଷ
ବିରିଆନୀରେ ମାତିଛି ।।

ବାଡି ଶାଗ ଫଳ ପନି ପରିବାକୁ
କାହାର ବି ମନ ନାହିଁ,
ନିଜ ବିଲ ଧାନ ଚାଉଳର ଭାତ
କେ ଖାଉଛି କହ କାହିଁ ?

ବିଲେ ଆଉ ଚାଷ କରୁନାହିଁ କେହି
ବିଲଡର ନେଲେଣି କିଣି,
ଆପାର୍ଟମେଣ୍ଟର ପରିବେଶେ ଆଜି
ଗାଆଁ ବି ଲୁଚି ଗଲାଣି ।।

ସ୍ୱାଧୀନତା ଛାଡ଼ି ଅର୍ଥ ବିନିମୟେ
ପାରାଭାଡ଼ିରେ ରହୁଛି,
ମେଣ୍ଟେନାନ୍ସ ପାଇଁ ମାସିକ ପାଉଣା
ଆକାଉଣ୍ଟ୍ରୁ ପେ କରୁଛି ।।

ଗାଆଁ ବି ହେଲାଣି ସହର ପରିକା
ଆଧୁନିକତାରେ ଭରା,
ମାଗଣାରେ ମିଳେ ସରକାରଙ୍କର
ଯୋଜନାରେ ଭତ୍ତା ପରା ।।

ଚାଉଳ ରାସନ୍ ଜନ୍ମରୁ ମରଣ
ଚିକିତ୍ସା ସୁବିଧା ମାନ,
କାହିଁକି ମଣିଷ କାମ ବା କରିବ
ପଶା ତାସ୍ ମଦେ ମନ ।।

କର୍ମ କୋଢି ହୋଇ କୁମାର୍ଗେ ଗମନ
ନିଶା ପାନ ପାଇଁ ମନ,
ଶୂନ୍ୟ ମସ୍ତିଷ୍କଟା ଭୂତ କାରଖାନା
ଲୋକ ଆଜି ଚିନ୍ତାଶୂନ୍ୟ ।।

ସାଇକେଲଟିଏ ପାଞ୍ଚଟି ଗାଆଁରେ
ସପନ ପରିକା ଥିଲା,
ସ୍କୁଟି ବାଇକ୍ କାର ଘରେ ଘରେ ଆଜି
ମଣିଷ ଟଙ୍କା ଚିହ୍ନିଲା ।।

ଚାଳ ଘର ଆଜି ମୋଟେ ଦିଶୁନାହିଁ
ଦାଣ୍ଡ ଧୂଳି କେଣେ ଗଲା,
ଭଗତ ଟୁଙ୍ଗୀଟା କ୍ଲବ୍ ହୋଇଲା
ଜବର ଦଖଲ ପାଲା ।।

ଯାଇଛି ସେ ବେଳ ଭୁଲିଛି ମଣିଷ
ଯାହା ସତ୍ୟ ଧର୍ମ ପଥ,
ନିଜକୁ ଭାବୁଛି ମହାଜ୍ଞାନୀ ମାନୀ
ଧନୀ ବିବେକୀ ପଣ୍ଡିତ ।।

ବେଣ୍ଟି କଟା ନଣ୍ଡା ମୁଣ୍ଡ ଆଜିକାଲି
କୁକୁଡ଼ା ମୁକୁଟ ପରି,
ବାଳ କଟା ଦେଖି ମନେ ପଡ଼େ ଗାଆଁ
ମକରା ଉଦିଆ ନରୀ ।।

କାନ ଫୋଡି ପୁଏ ଚାରିପାଞ୍ଚ କରି
ନୋଲି ଫୁଲ ପିନ୍ଧିଲେଣି,
ଚୁଡ଼ି ବାଳଚିପା ଛପା ପୋଷାକରେ
ଦେହକୁ ପା ଢାଙ୍କିଲେଣି ।।

ଝିଏ ପିନ୍ଧିଲେଣି ଚାଖେଣ୍ଡି ଘେରକୁ
ଛାତି ପଟି ଦି ଆଙ୍ଗୁଳି,
ମୁକୁଳା ବାଳକୁ ଉଗ୍ର ଆଧୁନିକ
ଖାଦ୍ୟ ପୋଷାକ ଆବୋରି ।।

ଲେଖୁଥିଲେ କେତେ ଲେଖିବାକୁ ଅଛି
ସମୟ ଆଉ ବା କାହିଁ,
ଯେ ଯାହା କରୁଛି ସେ ତାହା ପାଉଛି
ମିଛେ ଦଇବ ନିନ୍ଦଇ।

*ମଲ୍ଲିପୁର ଗଡ଼ ନିଆଳ, ଖୋର୍ଦ୍ଧା*
*ମୋ-୯୪୩୯୪୩୩୩୩୭*



## ହଜିଲାଣି

*ସୁଧୀର କୁମାର ଦାସ*

ହଜିଲାଣି ଏବେ ଆଇ ମାଆ କାହାଣୀ
ହଜିଲାଣି ଗପ ପେଡ଼ି
ଆଇ ମାଆ ଆଉ ନଇଁ ଯାଉନାହିଁ
ଧରିନି ହାତରେ ବାଡ଼ି ।
ସଞ୍ଜ ବେଳ ହେଲେ ଗପ ଜମୁନାହିଁ
ଅଗନା ଅଗନି ବନ
ଅସୁରୁଣୀ ଝିଅ କି ସୁନ୍ଦର ରୂପ
ରାଜା ପୁଅ ପାଖେ ମନ ।
ସେହି ରାଜା ପୁଅ ପଚାରି ବୁଝିଲା
କେମିତି ମରିବ ବୁଢ଼ୀ
ସାତ ତାଳ ପଙ୍କ ସିନ୍ଦୁକ ଭିତରେ
ରହିଛି ଜୀବନ ନାଡ଼ି ।
ରାଜା ପୁଅ ଯାଇ ସିନ୍ଦୁକ ଖୋଲିଲା
ବୁଢ଼ୀ ହେଲା ଛଟପଟ
କିଏ ସେ ବାପୁଡ଼ା ରହସ୍ୟ ଜାଣିଲା
ଖୋଲିଗଲା ସବୁ ବାଟ ।
ଆଧୁନିକା ଆଇ ଗପ ଜାଣେ ନାହିଁ
ସ୍କୁଟି ଚଢି ଯାଏ ମାଡ଼ି
ଗୋରୁ ସେବା ଛାଡି କୁକୁର ସେବାକୁ
ବଡ଼ କହେ ଛାଡ଼ି ରଡ଼ି ।
ଚାଓମିନ୍ ପିଜା ଫାଷ୍ଟଫୁଡ୍ ଖାଏ
ହଜିଲାଣି ଚୁଡ଼ା ମୁଢ଼ି
ହଜିଲାଣି ଗାଁ ସବୁଜ ବନାନୀ
ହଜିଲାଣି କ୍ଷେତବାଡ଼ି ।
ବେଳ ଥାଇ ଏବେ ବନ୍ଧ ନ ବାନ୍ଧିଲେ
ପରିବେଶ ଯିବ ପୋଡ଼ି
ପରିବେଶ ଗଲେ ହଜିବ ମଣିଷ
ସମାଜ ସିନ୍ଧୁରେ ବୁଡ଼ି ।

*ତରାବୋଇ, ଜଟଣୀ, ଖୋର୍ଦ୍ଧା*
*ମୋ-୯୩୩୭୩୩୫୮୩୮*

## ଧାନ କିଆରୀର ଓଦା ମହକରେ

*ହରିଶ୍ଚନ୍ଦ୍ର ବେହେରା*

ଧାନ କିଆରୀର ଓଦା ମହକରେ
ଖେଳେ ମୋର ପିଲା ଦିନ
ସେ ଦିନ ମାନଙ୍କୁ ଝୁରୁଛି ମୁଁ ନିତି
କାହିଁ ଗଲା ପିଲା ମନ ।।

କେଉଁଠି ହଜିଲା ସେ ଦିନର ଗାଁ
ତୋଟାର ଶୀତଳ ଛାଇ
ଦୁଃଖୀ ମାଆ ଟିଏ ପେଜ ଢାଳିଥିଲା
ବହି ଗଲା ନଈ ହୋଇ
କାହିଁ ଗାଈଆଳ କାହିଁ ତା' ଧୁଡୁକା
କାହିଁ ତା'ବଇଁଶୀ ସ୍ୱନ ।।

ହାତ ପାହାନ୍ତାରେ ଥିଲା ଜହ୍ନ ମାମୁ
ଚାହିଁ ଦେଲେ ହସୁଥିଲା
ପର ଝାଡ଼ି ଉଡ଼ି ଗଲେ ଗେଣ୍ଡାଳିଆ
ଶୁଭୁନି ତ ପଦ୍ମ ତୋଳା



ଆମ୍ବ ଓ ବଇଁଚ କାହିଁ ବେତ କୋଳି
କାହିଁ ଦୋଳି ରଜ ପାନ ।।

କାହିଁ ଚାଳ ଘର ପୋଇ ଓ କଖାରୁ
ମଥାନୁ ଉଠୁନି ଧୂଆଁ
କେଉଁଠି ହଜିଲା ଏଣ୍ଡୁଡ଼ିଶାଳରୁ
ସେଦିନର କୁଆଁ କୁଆଁ
କାହିଁ ତା'ଶଗଡ଼ ପାଞ୍ଚି ଓ ପଳାଶ
କଳେଇ କଟାର ଗାନ ।।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*

## ଚେତିବା କେବେ

*ଜୟଶ୍ରୀ ପଟ୍ଟନାୟକ*

କାଠକୁ ନଷ୍ଟ କରୁଥାଏ ଉଇ
ଲୁହାକୁ କରେ କଳଙ୍କି
ଗର୍ବ, ଅହଂକାର ନଷ୍ଟ କରେ ମଣିଷକୁ
ତେଣୁ ସାଜେ ଅବିବେକୀ।
ଛୁଞ୍ଚି କରୁଥାଏ ଫୋଡ଼ା ଫୋଡ଼ି କାମ
ସୂତାରେ ଯୋଡଇ ଫଟା
କୁସଙ୍ଗତି ଆଣେ ଖରାପ ସମୟ
ଭାଗ୍ୟ କରୁଥାଏ ଫଟା।
ଲଜ୍ଜା, ସରମକୁ ଭୁଲି ଏ ମଣିଷ
କରେ ଲାଞ୍ଚ କାରବାର
ପୂରଣ କରଇ ସ୍ୱାର୍ଥ ନିଜର
କରି ଭୟ ପରିହାର।
ନିଶା ଖାଉଥାଏ ସାରା ଶରୀରକୁ
ଉଜାଡ଼ି ସଂସାର ମୋହ
ତୀବ୍ର ଗତି ନିଏ ମଣିଷ ଜୀବନ
ବୁହାଇ ଆଖିରୁ ଲୁହ।
ଭାବ ଆକର୍ଷଣେ ପ୍ରେମ ବଢ଼େ ସିନା
ସିନ୍ଦୁରେ ନ ଥାଏ ଭାବ
ବୁଝି ବିଚାରିକି ସମ୍ପର୍କ ଗଢ଼ିଲେ
ମିଳେନାହିଁ ପରାଭବ।
କେବେ ଏ ଚେତିବ ମଣିଷ ସମାଜ
ନିଜକୁ ଶ୍ରେଷ୍ଠ କହି
ବିନାଶ କାଳରେ ବିପରୀତ ବୁଦ୍ଧି
ମୁଣ୍ଡରେ ତାହାର ବୋହି।
ନିନ୍ଦା ଓ ପ୍ରଶଂସା ସବୁକାଳେ ଥାଏ
ଖରା ଛାଇ ମେଳ ପରି
ଡରିଯାଅ ନାହିଁ ଆଗେଇ ଚାଲୁଥା
କର୍ମକୁ ପାଥେୟ କରି।

*ଗଙ୍ଗନଗର, ଭୁବନେଶ୍ୱର*
*ମୋ-୭୯୭୮୧୧୦୪୭୪*

## ଆସ ରହିବା ସୁଖରେ

*ପ୍ରଶାନ୍ତ ବ୍ରହ୍ମା*



ପିତା ମାତାଙ୍କର ଆଶୀର୍ବାଦ ନେଇ
ପାଦ ବଢ଼ାଇବା ଆଗ
ଭଲ କଥା ସବୁ ଗ୍ରହଣ କରିବା
ଖରାପକୁ କରି ତ୍ୟାଗ ।
ଆୟ ଠାରୁ ବ୍ୟୟ ଅଳପ କରିବା
ମନରେ ଧରି ସଞ୍ଚୟ
ତହିଁରେ ରହିବା କାଳକ ସୁଖରେ
ନଥିବ ମନରେ ଭୟ।
ପରିଶ୍ରମ କରି ଜୀବନେ ଚଳିବା
ତହିଁରେ ପାଇବା ଫଳ
ଚାଲୁଥିବା ନିତି ଈଶ୍ୱର ବିଶ୍ୱାସେ
ଆସୁଥିବ ଭଲ ବେଳ।
ସଞ୍ଜ ସକାଳେ ଶାସ୍ତ୍ର ଆଲୋଚନା
କରୁଥିବା ଆମେ ନିତି
ତହିଁରେ ରହିବା କାଳକ ସୁଖରେ
ଆସୁ ଯେତେ ରାଜନୀତି।
ମଦ୍ୟ ମତ୍ସ୍ୟ ଭଳି ପଦାର୍ଥକୁ ଛାଡି
ସୁଷମ ଖାଦ୍ୟକୁ ଧର
ଖରାପ କଥାକୁ ପଛରେ ପକାଇ
ଭଲକୁ ବରଣ କର।
ଦାନ ଧର୍ମ ଦୟା କ୍ଷମା ଆଚରଣ
ନ୍ୟାୟକୁ ବରଣ ଦେବା
ରାଗ ଅଭିମାନ ମନରୁ ତେଜିଲେ
ସଭିଙ୍କର ପ୍ରିୟ ହେବା।
ଗୁରୁଙ୍କ ଆଦେଶ ଚାଲୁଥିଲେ ନିତି
ବିପଦ ନପଡେ କେବେ
ଗୁରୁ ବାକ୍ୟ ମାନି ଚାଲୁଥିଲେ ବାଟ
ଆଦର ପାଇବା ତେବେ।
ଅଯଥା କଥାରେ ମୁଣ୍ଡ ନ ପୁରାଇ
ଆନନ୍ଦେ କରିବା ବାସ
ସବୁଜ ସୁନ୍ଦର ରଖି ପରିବେଶ
ଚାଲୁଥିବା ନିତି ଆସ।
ଗଢିବା ସଂସାର ସଭିଏଁ ଆମେରେ
ପିଲାଙ୍କୁ ଦେଇ ସଂସ୍କାର
ଖରାପ କଥାକୁ ପଛେ ପକାଇଲେ
ଦୁଃଖ ହୋଇଯିବ ଦୂର।
ଅଯଥା ଆଳାପ ନକରି କେବେହେଁ
ସୁଖରେ ରହିବା ଆମେ
ତହିଁରେ ରହିବା କାଳକ ସୁଖରେ
ଲାଗିଥିବା ଭଲ କାମେ ।

*ପଳାଶପୁର, ଖୋର୍ଦ୍ଧା*

## ବସନ୍ତ ଆସିଛି ବୋଲି

*ଚିତ୍ତରଞ୍ଜନ ପୃଷ୍ଟି*



ବସନ୍ତ ଆସିଛି ବୋଲି
ଉକୁଟି ଉଠୁଛି ପତ୍ରଝଡା ତରୁରେ,
ନବ ପଲ୍ଲବର ନବ ଯୌବନ
ସତେକି ଧରଣୀ ପିନ୍ଧିଛି ସବୁଜ ପରିଧାନ
ଗଭାରେ ଖୋସିଛି ସଦ୍ୟଫୁଟା ସୁମନ।

ବସନ୍ତ ଆସିଛି ବୋଲି
ମତୁଆଲା ଆଜି ମଧୁଲୋଭା ମଧୁମକ୍ଷିକା
ଗୁଣୁଗୁଣୁ ଗୁଞ୍ଜନରେ ଉଡ଼ିବୁଲୁଛି,
ଫୁଲରୁ ଫୁଲ ଟିକିଟିକି ଡେଣା ହଲେଇ
ପାନ କରିବାକୁ ମଧୁରସ।

ବସନ୍ତ ଆସିଛି ବୋଲି
ଆମ୍ରକୁଞ୍ଜରେ କୋକିଳ ଗାଉଛି ପଞ୍ଚମତାନରେ,
ଆବାହନୀ ସଙ୍ଗୀତ
ଆନମନା ହୁଏ ଏ ଚଗଲା ମନ
ମାଦକତା ଭରିଯାଏ ହୃଦ କନ୍ଦରେ ।

ବସନ୍ତ ଆସିଛି ବୋଲି
ଆହ୍ଲାଦିତ ଆଜି ଧରଣୀ ରାଣୀ
ପ୍ରକୃତିଦେହେ ଭରିଛି ଅପରୂପ ସୌନ୍ଦର୍ଯ୍ୟ
ବନ କାନନ ଚମକୁଛି ପୁଷ୍ପ ସମ୍ଭାରେ,
ଶିମିଳି ପଳାସ କୁସୁମ ଟଗରର।

ବସନ୍ତ ଆସିଛି ବୋଲି
ଗୋପାଳପୁଅ ସଜେଇ ହେଲାଣି
ପଦ ଯୁଗଳରେ ଘୁଙ୍ଗୁର ବାନ୍ଧି,
ଖେଳିବାକୁ ଲଉଡ଼ି ଖେଳ
ଗାଇବାକୁ ଗୋପଲୀଳାର ଓଗାଳ।

ବସନ୍ତ ଆସିଛି ବୋଲି
ମତୁଆଲା ଆଜି ଚଇତାଳି ବାଆ
ମନ୍ଦ ମନ୍ଦ ମୃଦୁ ମଳୟ ମଧୁର ପରଶେ,
ଶିହରଣ ଖେଳେ ତନୁମନେ।

ବସନ୍ତ ଆସିଛି ବୋଲି
ରଙ୍ଗ ବେରଙ୍ଗ ଫଗୁର ପସରା ମେଲିଛି
ଗଭାକୁ ବଉଳ ପେନ୍ଥାରେ ସଜାଇ,
ଫୁଲେଇ ଫଗୁଣ ବାନ୍ଧିଛି ବେଣୀ
କୃଷ୍ଣଚୂଡ଼ା ପଳାସ ନାଲି ଅଧରରେ
ହସୁଛି ଧରଣୀ ରାଣୀ।

*ନିମାପଡା, ପୁରୀ*
*ମୋ-୯୭୭୮୧୭୭୫୦୧*

## ଓଡ଼ିଆ କହରେ ଭାଇ

*ଲିଟନ କୁମାର ବେହେରା*



କହ ଓଡ଼ିଆ, କହ ଓଡ଼ିଆ ଓଡ଼ିଆ କହରେ ଭାଇ।
ତୁ କହିଲେ ତୋ ପିଲା ଓଡ଼ିଆ ପାରିବ କହି ।।

ଓଡ଼ିଆ ଲେଖେ, ଓଡ଼ିଆ ଲେଖେ, ଓଡ଼ିଆ ଲେଖେରେ ଭାଇ।
ତୁ ଓଡ଼ିଆ ଲେଖିଲେ ଓଡ଼ିଶାର ନା'ଯିବ ରହି ।।

ମାତୃଭାଷାକୁ ସମ୍ମାନ ଦେଲେ ମଥା ତୋ ନଇଁବ ନାହିଁ।
ଓଡ଼ିଆ ଭାଷାର ଗୌରବ ବଢିବ ଯୁଆଡକୁ ଯିବି ଧାଇଁ ।।

ମନରେ ସଂକଳ୍ପ କରିଥିବୁ ଯଦି ମାତୃଭାଷା ଯିବ ବଞ୍ଚି।
ଓଡ଼ିଆ ଭାଷାକୁ ଜୀବିତ ରଖିବା ଆମେ ସବୁ ମିଳିମିଶି ।।

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଯେତେ ଦିନ କରୁଥିବା।
ଓଡ଼ିଆ ମାନଙ୍କ ଅସ୍ମିତା ସାଙ୍ଗରେ ସେତେଦିନ ବଂଚୁଥିବା ।।

*ବ୍ରହ୍ମଗିରି, ପୁରୀ*

## ସ୍ୱାଭିମାନ

*ସୁସ୍ମିତା ପଟେଲ*

ଜାଣିନାହିଁ ଦେଖିନାହିଁ କେତେବେଳେ ଉଲ୍କାପାତ ହେଲା
ସମଗ୍ର ସହରଟା ଦେଖୁଦେଖୁ କ୍ଷଣକରେ ମଶାଣି ସାଜିଲା
କିଏ ଅଛ କିଏ ଅଛ ପଚାରିଲି ମୁହିଁ
କ୍ଷୀଣସ୍ୱର ଟିଏ କାହୁଁ ଉହୁଙ୍କି ଆସିଲା ।

ଦେଖ ଦେଖ ଧରାଶାୟୀ ହେଉଅଛି ମୁହିଁ
କିଏ ଅଛ କିଏ ଅଛ ଉଠାଅରେ ଆକୁଳେ ଚାହିଁଛି
ଦେଖିଲି ପାଖରେ କେହି ଜଣେ ବି ତ ନାହିଁ
ସ୍ୱର ସଙ୍ଗେ ତାଳ ଦେଇ ମୁଁ ହିଁ କହୁଛି ।

ଇଚ୍ଛିଥିଲି ଦିନେ ଚାହିଁ ଏ ଜାତିକୁ
ଉଠିବି ମୁହିଁ ବି ଦିନେ ନଜଣାଇ କାହାକୁ
ପରିଚୟ ଧରି ହାତେ ଦେଖେଇ ମୁଁ ଦେବି
ଦେଖ ଏଇ ଦେଖ ମୁଁ ପଡି ଉଠି ଏ ପର୍ଯ୍ୟନ୍ତ ଠିଆ ହୋଇଅଛି ।

ହାତରେ ଗୌରବ ମୋର ହୃଦୟରେ ଭକ୍ତି
ଶିରା ପ୍ରଶିରାରେ ବହେ ଦେଖ ଜାତିପ୍ରେମ ଉକ୍ତି
କେତେବେଳେ ଧରାଶାୟୀ କେବେ ଜରାଜୀର୍ଣ୍ଣ
ରୋଗୀଣା କେବେ ହେଲେ ଏବେ ପରିପୂର୍ଣ୍ଣ ।

ନାହିଁ ନାହିଁରେ ଜୀବନ କିନ୍ତୁ ବଞ୍ଚିଥିଲି
ଟିକେ ଟିକେ ସାର ଦେଇ ମଞ୍ଜି ପୋତିଥିଲି
ଜାଣିଥିଲି ଆସିବ ସମୟ ଦିନେ ଠିଆ ହେବି
ମୁଁ ମୋର ହସ୍ତାକ୍ଷର ଏ ହାତେ କରିବି ।

ଏ ଜାତି ଶୁଣିଛି କେତେ ବୀରସୁତ ଗାଥା
କେତେ କେତେ ମହାରଥୀ ସଂଗ୍ରାମୀ ବାରତା
ଭକ୍ତିଭରେ ସେମାନଙ୍କୁ ଆଶ୍ୱାସନା ମୋର
ସଂଗ୍ରାମୀ ହେ ଏବେ ଦେଖ ତୁମ ଧ୍ୱଜା ମୋ ହସ୍ତେ ଉଡେ ଫରଫର।

ଦେଖ ଦେଖ ତବ ବୃକ୍ଷ ଏବେ ପଲ୍ଲବିତ ହୋଇ
ଗାଉଅଛି ପଲ୍ଲୀଗୀତ ସାତସୁର ନେଇ
କାହାକୁ ଅଜଣା ଏବେ ନୁହେଁ ପରିଚୟ ମୋର
ଓଡିଶା, ଓଡ଼ିଆ ପରା ସ୍ୱାଭିମାନ ମୋର ।

*କୁଚିଣ୍ଡା, ସମ୍ବଲପୁର*
*ମୋ-୭୮୯୪୬୬୧୧୨୩*

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୪ ମାର୍ଚ୍ଚ, ଶନିବାର, ୨୦୨୬


# ୨୦୨୭ ବିଶ୍ୱକପ୍ ପାଇଁ ରୋହିତ-ବିରାଟଙ୍କୁ ନେଇ ବଡ଼ ପ୍ଲାନ୍ କରୁଛି ବିସିସିଆଇ

**ମୁମ୍ବାଇ**

ଟି-୨୦ ବିଶ୍ୱକପ୍ ସଫଳତା ପରେ ଏବେ ବିସିସିଆଇର ପରବର୍ତ୍ତୀ ଟାର୍ଗେଟ୍ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ୍। ୨୦୧୧ ପରଠାରୁ ଦୀର୍ଘ ପ୍ରତୀକ୍ଷିତ ଏହି ଟ୍ରଫି ହାସଲ ପାଇଁ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି।

ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ୨୦୨୬ ଶେଷ ହେବା ପରେ ଟିମ୍ ଇଣ୍ଡିଆର ସମ୍ପୂର୍ଣ୍ଣ ଧ୍ୟାନ ଦିନିକିଆ ଫର୍ମାଟ୍ ଉପରେ ରହିବ। ରୋହିତ ଓ ବିରାଟଙ୍କୁ ଅଧିକରୁ ଅଧିକ ଅଭ୍ୟାସ ସୁଯୋଗ ଦେବା ପାଇଁ ବିସିସିଆଇ ଆଗାମୀ ବିଦେଶ ଗସ୍ତରେ ଅତିରିକ୍ତ ଦିନିକିଆ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛି। ନ୍ୟୁଜିଲାଣ୍ଡ ଭଳି ଅନେକ ବିଦେଶୀ ବୋର୍ଡ ମଧ୍ୟ ଭାରତ ସହ ଅଧିକ ଦିନିକିଆ ଖେଳିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ବିସିସିଆଇ ଗ୍ରହଣ କରିଥିବା ଜଣାପଡ଼ିଛି। ଆଇପିଏଲ୍ ପରେ ଭାରତ ଗୋଟିଏ ଟେଷ୍ଟ ଏବଂ ୩ଟି ଦିନିକିଆ ପାଇଁ ଆଫଗାନିସ୍ତାନକୁ ଆତିଥ୍ୟ ଦେବ। ଏହାପରେ ଦଳ ଇଂଲଣ୍ଡ ଗସ୍ତରେ ୩ଟି ଦିନିକିଆ ଏବଂ ୫ଟି ଟି-୨୦ ଖେଳିବ। ଏହି ସମୟରେ ଆୟରଲାଣ୍ଡ ବିପକ୍ଷରେ ମଧ୍ୟ ସିରିଜ୍ ହୋଇପାରେ। ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଏବଂ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ମଧ୍ୟ ସୀମିତ ଓଭର ବିଶିଷ୍ଟ ସିରିଜ୍ ଖେଳାଯିବ। ନ୍ୟୁଜିଲ୍ୟାଣ୍ଡ ବୋର୍ଡ ଖାସ୍ କରି ଅଧିକ ଦିନିକିଆ ମ୍ୟାଚ୍ ପାଇଁ ଅନୁରୋଧ କରିଛି।

ଅନ୍ୟପଟେ, ଆସନ୍ନ ଆଇପିଏଲ୍ ୨୦୨୬ ପାଇଁ ବିରାଟ କୋହଲି ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଏକ ଭିଡିଓରେ ବିରାଟଙ୍କୁ ନେଟ୍ସରେ ଝାଳ ବୁହାଉଥିବା ଦେଖିବାକୁ ମିଳିଛି। ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପକ୍ଷରୁ ଖେଳୁଥିବା ବିରାଟଙ୍କ ଏହି ଆକ୍ରମଣାତ୍ମକ ବ୍ୟାଟିଂ ଅଭ୍ୟାସ ଦେଖି ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

# ୨୪ରୁ କଳିଙ୍ଗରେ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ଆୟୋଜିତ ହେବ ପ୍ରଥମ ଜାତୀୟ ଇନଡ଼ୋର ଆଥଲେଟିକ୍ସ ଚାମ୍ପିଅନସିପ୍। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଏବଂ ଏଏଫ୍‌ଆଇ (ଭାରତୀୟ ଆଥ୍‌ଲେଟିକ୍ସ ସଂଘ) ଆନୁକୂଲ୍ୟରେ ଆୟୋଜିତ ହେବ ଏହି ପ୍ରତିଯୋଗିତା।

ପୁରୁଷ, ମହିଳା, ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ମୋଟ୍ ୩୬ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଆଥଲେଟମାନେ ଭାଗ ନେବେ। କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହୋଇଛି ଦେଶର ପ୍ରଥମ ଇନ୍‌ଡୋର ଆଥଲେଟିକ୍ସ କେନ୍ଦ୍ର। ଆଗକୁ ୨୦୨୮ରେ ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଏଠାରେ ଆୟୋଜିତ ହୋଇପାରେ। ଏହି ଚାମ୍ପିଅନସିପ୍ ଆୟୋଜନ ନେଇ ଭାରତ ବିଡ୍ ଦାଖଲ କରିଛି।

ଜାତୀୟ ଇନଡ଼ୋର ଆଥଲେଟିକ୍ସ ଚାମ୍ପିଅନରେ ପୁରୁଷ ଓ ମହିଳାରେ ୬୦ ମିଟର, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର, ୩୦୦୦ ମିଟର, ୬୦ ମିଟର ହର୍ଡଲ୍ସ, ହାଇ ଜମ୍ପ, ଲଙ୍ଗ ଜମ୍ପ ଓ ଟ୍ରିପଲ ଜମ୍ପ ଏବଂ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ୬୦ ମିଟର, ୪୦୦ ମିଟର, ୮୦୦ ମିଟର, ୩୦୦୦ ମିଟର, ହାଇଜମ୍ପ, ଲଙ୍ଗ ଜମ୍ପ ଓ ସଟ୍‌ପୁଟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

ଶ୍ରାବଣୀ ଅଲିମ୍ପିଆନ ଶ୍ରାବଣୀ ନନ୍ଦ କହିଛନ୍ତି, 'କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଥର ଜାତୀୟ ଇନଡ଼ୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବାକୁ ଯାଉଛି। ଯାହାକୁ ନେଇ ମୁଁ ବହୁତ ଉତ୍ସାହିତ ରହିଛି। ସବୁଠୁ ବଡ଼ କଥା ହେଉଛି, ଯେଉଁମାନେ ଆଗକୁ ଏସିଆନ ଓ ବିଶ୍ୱ ଇନଡ୍ରୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିବେ ସେମାନଙ୍କ ପାଇଁ ଏହି ପ୍ରତିଯୋଗିତା ଏକ ବଡ଼ ସୁଯୋଗ ଆଣି ଦେଇଛି। ଦର୍ଶକ ଓ କ୍ରୀଡ଼ାପ୍ରେମୀମାନଙ୍କୁ ମୋର ଅନୁରୋଧ ଷ୍ଟାଡିୟମ ଆସି ଆଥଲେଟମାନଙ୍କୁ ଉତ୍ସାହିତ କରନ୍ତୁ।'

ଏସିଆନ ଇନଡ଼ୋର ଆଥଲେଟିକ୍ସ ଚାମ୍ପିଅନସିପର ୨୦୨୮ ସଂସ୍କରଣ ଆୟୋଜନ ନେଇ ଭାରତ ବିଡ୍ ଦାଖଲ କରିଛି। ଯଦି ଭାରତ ଆୟୋଜନ ଅଧିକାର ହାସଲ କରେ ତେବେ ଏହା କଳିଙ୍ଗ ଷ୍ଟାଡିୟମ ଇନଡ଼ୋର ଆଥଲେଟିକ୍ସ କେନ୍ଦ୍ରରେ ଆୟୋଜିତ ହେବ। ନିକଟରେ ଏସିଆନ ଆଥଲେଟିକ୍ସ ସଂଘ (ଏଏଏ)ର ନିର୍ଦ୍ଦେଶକ ଚୁଡିକୋଟା ଭାଲସନ, ସମ୍ପାଦକ ଏ. ସୁଗୁମରାନ ଏବଂ ଭାରତୀୟ ଆଥଲେଟିକ୍ସ ସଂଘ (ଏଏଫ୍‌ଆଇ)ର କୋଷାଧକ୍ଷ ବି.ଇ ଷ୍ଟାନଲେଙ୍କୁ ନେଇ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସିଥିଲେ। ଏହି ପ୍ରତିନିଧି ଦଳ କ୍ରୀଡ଼ା ବିଭାଗ ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କ ସହ ଆଲୋଚନା କରିବା ପରେ ଇନ୍‌ଡୋର ଆଥଲେଟିକ୍ସ କେନ୍ଦ୍ର ବୁଲି ଦେଖିଥିଲେ। ସୂଚନା ଅନୁସାରେ, ଜାତୀୟ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଖୁବ୍ ଶୀଘ୍ର ରାଜ୍ୟ ଦଳ ମଧ୍ୟ ଘୋଷଣା ହେବାକୁ ଯାଉଛି।

# ପାକିସ୍ତାନୀ ଖେଳାଳିଙ୍କୁ କିଣିବା ପରେ ସନରାଇଜର୍ସ ହାଇଦ୍ରାବାଦର ବଢ଼ିଲା ଅଡୁଆ : ସୋସିଆଲ ମିଡିଆ ଆକାଉଣ୍ଟ ସସ୍‌ପେଣ୍ଡ




**ନୂଆଦିଲ୍ଲୀ**

ନିକଟରେ ହଣ୍ଡ୍ରେଡ ନିଲାମ ଶେଷ ହୋଇଛି। ଏହି ସମୟରେ, ସନରାଇଜର୍ସ ଲିଡ୍ସ ଦଳ ପାକିସ୍ତାନୀ ସ୍ପିନ୍ ବୋଲର ଅବରାର ଅହମ୍ମଦଙ୍କୁ ସେମାନଙ୍କ ଦଳରେ ସାମିଲ କରିଛି। ସନରାଇଜର୍ସ ଲିଡ୍ସ ଭାରତୀୟ କମ୍ପାନୀ ସନ ଗ୍ରୁପର ମାଲିକ, ଯାହା ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦର ମଧ୍ୟ ମାଲିକ। ସେମାନେ ଦ ହଣ୍ଡ୍ରେଡ ନିଲାମରେ ଜଣେ ପାକିସ୍ତାନୀ ଖେଳାଳିଙ୍କୁ କିଣିଥିବା ଏକମାତ୍ର ଭାରତୀୟ ମାଲିକାନାରେ ଥିବା ଦଳ ଥିଲା। ଏହା ସୋସିଆଲ ମିଡିଆରେ ହଙ୍ଗାମା ସୃଷ୍ଟି କରିଛି ଏବଂ ବର୍ତ୍ତମାନ ସନରାଇଜର୍ସ ଲିଡ୍ସର ଆକାଉଣ୍ଟକୁ ସସ୍‌ପେଣ୍ଡ କରାଯାଇଛି।

ଦ ହଣ୍ଡ୍ରେଡ ପାଇଁ ପ୍ରଥମ ନିଲାମ ଅନୁଷ୍ଠିତ ହୋଇଥିଲା। ଆଇପିଏଲ ଦଳର ମାଲିକମାନେ ନିକଟରେ ଦ ହଣ୍ଡ୍ରେଡରେ ଦଳଗୁଡ଼ିକୁ କିଣିଛନ୍ତି। ନିଲାମ ପୂର୍ବରୁ, ରିପୋର୍ଟ ହୋଇଥିଲା ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ଥିବାରୁ ଭାରତୀୟ ମାଲିକାନାରେ ଥିବା ଦଳଗୁଡ଼ିକ ଦ ହଣ୍ଡ୍ରେଡରେ ପାକିସ୍ତାନୀ ଖେଳାଳିଙ୍କୁ କିଣିବେ ନାହିଁ। ତଥାପି ନିଲାମ ସମୟରେ ସନରାଇଜର୍ସ ଲିଡ୍ସ ଅବରାର ଅହମ୍ମଦଙ୍କୁ ୨୫୫ ହଜାରରେ କିଣି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସନରାଇଜର୍ସ ମାଲିକ କାଭ୍ୟା ମାରନ ନିଲାମରେ ଉପସ୍ଥିତ ଥିଲେ।

ସୋସିଆଲ ମିଡିଆରେ କମ୍ପାନିର ଏହି ନିଷ୍ପତ୍ତିକୁ ପ୍ରବଳ ବିରୋଧ କରାଯାଉଛି। ଏପରିକି ପ୍ରଶଂସକମାନେ ଆଇପିଏଲରୁ ସନରାଇଜର୍ସ ହାଇଦ୍ରାବାଦକୁ ବାହାର କରିବାକୁ ଦାବି କରୁଛନ୍ତି। ସ୍ଥିତି ଏପରି ହୋଇଛି ଯେ ବାଧ୍ୟ ହୋଇ ସନରାଇଜର୍ସ ଲିଡ୍ସକୁ ନିଜର 'ଏକ୍ସ' ଆକାଉଣ୍ଟ ବନ୍ଦ କରିବାକୁ ପଡ଼ିଛି। ତେବେ କେଉଁ କାରଣରୁ ଏହି ଆକାଉଣ୍ଟକୁ ନିଲମ୍ବିତ କରାଯାଇଛି ସେ ନେଇ ଫ୍ରାଞ୍ଚାଇଜି ପକ୍ଷରୁ କୌଣସି କାରଣ ଦିଆଯାଇ ନାହିଁ। ତେବେ ନିୟମ ଉଲ୍ଲଙ୍ଘନ ପାଇଁ ଆକାଉଣ୍ଟକୁ ନିଲମ୍ବିତ କରାଯାଇଛି ବୋଲି 'ଏକ୍ସ' ପକ୍ଷରୁ ସୂଚନା ଦିଆଯାଇଛି।

# ଯୁଦ୍ଧପାଇଁ ପ୍ରଭାବିତ ହୋଇପାରେ ଆଇପିଏଲ୍: ସିଲିଣ୍ଡର ସଙ୍କଟ ଭିତରେ ବଢ଼ିଲା ଆଶଙ୍କା

**ନୂଆଦିଲ୍ଲୀ**




ତୀବ୍ରତର ହେଉଥିବା ଇରାନ୍-ଆମେରିକା ଯୁଦ୍ଧ କାରଣରୁ ଆଗାମୀ ଆଇପିଏଲ୍ ପ୍ରଭାବିତ ହେବାର ଆଶଙ୍କା ଜାତ ହୋଇଛି। ବିଶେଷ କରି ବିଦେଶୀ ଖେଳାଳିଙ୍କ ଆଗମନ, ଯାତାୟତ ସହିତ ଅନ୍ୟାନ୍ୟ ଲଜିଷ୍ଟିକ୍ସ ଆହ୍ୱାନ ଆଇପିଏଲ୍ ଆୟୋଜନ କ୍ଷେତ୍ରରେ ପ୍ରତିବନ୍ଧକ ସାଜିବ ବୋଲି ଚିନ୍ତା ପ୍ରକଟ କରାଯାଇଛି। ଦୁବାଇ ଓ ଦୋହା ଭଳି ପ୍ରମୁଖ ଯାତାୟତ କେନ୍ଦ୍ରର ବିମାନଘାଟିଗୁଡ଼ିକ ବନ୍ଦ ଥିବାରୁ ଅନ୍ତର୍ଜାତୀୟ ଖେଳାଳିଙ୍କ ପାଇଁ ଏହା ବଡ଼ ସମସ୍ୟା ସୃଷ୍ଟି କରିବ। ପଶ୍ଚିମ ଏସିଆରେ ଦେଖା ଦେଇଥିବା ଏହି ଯୁଦ୍ଧ ପରିସ୍ଥିତି ଉପରେ ବିସିସିଆଇ ଓ ଆଇପିଏଲ୍ ପରିଚାଳନା ପରିଷଦ ବି ନଜର ରଖିଛନ୍ତି।

ରନ୍ଧନଗ୍ୟାସ ସଙ୍କଟ କାରଣରୁ ହୋଟେଲ୍ ରହଣୀ ମଧ୍ୟ ଅନ୍ୟତମ ଲଜିଷ୍ଟିକ୍ସ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରଖୁଛି। ଏସବୁ ସମସ୍ୟା ବିଶ୍ୱ କ୍ରିକେଟ୍ ଉପରେ ବଡ଼ ପ୍ରଭାବ ମଧ୍ୟ ପକାଇବ ବୋଲି ଆକଳନ କରାଯାଉଛି। ଯୁଦ୍ଧ ପରିସ୍ଥିତି କାରଣରୁ ମାର୍ଚ୍ଚରେ ୟୁଏଇରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ-ଶ୍ରୀଲଙ୍କା ସୀମିତ ଓଭର ଶୃଙ୍ଖଳାକୁ ସ୍ଥଗିତ ରଖାଯାଇଛି। ଯାହାକି ଯୁଦ୍ଧର ପ୍ରଥମ ଶିକାର ହୋଇଛି। ବିଶ୍ୱକପ୍ ପରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ମଧ୍ୟ ସ୍ୱଦେଶ ଫେରିବା ନେଇ ବିମାନ ଉପଲବ୍ଧ ନହେବାରୁ ବିଳମ୍ବରେ ବାହୁଡ଼ିଛନ୍ତି। ସମାନ ସମସ୍ୟା ଏବେ ଆଇପିଏଲ୍ ଖେଳାଳିଙ୍କ ପାଇଁ ଅନ୍ତରାୟ ସାଜିପାରେ। ଅନ୍ତର୍ଜାତୀୟ ଖେଳାଳିଙ୍କ ବିଳମ୍ବିତ ଆଗମନ ମଧ୍ୟ ବିଭିନ୍ନ ଆଇପିଏଲ୍ ଦଳର ପ୍ରସ୍ତୁତିକୁ ପ୍ରଭାବିତ କରିବାକୁ ଯାଉଛି।

ଅନ୍ୟପକ୍ଷରେ ଭାରତର କିଛି ରାଜ୍ୟରେ ନିର୍ବାଚନ ଘୋଷଣାକୁ ନଜରରେ ରଖି ଆଇପିଏଲ୍ ଏହାର ପ୍ରାରମ୍ଭିକ ଖେଳସୂଚୀ ଘୋଷଣା କରିଛି। ମାର୍ଚ୍ଚ ୨୮ ତାରିଖରୁ ଏହା ଆରମ୍ଭ ହେବାର ଖେଳସୂଚୀ ରହିଛି। ପ୍ରଥମ ୨୦ ମ୍ୟାଚ୍ ପାଇଁ ସୂଚୀ ପ୍ରକାଶ ପାଇଛି। ନିର୍ବାଚନ ତାରିଖ ଘୋଷଣା ପରେ ଅବଶିଷ୍ଟ ଖେଳସୂଚୀ ପ୍ରକାଶ କରାଯିବ ବୋଲି ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଲା ପ୍ରକାଶ କରିଛନ୍ତି।

## ବିଶ୍ୱ ପାରା ଆଥଲେଟିକ୍ସ

# ସୁମିତ ଅନ୍ତିଲ ଦମ୍‌ଦାର ପ୍ରଦର୍ଶନ କରି ଜିତିଲେ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ**



ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ପୁଣି ଥରେ ଚମକିଛନ୍ତି ଭାରତୀୟ ଆଥଲେଟ୍। ଦୁଇ ଦୁଇ ଥର ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଅନ୍ତିଲ ନିଜର ପାରଦର୍ଶିତା ଦେଖାଇ ଦେଶ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋ (ଏଫ୪୩, ଏଫ୪୪, ଏଫ୬୪) ବର୍ଗରେ ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଟୋକିଓ ଓ ପ୍ୟାରିସ୍ ପାରାଲିମ୍ପିକ୍ସର ସୁନା ପୁଅ ସୁମିତ ଅନ୍ତିଲ ୬୯.୨୫ ମିଟର ଦୂରତାକୁ ଭାଲା ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ବର୍ଗରେ ଭାରତ କ୍ଲିନ୍ ସୁଇପ୍ କରିଥିବା ବେଳେ ପୁଷ୍ପେନ୍ଦ୍ର ସିଂ ୫୬.୯୧ ମିଟର ସହ ରୌପ୍ୟ ପଦକ, ପୁନମ ରାମ ୪୯.୪୮ ମିଟର ସହ କାଂସ୍ୟ ପଦକ, ୪୦୦ ମିଟର ଦୌଡ଼ରେ ଭାରତର ଏକଚ୍ଛତ୍ର ଅଧିପତ୍ୟ।

କେବଳ ଜାଭେଲିନ୍ ନୁହେଁ, ଟ୍ରାକ୍ ଇଭେଣ୍ଟରେ ମଧ୍ୟ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଟି୧୩ ବର୍ଗରେ ସୁବୋଧ ଭଟ୍ଟ (୫୧.୮୮ ସେକେଣ୍ଡ) ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ରିୟାଂଶୁ କୌଶିକ ରୌପ୍ୟ ଓ ଅବନିଲ କୁମାର କାଂସ୍ୟ ପଦକ ହାସଲ କରିଛନ୍ତି। ଟି୪୬-ଟି୪୭ ବର୍ଗରେ ଭାବିକ କୁମାର ଦୀନ ଭରଦ୍ୱାଜ୍ (୪୯.୮୯ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତି ଦେଶର ନାଁ ରଖିଛନ୍ତି। ହୁଇଲ୍ ଚେୟାର (ଟି୫୩-ଟି୫୪) ବର୍ଗରେ ମନୋଜ କୁମାର ସବପତି ୫୪.୩୩ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନିଲ କୁମାରଙ୍କୁ ରୌପ୍ୟ ଓ ମଣିକଣ୍ଠନ ଜୋଥୀଙ୍କୁ କାଂସ୍ୟ ପଦକ ମିଳିଛି।

ସେହିପରି ମହିଳା ଆଥଲେଟମାନେ ବି ପଛରେ ରହିନାହାନ୍ତି। ୪୦୦ ମିଟର (ଟି୧୧-ଟି୧୨) ଦୌଡ଼ରେ ତେଜଲବେନ ଅମରାଜୀ ଡାମୋର ୫୭.୫୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଛନ୍ତି। ଏହି ଇଭେଣ୍ଟରେ ଲଳିତା କିଲାକା ଓ ଶାଳିନୀ ଚୌଧୁରୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଭାରତ ପାଇଁ ପୋଡିୟମ୍ ସୁଇପ୍ କରିଛନ୍ତି। ଅନ୍ୟପଟେ ଡିସକସ୍ ଥ୍ରୋରେ ଲକ୍ଷ୍ମୀ ୭.୭୬ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତି ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି।

# କଳାହାଣ୍ଡି କପ୍ : ସୁନ୍ଦରଗଡ଼ ବିଜେତା, କଟକ-ଏ' ଉପବିଜେତା




**କଟକ**

ଓସିଏ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ପୁରୁଷ ଅନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତା 'କଳାହାଣ୍ଡି କପ୍'ରେ ସୁନ୍ଦରଗଡ଼ ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଛି। କଟକ-ଏ'କୁ ୨ ୱିକେଟ୍‌ରେ ହରାଇ ସୁନ୍ଦରଗଡ଼ ଟ୍ରଫି ଜିତିଛି। ଅନ୍ୟ ପକ୍ଷରେ କଟକ-ଏ' ଉପବିଜେତାରେ ସନ୍ତୁଷ୍ଟ ରହିଛି। ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ ଟସ୍ ଜିତି କଟକ-ଏ'କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ' ସାଇଦୀପ ମହାପାତ୍ରଙ୍କ ଅର୍ଦ୍ଧଶତକ (୭୪ ରନ୍, ୧୦୪ ବଲ୍) ସହାୟତାରେ ୫୦ ଓଭରରେ ୯ ୱିକେଟ ହରାଇ ୨୩୨ ରନ୍ କରିଥିଲା। ସୁନ୍ଦରଗଡ଼ ପକ୍ଷରୁ ସୌମ୍ୟ ଲେଙ୍କା, କ୍ରୀଷ୍ଟା ପଲେଇ, ଅଭିଶେକ ସିଂହ, ଗୋବିନ୍ଦ ପୋଦ୍ଦାର ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରି କଟକ-ଏ' ବ୍ୟାଟିଂକୁ ନିୟନ୍ତ୍ରଣରେ ରଖିଥିଲେ। ଜବାବରେ ସୁନ୍ଦରଗଡ଼ ୪୩ ଓଭରରେ ୮ୱିକେଟ୍ ବିନିୟମରେ ୨୩୩ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆନ୍ତଃର୍ଜାତିକ ଖେଳାଳି ତଥା ବିସିସିଆଇ ମ୍ୟାଚ୍ ରେଫରି ସଞ୍ଜୟ ରାଉଳ, ସମ୍ମାନିତ ଅତିଥି ଭାବେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସଂପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ଡକ୍ଟର ଅଞ୍ଜନ କୁମାର ଖୁଣ୍ଟିଆ, ସାଗରନାଥ ମିଶ୍ର, ତଡ଼ିତ କୁମାର ରାଉତ, ଅନିଲ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ମହାନ୍ତି, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ, ଅମିତ ବେହେରା, ସ୍ୱାଗତ ସାମନ୍ତରାୟ ଯୋଗଦେଇ ବିଜେତା ସୁନ୍ଦରଗଡ଼କୁ ଟ୍ରଫି ସହିତ ୫ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଏବଂ ଉପବିଜେତା କଟକ-ଏ' ଦଳକୁ ୩,୦୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରଥିଲେ।

# ନିଆଁ ଲାଗି ଜଳିଗଲା ଘର : ୫ ଛେଳି ମୃତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ବ୍ରାହ୍ମଣମାଲ ଗାଁରେ ଶୁକ୍ରବାର ଦିନ ୧୨ଟା ସମୟରେ ଘଟିଛି ଏକ ଅଭାବନୀୟ ଘଟଣା। ଗ୍ରାମର ଶୁକ୍ରୁ ସୁନାଙ୍କ ଘରେ ହଟାତ ନିଆଁ ଲାଗିଯାଇଥିଲା। ଯାହାଫଳରେ ଗୋଟେ ବଖରା ଘର ସଂପୂର୍ଣ୍ଣ ଜଳି ଯାଇଥିବା ବେଳେ ଗୋଟେ ମାଇ ଛେଳି ଏବଂ ଚାରିଟି ଛେଳିଛୁଆ ମୋଟ ପାଞ୍ଚ ଗୋଟି ଛେଳି ପୋଡ଼ି ମୃତ୍ୟୁବରଣ କରିଛନ୍ତି। ଗୋଟେ ବଖରା ଘର ପୋଡ଼ି ପାଉଁଶ ହୋଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ଅନୁସାରେ ବିଭିନ୍ନ ସ୍ଥାନରେ ଲୋକେ ମହୁଲଫୁଲ ଗୋଟାଇବା ପାଇଁ ମହୁଲଗଛ ମୂଳେ ନିଆଁ ଲଗାଉଥିବାରୁ ଏହି ନିଆଁ ବ୍ୟାପୀ ଲାଗିଥିବାର ଅନୁମାନ କରାଯାଉଛି। ତେବେ ଶୁକ୍ରୁ ନିଜ ପରିବାରକୁ ସାଙ୍ଗରେ ଧରି ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଯାଇଥିବା ସମୟରେ ଏଭଳି ଅଘଟଣ ଘଟିଛି। ଘଟଣା ବିଷୟରେ ପଡୋଶୀ ଶୁକ୍ରୁକୁ ଫୋନ ଜରିଆରେ ଜଣାଇବା ପରେ ଶୁକ୍ରୁ ଘରେ ଆସି ତୁରନ୍ତ ପହଞ୍ଚିଥିଲେ। ହେଲେ ଘରେ ପହଞ୍ଚିଲା ବେଳକୁ ଘର ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ୫ଟି ଛେଳିର ମୃତ୍ୟୁ ଦେଖି ଭାଙ୍ଗି ପଡ଼ିଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ହଜାର ଟଙ୍କା ହବ। ଜଣେ ଗରିବ ମଣିଷ ପାଇଁ ଏହା ଏକ ବଡ଼ ଧରଣର ଆର୍ଥିକ କ୍ଷତି ଅଟେ। ତୁରନ୍ତ ଶୁକ୍ରୁକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୁଏ।



# ଜାତୀୟ ବଧିର ବନ୍ଧୁକଚାଳନା ମୋହିତଙ୍କୁ ରୌପ୍ୟ



**ଭୁବନେଶ୍ୱର**

ପଞ୍ଜାବରେ ମୋହାଲିରେ ଚାଲିଥିବା ତୃତୀୟ ଜାତୀୟ ବଧିର ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡ଼ିଶାର ମୋହିତ ପାଶୱାନ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଏହି ପଦକ ଜିତିଥିଲେ। ତାଙ୍କ ଆଗରେ ତେଲେଙ୍ଗାନାର ଧନୁଶ ଶ୍ରୀକାନ୍ତ ରହି ସ୍ୱର୍ଣ୍ଣ ଜିତିଥିଲା ବେଳେ ପଛରେ ଗୁଜରାଟର ମହମ୍ମଦ ମୁର୍ତାଜା ଭାନିଆ ରହି କାଂସ୍ୟ ପାଇଥିଲେ। ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଚଣ୍ଡିଗଡ଼ର ମାହିତ ସାନ୍ଧୁ ସ୍ୱର୍ଣ୍ଣ, ମହାରାଷ୍ଟ୍ରର ନତାଶା ଯୋଷୀ ରୌପ୍ୟ ଏବଂ ହରିୟାଣାର ଜତିନ୍ଦର କୌର କାଂସ୍ୟ ପଦକ ଜିତିଥିଲେ। ମୋହିତଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବିଶ୍ୱ ବକ୍ସିଂ ଫ୍ୟୁଚର୍ସ କପ୍ : ଭାରତର ୫ ପଦକ ପକ୍କା

**ବ୍ୟାଙ୍କକ୍**

ଭାରତୀୟ ଯୁବ ବକ୍ସିଂ ଦଳ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଫ୍ୟୁଚର୍ସ କପ୍‌ରେ ଚମତ୍କାର ପ୍ରଦର୍ଶନ କରି ୫ ପଦକ ନିଶ୍ଚିତ କରିଛି। ଶୁକ୍ରବାର ଗୁଞ୍ଜନ, ଜୟଶ୍ରୀ ଦେବୀ, ଆମ୍ବେକର ମିତେଇ, ଚନ୍ଦ୍ରିକା ପୂଜାରୀ, ରାଧାମଣି ଲଙ୍ଗଜାମ ନିଜନିଜ କ୍ୱାର୍ଟରଫାଇନାଲ୍ ବାଉଟ୍ ଜିତି ସେମିଫାଇନାଲ୍‌ରେ ପହଞ୍ଚି ଅତି କମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ସକାଳ ଅଧିବେଶନରେ ମହିଳା ୪୮ କିଲୋଗ୍ରାମ୍ ବର୍ଗରେ ଗୁଞ୍ଜନ ୫-୦ରେ ଆଜରବାଇଜାନର ଗୁଲାର ହୁସିନୋଭାଙ୍କୁ ପରାସ୍ତ କରିଥିଲେ। ୫୪ କିଲୋଗ୍ରାମ୍ ବର୍ଗରେ ଜୟଶ୍ରୀ ପ୍ରଥମ ରାଉଣ୍ଡରେ ରେଫରି ଷ୍ଟପ୍‌ଡ କଣ୍ଟେଷ୍ଟ୍ (ଆରଏସ୍‌ସି)ରେ ଜାପାନର ୟୁରା କାନେମାରୁ ହରାଇ ଆଗକୁ ବଢ଼ିଥିଲେ।



ପୁରୁଷ ୫୦ କିଲୋଗ୍ରାମ୍‌ରେ ଆମ୍ବେକର ୪-୧ରେ ଜାପାନର ଆକିରା ଉଇକୁବାଙ୍କୁ ମାତ୍ ଦେଇଥିଲେ। ସଂଧ୍ୟା ଅଧିବେଶନରେ ମହିଳା ୫୧ କିଲୋଗ୍ରାମ ବର୍ଗରେ ଚନ୍ଦ୍ରିକା ଦ୍ୱିତୀୟ ରାଉଣ୍ଡ ଲଢ଼େଇରେ ସ୍ପେନ୍‌ର ଆନ୍ଦ୍ରିଆ ବୁଏଲ୍‌ଗା ଗାର୍ସିଆଙ୍କୁ ଧରାଶାୟୀ କରିଦେଇଥିଲେ। ଫଳରେ ମ୍ୟାଚ୍‌କୁ ସେହିଠାରେ ରେଫରି ବନ୍ଦ କରି ଚନ୍ଦ୍ରିକାଙ୍କୁ ବିଜୟୀ ଘୋଷିତ କରିଥିଲେ। ୫୭ କିଲୋଗ୍ରାମ୍‌ରେ ରାଧାମଣି ୪-୧ରେ ଇଂଲଣ୍ଡର ସିଓଭାନ ହାଲେଙ୍କୁ ମାତ୍ ଦେଇଥିଲେ। ତେବେ ପୁରୁଷ ୬୦ କିଲୋଗ୍ରାମ୍‌ରେ ସାହିଲ ଦୁହାନ ୧-୪ରେ ଫ୍ରାନ୍ସର ଡେଭିଡ ହାରୁତ୍ୟୁନ୍ୟାନଙ୍କଠୁ ହାରି ବିଦାୟ ନେବା ସହ ପଦକରୁ ବଞ୍ଚିତ ହୋଇଛନ୍ତି।

# କଟକ ଜିଲ୍ଲାରେ ୩ ହଜାରରୁ ଅଧିକ କିଡ୍‌ନୀ ଆକ୍ରାନ୍ତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଗତ ତିନି ବର୍ଷରେ ସାରା ରାଜ୍ୟରେ ପ୍ରାୟ ୨୦ ହଜାର କିଡ୍‌ନୀ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ କଟକ ଜିଲ୍ଲା ଓ ସମ୍ବଲପୁର ଜିଲ୍ଲାରୁ ଅଛନ୍ତି ୭ ହଜାର ଆକ୍ରାନ୍ତ ରହିଛନ୍ତି। ଏହି ୭ ହଜାର ଆକ୍ରାନ୍ତଙ୍କ ମଧ୍ୟରେ କ୍ରନିକ୍ କିଡ୍‌ନୀ ଡିଜିଜ୍ (ସିକେଡି)ର ସଂଖ୍ୟା ପ୍ରାୟ ୯୦ ପ୍ରତିଶତ। ବଡ଼ମ୍ବା ଓ ନରସିଂହପୁର ବ୍ଲକ୍ କିଡ୍‌ନୀ ରୋଗର ହଟ୍‌ସ୍ପଟ୍ ପାଲଟିଥିବା ବେଳେ ଏବେ ବାଙ୍କୀ, ଡମପଡ଼ା, ତିଗିରିଆ, ଆଠଗଡ଼ ବ୍ଲକ୍‌ରେ ମଧ୍ୟ କିଡ୍‌ନୀ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ରିପୋର୍ଟ ମୁତାବକ, ଏହି ସବୁ ବ୍ଲକ୍‌ରେ ପ୍ରାୟ ୩ ହଜାରରୁ ଅଧିକ ସକ୍ରିୟ ଆକ୍ରାନ୍ତ ରହିଥିବା ଜଣାପଡ଼ିଛି। ଦିନକୁ ଦିନ ଗୋଟିଏ ପରେ ଗୋଟିଏ ବ୍ଲକ୍‌ରେ କିଡ୍‌ନୀ ରୋଗୀ ଚିହ୍ନଟ ହେବାରେ ଲାଗିଛନ୍ତି। ଏକରକମ ଅଧା କଟକ ଏବେ କିଡ୍‌ନୀ ରୋଗ କବଳକୁ ଗଲାଣି। କଟକର ଗ୍ରାମାଞ୍ଚଳରେ କ୍ରୋନିକ୍ କିଡ୍‌ନୀ ରୋଗ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଦେଖା ଦେଇଛି। କିଛି ବର୍ଷ ତଳେ ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ଏନ୍‌ଭାରମେଣ୍ଟାଲ୍ ରିସର୍ଚ୍ଚ ଆଣ୍ଡ୍ ପବ୍ଲିକ୍ ହେଲ୍‌ଥ୍‌ରେ ଏ ବାବଦରେ ଏକ ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଇଥିଲା। ରିପୋର୍ଟ ଆଧାରରେ, ନରସିଂହପୁରର ୨୪ଟି ଗ୍ରାମକୁ ନମୁନା ଭାବେ ଚୟନ କରାଯାଇଥିଲା। ସେଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସ୍କ୍ରିନିଂ କରାଯାଇଥିବା ୨ହଜାର ୯୭୮ ଲୋକଙ୍କ ମଧ୍ୟରୁ ମୋଟ୍ ୧୪.୩ ପ୍ରତିଶତ ଲୋକଙ୍କ ମଧ୍ୟରେ କିଡ୍‌ନୀ ସମସ୍ୟା ଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ହେଲା, ଏଥିରୁ ୧୦.୮ ପ୍ରତିଶତ ଲୋକଙ୍କ ରୋଗର କାରଣ ଅଜଣା। କେତେକ ଗ୍ରାମରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଲୋକ ପ୍ରଭାବିତ ଥିଲେ। ୨୦୧୦ ପରଠାରୁ କେବଳ ବଡ଼ମ୍ବା ଓ ନରସିଂହପୁରରେ ୨୦ ହଜାରରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏବେ ସୁଦ୍ଧା ମୃତକଙ୍କ ବାସ୍ତବ ରିପୋର୍ଟ ସାମ୍ନାକୁ ଆସିନାହିଁ। ସରକାରୀ ରିପୋର୍ଟ ଅନୁସାରେ, ମୃତକଙ୍କ ସଂଖ୍ୟା ପ୍ରାୟ ୪ଶହ ଭିତରେ। ଅନ୍ୟପକ୍ଷରେ ଗତ କିଛି ବର୍ଷ ଧରି ବାଙ୍କୀ ଓ ଡମପଡ଼ା ବ୍ଲକ୍‌ରେ କିଡ୍‌ନୀ ରୋଗ ଏକ ଚିନ୍ତାଜନକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଚିନ୍ତା ବଢାଇଲାଣି। ଦୁଇ ବ୍ଲକ୍‌ର ବିଭିନ୍ନ ଗାଁ ଯେମିତି କୋଟଗାଁ, ଉଆସପଲ୍ଲୀ, ବୈଦେଶ୍ୱର ପଞ୍ଚାୟତ, କାନ୍ତପହଁରା ଆଦି ଅଞ୍ଚଳ ହଟ୍‌ସ୍ପଟ୍ ପାଲଟିଲାଣି। କୋଟଗାଁରେ ଦୁଇ ବର୍ଷ ମଧ୍ୟରେ କିଡ୍‌ନୀ ରୋଗରେ ୭ ଜଣଙ୍କ ମୃତ୍ୟୁ ହୋଇଛି। କୋଟଗାଁରେ ସାଢେ ଚାରି ଶହ ଲୋକେ ବସବାସ କରୁଥିବା ବେଳେ କିଡ୍‌ନୀ ରୋଗ ଭୟରେ ଅନେକ ଗାଁ ଛାଡ଼ିବାକୁ ବାଧ ହେଉଛନ୍ତି। ଗାଆଁ ବାହାରେ ରହୁଥିବା ଲୋକେ ଗାଁକୁ ଆସିବାକୁ ଡରିଲେଣି। କନ୍ତପହଁରା ଗାଁରେ ଗତ ୫ ବର୍ଷରେ ୨୦ରୁ ଅଧିକ ମୃତ୍ୟୁ ଏବଂ ୩୦ରୁ ଅଧିକ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏହି ସବୁ ବ୍ଲକ୍‌ରେ ପିଇବା ପାଣି କହିଲେ ମୁଖତଃ ଭୂତଳ ଜଳ ବା ଟ୍ୟୁବ୍‌ୱେଲ୍ ପାଣିକୁ ବ୍ୟବହାର କରିଆସୁଛନ୍ତି ଲୋକେ। ଏହି ପାଣିରେ ଆର୍ସେନିକ୍, କ୍ୟାଡ୍‌ମିୟମ୍, ଲେଡ୍ ସହିତ ଫ୍ଲୋରାଇଡ୍ ଆଦି ଥାଇପାରେ ବୋଲି କୁହାଯାଉଛି। ଏମିତିକି ଖାଦ୍ୟଶସ୍ୟରେ ଧାତବ ପଦାର୍ଥ ମଧ୍ୟ ଅତୀତରେ ଚିହ୍ନଟ କରାଯାଇଛି। ତେଣୁ ପିଇବା ପାଣି ସମସ୍ୟା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଲାଣି। ପିଇବା ପାଣି ବ୍ୟବସ୍ଥା ସୁଧାରିବାକୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ କାମ ଚାଲିଛି। କିଡ୍‌ନୀ ସମସ୍ୟା ମୂଳତଃ ପିଇବା ପାଣିରୁ ହେଉଥିବା ବେଳେ ଉଭୟ ବଡ଼ମ୍ବା, ନରସିଂହପୁର, ବାଙ୍କୀ ଓ ଡମପଡ଼ା ବ୍ଲକ୍‌ରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସରିବା ନାଁ ଧରୁନି। ଏବେ ସୁଦ୍ଧା ମାତ୍ର ୭୦ ଭାଗ କାମ ସରିଛି। କଟକ ଜିଲ୍ଲାରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ଏବେ ଯାଏ ଏହି ରୋଗରେ କେତେ ଆକ୍ରାନ୍ତ ଓ କେତେ ମୃତ୍ୟୁ ହେଲାଣି ସେ ବାବଦରେ ପ୍ରଶାସନ ତରଫରୁ କୌଣସି ରିପୋର୍ଟ ସାର୍ବଜନୀନ କରାଯାଉନାହିଁ। ଗ୍ରାମାଞ୍ଚଳରେ ଏମିତି ଅନେକ ଆକ୍ରାନ୍ତଙ୍କ ମୃତ୍ୟୁ ହେଉଥିବା ବେଳେ ଅନେକ ହସ୍‌ପିଟାଲକୁ ମଧ୍ୟ ନ ଯାଇ ଘରେ ପଡ଼ିରହୁଛନ୍ତି। ଡାଇଲିସିସ୍ ପାଇଁ ନରସିଂହପୁରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ୧୩ଟି ମେସିନ୍ ସ୍ଥାପନ କରାଯାଇ ଥିବା ବେଳେ ଏଥିରୁ କିଛି ଖରାପ ମଧ୍ୟ ହୋଇ ସାରିଲାଣି। ଏଭଳି ସ୍ଥିତିରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ସ୍ଥିତିରେ କିଛି ସୁଧାର ଆସିବ ବୋଲି ଆଶା କରାଯାଉଛି।

# 'ସାମ୍ବାଦିକମାନେ ସତ୍ୟ ସମ୍ବାଦ ପରିବେଷଣରେ ନିର୍ଭୀକ ହୁଅନ୍ତୁ'



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ପ୍ରେସ କ୍ଲବର ୨୩ତମ ବାର୍ଷିକଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଜାରକା ଷ୍ଟାର୍ଡ଼ଅମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ବଡ଼ଚଣା ବିଧାୟକ ଅମରକୁମାର ନାୟକ ଉଦ୍‌ଘାଟନ କରିଥିଲା ବେଳେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସମାଜ ସେବିକା ଋତୁପର୍ଣ୍ଣା ମହାନ୍ତି, ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଯୋଗଦେଇ ସାମ୍ବାଦିକମାନେ ନିର୍ଭିକ ହୁଅନ୍ତୁ। ଧର୍ମଶାଳା ଅଞ୍ଚଳର ଥିବା ବୌଦ୍ଧ କୀର୍ତ୍ତିରାଜି ଲାଙ୍ଗୁଡ଼ି, ତରାପୁର, ରାଧାନଗର, ଦେଉଳି, କାଏମା ଅଞ୍ଚଳର ବିକାଶ ପାଇଁ ପ୍ରଚାରପ୍ରସାର କରନ୍ତୁ। ଏଅଞ୍ଚଳ ପର୍ଯ୍ୟଟନ କ୍ଷେତ୍ରହେଉ। ପ୍ରେସ୍‌କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କାର୍ଯ୍ୟକାରୀ ସଭାପତି ଅଖିଳକୁମାର ସ୍ୱାଇଁ ଅତିଥିପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅବିନେଶ୍ୱର ଶତପଥି ବିବରଣୀ ପାଠ କରିଥିଲେ। ଅତିଥି ପ୍ରେସ କ୍ଲବର ମୁଖପତ୍ର ପ୍ରହରୀକୁ ଉନ୍ମୋଚନ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ ନରହରି ମହାନ୍ତି ସ୍ମୃତିସମ୍ମାନ, କବି ରାଜକିଶୋର ପାଢ଼ୀଙ୍କୁ ସାରସ୍ୱତ ସାଧକ, ଅବସରପ୍ରାପ୍ତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ଶତପଥିଙ୍କୁ ସେବା ସମ୍ମାନ, କଳାସାହିତ୍ୟ କ୍ଷେତ୍ରରେ ପ୍ରଭୁ ଦୟାନାଥ ସାହୁ, କୃତିଛାତ୍ରୀ ପ୍ରତୀକ୍ଷା ରାଉତଙ୍କୁ ଉପକୌଢ଼ନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ ଗୁଲାମଗସ, ସୀତାକାନ୍ତ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମାନସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଧର୍ମଶାଳା ଓ ଯାଜପୁର ଜିଲ୍ଲାର ବହୁ ସାମ୍ବାଦିକ ଓ ବୁଦ୍ଧିଜୀବି ଯୋଗ ଦେଇଥିଲେ।

ଭୁବନେଶ୍ୱର,
୧୪ମାର୍ଚ୍ଚ, ଶନିବାର,
୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ସହିଦନଗର ସାଂସ୍କୃତିକ ସମିତି ପକ୍ଷରୁ ବିଷ୍ଣୁମନ୍ଦିର ପରିସରରେ ଆୟୋଜିତ ଦଶଦୋଳ ମେଳଣର ଷଷ୍ଠଦଶ ବାର୍ଷିକୀ ସମାରୋହ ଅବସରରେ ବିଭିନ୍ନ ସ୍ଥାନରୁ ଆସୁଥିବା ଦୋଳ ବିମାନଗୁଡ଼ିକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଯାଉଛି।

# ଆତ୍ମସମର୍ପଣ କରିବ ତେହେରାନ ବୋଲି ଟ୍ରମ୍ପଙ୍କ ଦାବି

# ପାଲଟା ଜବାବରେ ଇରାନର 'ଅପରେସନ୍ ଟ୍ରୁ ପ୍ରମିଜ୍-୪'

**ୱାଶିଂଟନ/ତେହେରାନ, ୧୩।୩**

ପଶ୍ଚିମ ଏସିଆରେ ଯୁଦ୍ଧ ଏବେ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ ସଦସ୍ୟ ଦେଶଗୁଡ଼ିକୁ ସୂଚନା ଦେଇଛନ୍ତି ଯେ, ଇରାନ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଏକ ଫୋନ କଲ୍ ଜରିଆରେ ଟ୍ରମ୍ପ ନିଜର ଆତ୍ମବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ଇରାନର ସାମରିକ ଶକ୍ତି ପ୍ରାୟତଃ ଶେଷ ହୋଇଯାଇଛି।



ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ପୋଷ୍ଟ କରି ଟ୍ରମ୍ପ ଇରାନକୁ କଠୋର ଚେତାବନୀ ଦେଇଛନ୍ତି। ସେ ଲେଖିଛନ୍ତି, 'ଆମେ ଇରାନର ଶାସନକୁ ସାମରିକ ଓ ଆର୍ଥିକ ସବୁ ସ୍ତରରେ ଧ୍ୱଂସ କରିଦେଇଛୁ। ସେମାନଙ୍କ ନୌସେନା ଓ ବାୟୁସେନା ଏବେ ଅସ୍ତିତ୍ୱହୀନ। ସେମାନଙ୍କ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ନଷ୍ଟ ହୋଇଯାଇଛି।' ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ସେ ଦୀର୍ଘ ୪୭ ବର୍ଷର ଆତଙ୍କବାଦୀ କାର୍ଯ୍ୟକଳାପର ଅନ୍ତ ଘଟାଉଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଟ୍ରମ୍ପଙ୍କ ଦାବିର କିଛି ସମୟ ପୂର୍ବରୁ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନି ନିଜ ଦେଶର ନାଗରିକଙ୍କୁ ଆମେରିକା ଓ ଇସ୍ରାଏଲ ବିରୁଦ୍ଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ୍ (ଆଇଆରଜିସି) ପକ୍ଷରୁ 'ଅପରେସନ୍ ଟ୍ରୁ ପ୍ରମିଜ୍-୪'ର ୪୪ତମ ପର୍ଯ୍ୟାୟ ଆରମ୍ଭ କରାଯାଇଛି। ଇରାନ ଏହି ଅଭିଯାନରେ ଏକ ଟନ୍ ଓଜନର ଯୁଦ୍ଧାସ୍ତ୍ର ବହନ କରିପାରୁଥିବା କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ସାମରିକ ଘାଟି, ତେଲ ଅଭିଭ, ଏଲାତ ଓ ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟିକୁ ଇରାନ ଟାର୍ଗେଟ କରିଛି।

ସିଏନଏନର ଏକ ରିପୋର୍ଟ ଅନୁଯାୟୀ, ଇରାନ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ ପ୍ରଣାଳୀ' ବନ୍ଦ କରିବାର ସମ୍ଭାବନାକୁ ଟ୍ରମ୍ପ ପ୍ରଶାସନ ହେୟଜ୍ଞାନ କରିଥିଲା। ଯଦିଓ ପେଣ୍ଟାଗନ ଏପରି ପରିସ୍ଥିତି ପାଇଁ ଯୋଜନା କରିଥିଲା, କିନ୍ତୁ ଯୁଦ୍ଧ ଏତେ ଦିନ ଧରି ଚାଲିବ ଏବଂ ଏହାର ଆର୍ଥିକ ବୋଝ ଏତେ ହେବ, ତାହା ପ୍ରଶାସନ ଆକଳନ କରିନଥିଲା। ଯୁଦ୍ଧ ଶୁକ୍ରବାର ୧୩ତମ ଦିନରେ ପ୍ରବେଶ କରିଥିଲେ ହେଁ, କୌଣସି ପକ୍ଷ ପଛଘୁଞ୍ଚା ଦେବାକୁ ପ୍ରସ୍ତୁତ ନାହାନ୍ତି। ସାରା ବିଶ୍ୱ ଏବେ ଏହି ସଂଘର୍ଷର ପରିଣାମକୁ ନେଇ ଆଶଙ୍କାରେ ରହିଛି।

# ହୋଟେଲ ଓ ରେଷ୍ଟୁରାଣ୍ଟ ପାଇଁ ୨୦% କୋଟା ଘୋଷଣା କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୧୩।୩**

ଇରାନ ଓ ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ଯୁଦ୍ଧର ପ୍ରଭାବ ଏବେ ଭାରତର ରୋଷେଇ ଶାଳରେ ଅନୁଭୂତ ହେଉଛି। ଦେଶବ୍ୟାପୀ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ଘୋର ଅଭାବ ଦେଖାଦେଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପକୁ ସଙ୍କଟରୁ ରକ୍ଷା କରିବା ପାଇଁ ସରକାର ୨୦ ପ୍ରତିଶତ ସ୍ୱତନ୍ତ୍ର କୋଟା ଘୋଷଣା କରିଛନ୍ତି।



ଯୁଦ୍ଧ ଯୋଗୁଁ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବାରୁ ଦେଶର ଅନେକ ସ୍ଥାନରେ ରେଷ୍ଟୁରାଣ୍ଟଗୁଡ଼ିକ ବନ୍ଦ ହେବା ସ୍ଥିତିକୁ ଚାଲିଆସିଥିଲା। ଗ୍ୟାସ ଅଭାବରୁ ଅନେକ ହୋଟେଲ ମାଲିକ ନିଜର 'ମେନୁ' ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ। ଏହି ଗମ୍ଭୀର ପରିସ୍ଥିତିକୁ ନେଇ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ଜରୁରୀକାଳୀନ ବୈଠକ କରିଥିଲେ। ପର୍ଯ୍ୟଟନ ଓ ଖାଦ୍ୟ ବ୍ୟବସାୟ ଉପରେ ଏହାର ପ୍ରଭାବକୁ ସମୀକ୍ଷା କରିବା ପରେ ସରକାର ଏହି ଆଶ୍ୱସ୍ତିକର ପଦକ୍ଷେପ ଗ୍ରହଣ କରିଛନ୍ତି।

କେବଳ ପଞ୍ଜିକୃତ ବାଣିଜ୍ୟିକ ସିଲିଣ୍ଡର ସଂଯୋଗ ଥିବା ଗ୍ରାହକମାନେ ଏହି ସୁବିଧା ପାଇପାରିବେ। ବାଣିଜ୍ୟିକ ଗ୍ରାହକମାନେ ସେମାନଙ୍କର ମୋଟ ଚାହିଦାର ୨୦% ପର୍ଯ୍ୟନ୍ତ ଗ୍ୟାସ୍ ଯୋଗାଣ ପାଇବେ। ତିନୋଟି ପ୍ରମୁଖ ତୈଳ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ରାଜ୍ୟ ସରକାର ମିଳିତ ଭାବେ ସ୍ଥିର କରିବେ କେଉଁ କ୍ଷେତ୍ରକୁ ପ୍ରାଥମିକତା ଭିତ୍ତିରେ ଏହି ଯୋଗାଣ ଦିଆଯିବ।

ଇରାନ-ଇସ୍ରାଏଲ ସଂଘର୍ଷ ଯୋଗୁଁ ଅଶୋଧିତ ତୈଳ ଓ ଗ୍ୟାସ୍ ଆମଦାନୀ ବାଧାପ୍ରାପ୍ତ ହୋଇଛି। ଏହି ବିଶ୍ୱସ୍ତରୀୟ ସଙ୍କଟ କାରଣରୁ ଭାରତୀୟ ବଜାରରେ ବାଣିଜ୍ୟିକ ସିଲିଣ୍ଡରର ଅଭାବ ଦେଖାଦେଇଥିଲା। ସରକାରଙ୍କ ଏହି ୨୦ ପ୍ରତିଶତ କୋଟା ବ୍ୟବସ୍ଥା ଦ୍ୱାରା ବଜାରରେ କୃତ୍ରିମ ଅଭାବ ଦୂର ହେବା ସହ ହୋଟେଲ ବ୍ୟବସାୟୀମାନେ ପୁଣି ସ୍ୱାଭାବିକ କାର୍ଯ୍ୟକ୍ଷମ ହୋଇପାରିବେ ବୋଲି ଆଶା କରାଯାଉଛି।

# ପୋଖରୀରେ ବୁଡ଼ି ଦୁଇ ସାଙ୍ଗ ମୃତ

**ବାସୁଦେବପୁର, ୧୩।୩**
**ନ୍ୟୁଜ୍‌ବ୍ୟୁରୋ**

ବାସୁଦେବପୁର ବ୍ଲକ ଅରଣ୍ଡୁଆ ମଲିକ ସାହିରେ ଘଟିଛି ଅଘଟଣ। ପୋଖରୀରେ ବୁଡ଼ି ଚାଲିଗଲା ଦୁଇ ଶିଶୁ କନ୍ୟାଙ୍କ ଜୀବନ। ମୃତ ଶିଶୁକନ୍ୟା ଦ୍ୱୟ ହେଲେ ଅରଣ୍ଡୁଆ ମଲ୍ଲିକସାହି ଗ୍ରାମର ସତ୍ୟବ୍ରତ ବାରିକଙ୍କ ୧୦ ବର୍ଷର ଝିଅ ତପଦୀପା ଓ ବିଜୟ ବାରିକଙ୍କ ଝିଅ ଅନ୍ନପୂର୍ଣ୍ଣା। ଶୁକ୍ରବାର ସକାଳେ ଚାରି ପାଞ୍ଚ ଜଣ ସାଙ୍ଗ ହୋଇ ନିକଟସ୍ଥ ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ। ସେଠାରେ ପୋଖରୀ ନିକଟରେ ଶାମୁକା ଖୋଜିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ବଶତଃ ପୋଖରୀରେ ପ୍ରଥମେ ତପଦୀପା ପଡ଼ି ଯାଇଥିଲେ। ଫଳରେ ପାଖରେ ଥିବା ଅନ୍ନପୂର୍ଣ୍ଣା ତାକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ପଡ଼ି ଯାଇଥିଲା।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ୧୬ ଗ୍ରାମ୍ ବ୍ରାଉନସୁଗାର ଜବତ : ୩ ଗିରଫ

**ବରଗଡ଼, ୧୩।୩:ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ସହରକୁ ଚୋରା ଚାଲାଣ ହେଉଥିବା ବ୍ରାଉନସୁଗାର ଗ୍ୟାଙ୍ଗକୁ ଧରିଲା ଟାଉନ ଥାନା ପୋଲିସ। ବରଗଡ଼ ସହର ବ୍ରହ୍ମଚାରୀ-କଟାପାଲି ରାସ୍ତାରେ ବେଆଇନ ଭାବେ ବ୍ରାଉନସୁଗାର କାରବାର ଚାଲିଥିବା ବେଳେ ପୋଲିସ ଟିମ ମାଡ଼ି ବସିଥିଲା। ଘଟଣା ସ୍ଥଳରୁ ତିନି ଜଣ ଯୁବକଙ୍କ ପାଖରୁ ୩ ଲକ୍ଷ ଟଙ୍କାର ୧୬ ଗ୍ରାମ୍ ବ୍ରାଉନସୁଗାର, ଦୁଇଟି ମୋବାଇଲ, ୨୨୫୦ଟଙ୍କା ଜବତ କରିଥିଲା ଟାଉନ ଥାନା ପୋଲିସ। ବ୍ରାଉନସୁଗାର କାରବାର ଘଟଣାରେ ପୋଲିସ ବରଗଡ଼ ସହରର ରାଜୁ ତାଣ୍ଡୀ, ଗୋପୀ ମହାନନ୍ଦ, ଶ୍ରବଣ କୁମ୍ଭାରକୁ ଗିରଫ କରିଛି। ଏନେଇ ଟାଉନ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି।

## ।।। ସିସୋର ଚିଟ୍‌ଫଣ୍ଡ ମାମଲା ।।।

# ୧୭ଟି ଦଲିଲ ଉପରେ ଜବାବ ରଖିବାକୁ ସିବିଆଇକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୩।୩:ନ୍ୟୁଜ୍‌ବ୍ୟୁରୋ**

ସିସୋର ଚିଟ୍‌ଫଣ୍ଡ ମାମଲାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ୧୭ଟି ଦସ୍ତାବିଜ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବି.ପି ରାଉତରାୟ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩କୁ ଧାର୍ଯ୍ୟ କରାଯାଇଛି। ଶୁଣାଣି ବେଳେ ଆବେଦନକାରୀ ରବୀନ୍ଦ୍ର କୁମାର ଜେନାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ତାଙ୍କ ଆବେଦନର ୫୮ ନମ୍ବର ଅନୁଚ୍ଛେଦରେ ଉଲ୍ଲେଖ ଥିବା ୧୭ଟି



ଗୁରୁତ୍ୱପୂର୍ଣ୍ଣ ଦଲିଲ ତାଙ୍କୁ ପ୍ରଦାନ କରାଯାଇନାହିଁ। ଏପରିକି ତଦନ୍ତ ସମୟରେ ଏହି ଦଲିଲଗୁଡ଼ିକ ସଂଗ୍ରହ କରାଯାଇଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବା ସେ ଅଭିଯୋଗ କରିଥିଲେ। ଅନ୍ୟପଟେ ସିବିଆଇ ପକ୍ଷରୁ ଆଇନଜୀବୀ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଅଦାଲତ ସିବିଆଇକୁ ପିଟିସନର ପାରା-୫୮ରେ ଦର୍ଶାଯାଇଥିବା ସମସ୍ତ ୧୭ଟି ଦଲିଲ ସମ୍ପର୍କରେ ଏକ ତାଲିକାବଦ୍ଧ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଚିଟ୍‌ଫଣ୍ଡ ସଂସ୍ଥା ସିସୋର ଗ୍ରୁପ୍ ସହ ଶ୍ରୀ ଜେନାଙ୍କ ଆର୍ଥିକ କାରବାର ନେଇ ଅଭିଯୋଗ ହୋଇଥିଲା। ୨୦୧୧-୧୨ରେ ସିସୋରଠାରୁ ସେ ୧ କୋଟି ୭୫ ଲକ୍ଷ ଟଙ୍କା ଋଣ ନେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସିବିଆଇ ଘଣ୍ଟାଚକଟା କରିଥିଲା। ସିବିଆଇ ଏକାଧିକ ଥର ନୋଟିସ୍ କରିଥିଲା। ଏହି ନୋଟିସ୍‌କୁ ଚାଲେଞ୍ଜ କରି ଶ୍ରୀ ଜେନା ପ୍ରଥମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲା ଶୁଣାଣି କରି ଶ୍ରୀ ଜେନାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ତେବେ ସିବିଆଇ ଜାଣିଶୁଣି ତାଙ୍କୁ ମାନସିକ ନିର୍ଯାତନା ଦେବା ପାଇଁ ଏଭଳି ନୋଟିସ୍ କରୁଥିବା ଦର୍ଶାଇ ପୁନର୍ବାର ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ଦାୟର କରି ନୋଟିସ୍ ଜାରି ବନ୍ଦ କରିବାକୁ ପ୍ରାର୍ଥନା କରିଥିଲେ।

## ପେଟ୍ରୋଲିୟମ ମନ୍ତ୍ରଣାଳୟ ଯୁଗ୍ମ ସଚିବଙ୍କ ତାଗିଦ୍

# ପେଟ୍ରୋଲ୍ ଏବଂ ଗ୍ୟାସ କଳାବଜାର କରୁଥିଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୧୩।୩**

ଏଣିକି ପେଟ୍ରୋଲ୍ ଏବଂ ଗ୍ୟାସ କଳାବଜାର କରୁଥିଲେ ହୋଇଯାନ୍ତୁ ସାବଧାନ। ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ। କଳାବଜାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି ପେଟ୍ରୋଲିୟମ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା। କଳାବଜାର କିମ୍ବା ବେଆଇନ ଭାବେ ଗଚ୍ଛିତ ରଖିଥିବା ଖବର ମିଳିଲେ କଡ଼ା ଆକ୍ସନ ନିଆଯବ। ଏନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି କଳାବଜାର ହେଉଥିବା ଖବର ମିଳିବ ସେଠାରେ



ଚଡ଼ଉ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ ବାକି ଯେଉଁ ରାଜ୍ୟରେ କଳାବଜାର ଖବର ଆସିବ ସେଠାରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଅନ୍ୟପକ୍ଷେ ଯୁଗ୍ମ ସଚିବ କହିଛନ୍ତି, ଏବେ ଦୈନିକ ୭୫ ଲକ୍ଷ ଗ୍ୟାସ ବୁକିଂ ହେଉଛି, ପୂର୍ବରୁ ୫୦ ଲକ୍ଷ ହେଉଥିଲା। ତେବେ ଦେଶରେ ତେଲ ଓ ଗ୍ୟାସର କୌଣସି ଅଭାବ ନାହିଁ। ସୋସିଆଲ ମିଡିଆରେ ହେଉଥିବା କୌଣସି ଗୁଜବ ଉପରେ ଆଦୌ ବିଶ୍ୱାସ କରନ୍ତୁ ନାହିଁ ବୋଲି ଯୁଗ୍ମ ସଚିବ କହିଛନ୍ତି। ବିଶୋଧନାଗାର ଗୁଡ଼ିକରେ ଅଶୋଧିତ ତୈଳ ପର୍ଯ୍ୟାପ୍ତ ପରିମାଣରେ ରହିଛି ବୋଲି ଯୁଗ୍ମ ସଚିବ ଶ୍ରୀମତୀ ଶର୍ମା କହିଛନ୍ତି।

# ବଡ଼ ଭାଇ ଏବଂ ମା'ଙ୍କୁ ହତ୍ୟାକଲା ସାନ ଭାଇ

**ନିଶ୍ଚିନ୍ତକୋଇଲି, ୧୩।୩**
**ନ୍ୟୁଜ୍‌ବ୍ୟୁରୋ**

ସାନ ଭାଇର ମରଣାନ୍ତକ ଆକ୍ରମଣରେ ବଡ଼ ଭାଇ ଓ ବୃଦ୍ଧା ମା'ଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି କଟକ ଜିଲ୍ଲା ସାଲେପୁର ଥାନା ଫୋଗଳ ଗାଁରେ। ଜମିବାଡ଼ି ବିବାଦରୁ ଏଭଳି କରୁଣ ପରିଣତି ହୋଇଛି। ଜାଗାବାଡ଼ିକୁ କେନ୍ଦ୍ର କରି ଝଗଡ଼ାରୁ ସାନ ଭାଇ ବଡ଼ ଭାଇ ଓ ମା'କୁ ହତ୍ୟା କରିଥିବା ମୃତ ବଡ଼ ଭାଇର ପୁଅ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ଦୁଇ ଜଣ ହେଲେ ସେକ ସମସେର ଓ କୁଲସୁନ ବିବି। ଅଭିଯୁକ୍ତ ସାନ ଭାଇ ନାଁ ହେଉଛି ସେକ ପପୁ। ସେକ ପପୁ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଏବଂ ଫାଉଡାରେ ତାଙ୍କ ବାପା ଓ ଜେଜେମାଙ୍କୁ ହତ୍ୟା କରିଥିବା ଅଭିଯୋଗ କରି ମୃତକର ପୁଅ କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଆରମ୍ଭ ହୋଇଥିବା ସାଲେପୁର ଥାନା ଆଇଆଇସି କହିଛନ୍ତି।

# ବିନା କାରଣରେ ସମ୍ପୂର୍ଣ୍ଣ ବ୍ୟବସାୟିକ ଆକାଉଣ୍ଟ ସିଜ୍ କରିପାରିବନି ପୋଲିସ : ହାଇକୋର୍ଟ

**କଟକ, ୧୩।୩**
**ନ୍ୟୁଜ୍‌ବ୍ୟୁରୋ**

ସକ୍ରିୟ ବ୍ୟବସାୟ ଅନୁଷ୍ଠାନର ସମ୍ପୂର୍ଣ୍ଣ ପାଣ୍ଠିକୁ ସିଜ୍ କରିପାରିବନି ପୋଲିସ୍। ଏକ ମାମଲାର ଶୁଣାଣି କରିବା ମସୟରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ହାଇକୋର୍ଟ। ଅପରାଧିକ ତଦନ୍ତ ସମୟରେ ପୋଲିସ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିପାରିବ, କିନ୍ତୁ ବିନା କୌଣସି ନିର୍ଦ୍ଦିଷ୍ଟ କାରଣ ବା ଆଧାରରେ ଜଣେ ବ୍ୟବସାୟୀଙ୍କ ସମ୍ପୂର୍ଣ୍ଣ ଆକାଉଣ୍ଟ ବନ୍ଦ କରିବା ଅନୁଚିତ।

ଗଜପତି ଜିଲ୍ଲାର ଜଣେ ଏଲପିଜି ବିତରକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଏସ.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଅଭିଯୋଗକାରୀ ଏବଂ ଜଣେ ନିର୍ଦ୍ଦୋଷ ଆକାଉଣ୍ଟଧାରୀଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ସମ୍ପୂର୍ଣ୍ଣ ଆକାଉଣ୍ଟ ଫ୍ରିଜ୍ କରିବା ଦ୍ୱାରା ବ୍ୟବସାୟରେ ଅଯଥା ବାଧା ସୃଷ୍ଟି ହେଉଛି।

ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୦୬ ଅନୁଯାୟୀ ପୋଲିସର ଆକାଉଣ୍ଟ ଫ୍ରିଜ୍ କରିବା କ୍ଷମତା ବେଆଇନ ନୁହେଁ, କିନ୍ତୁ ସନ୍ଦେହଜନକ ଟଙ୍କାର ପରିମାଣ ଚିହ୍ନଟ ନକରି ପୂରା ଚଳନ୍ତି ଖାତା ବନ୍ଦ କରିବା "ଅସଙ୍ଗତ"। ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ସମ୍ବନ୍ଧୀୟ ବିବାଦ ବଢୁଥିବାରୁ, ଏଥିପାଇଁ ଏକ ଜାତୀୟ ନୀତି ଏବଂ ଏସଓପି ପ୍ରସ୍ତୁତ କରିବାକୁ କୋର୍ଟ ଗୃହ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛନ୍ତି।

କେରଳର ତିରୁଅନନ୍ତପୁରମ ସାଇବର ପୋଲିସର ଏକ ଇମେଲ୍ ଆଧାରରେ ପାରଳାଖେମୁଣ୍ଡି ସ୍ଥିତ ଏହି ବ୍ୟବସାୟୀଙ୍କ ଆକାଉଣ୍ଟକୁ ସେପ୍ଟେମ୍ବର ୨, ୨୦୨୫ରେ ଫ୍ରିଜ୍ କରାଯାଇ ଥିଲା। ଏହାକୁ ଚ୍ୟାଲେଞ୍ଜ କରି ବ୍ୟବସାୟୀ ଜଣକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସାଇବର ପୋଲିସକୁ ଦୁଇ ସପ୍ତାହ ମଧ୍ୟରେ ସନ୍ଦେହଜନକ ଅର୍ଥରାଶି ଚିହ୍ନଟ କରିବାକୁ କହିଛନ୍ତି ଏବଂ କେବଳ ସେତିକି ଟଙ୍କା ଅଟକ ରଖି ବାକି ଅର୍ଥ ବ୍ୟବସାୟ ପାଇଁ ଛାଡ଼ କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଦିବାସୀ ନାବାଳିକାକୁ ଅସଦାଚରଣ ଘଟଣା : ୯ ଆହତ, ୪ ଗୁରୁତର

**ରାଇରଙ୍ଗପୁର, ୧୩।୩**
**ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅଞ୍ଚଳରେ ଜଣେ ସଂଖ୍ୟା ଲଘୁ ସମ୍ପ୍ରଦାୟର ଯୁବକର ଉନ୍ମତ୍ତକାଣ୍ଡ। ରାସ୍ତା ମଝିରେ ଆଦିବାସୀ ନାବାଳିକାକୁ କଲା ଅସଦାଚାରଣ। ପୀଡ଼ିତାଙ୍କ ଗ୍ରାମବାସୀ ଯୁବକର ଘର ସାମ୍ନାରେ କଲେ ଲଙ୍କାକାଣ୍ଡ। ନାବାଳିକାକୁ ନ୍ୟାୟ ଦାବିରେ ପୀଡ଼ିତାଙ୍କୁ ଧରି ଅଭିଯୁକ୍ତଙ୍କ ଗ୍ରାମରେ ଶତାଧିକ ଗ୍ରାମବାସୀ ଜଗିବସିଥିଲେ ରାତିସାରା। ଘଟଣା ଘଟାଇଥିବା ଯୁବକ ଜଣକ ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ଅନ୍ତର୍ଗତ ବିଂଝୁଆ ଗ୍ରାମର।



ଘଟଣାକୁ ନେଇ ଗ୍ରାମରେ ତିରିଂ ଥାନା ପୁଲିସ, ଝରାଡିହି ଫାଣ୍ଡି ପୁଲିସ ଓ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିଥିବା ଦେଖିବାକୁ ମିଳିଛି। ପୁଲିସ ଗ୍ରାମବାସୀଙ୍କ କଥା ନମାନିବାରୁ ଶତାଧିକ ଗ୍ରାମବାସୀ ପୀଡ଼ିତାଙ୍କୁ ୭କି.ମି ଖଟରେ ବୋହି ଚିକିତ୍ସା ପାଇଁ ବହଳଦା ଡାକ୍ତରଖାନାକୁ ନେଇଯିବାର ଦୃଶ୍ୟ ସାମ୍ନାକୁ ଆସିଛି। ତେବେ ଗ୍ରାମବାସୀଙ୍କ ଗୋଟିଏ ଜିଦ୍ ଅଭିଯୁକ୍ତ ଯୁବକ ଜଣକ ଗ୍ରାମବାସୀଙ୍କ ସମ୍ମୁଖରେ ଆସି କ୍ଷମା ପ୍ରାର୍ଥନା କରୁ। ଶେଷରେ ଗ୍ରାମବାସୀ ପୀଡ଼ିତାଙ୍କୁ ଚିକିତ୍ସାଳୟକୁ ନ ନେଇ ବହଳଦା ମୁର୍ମୁ ଛକକୁ ନେଇ ରାଞ୍ଚି-ବିଜୟୱାଡ଼ା ୨୨୦ ନଂ ଜାତୀୟ ରାଜପଥ ଅବରୋଧ କରିଥିବା ବେଳେ ସାଧାରଣ ପଥଚାରୀ, ଯାନବାହାନ ଚଳାଚଳରେ ବିଶେଷ ପ୍ରଭାବ ପଡ଼ିଛି।

ତେବେ ଆଇନ୍ ଶୃଙ୍ଖଳା ସମ୍ଭାଳିବାରେ ରାଇରଙ୍ଗପୁର ଜିଲ୍ଲା ପୁଲିସ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ଅବରୋଧ ସମୟରେ ବୁଝାମଣା କରିବାକୁ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ତିରିଙ୍ଗ ଥାନାଧିକାରୀ ପ୍ରଶାନ୍ତ ଜେନା, ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନ, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ବାଦାମପାହାଡ଼ ଥାନା ଅଧିକାରୀ କେ.କେ ହେମ୍ବ୍ରମ୍ ଏବଂ ବାରିପଦାରୁ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଆସିଥିବା ସତ୍ତ୍ୱେ ଶୃଙ୍ଖଳା ଅଣାୟତ୍ତରେ ରହିଛି। ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ ରହିଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

# ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷାକର୍ମୀ-ମାଓବାଦୀ ଗୁଳି ବିନିମୟ

**ରାଉରକେଲା, ୧୩।୩**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଗୁରୁବାର ରାତିରେ ମାଓବାଦୀମାନେ ଓଡ଼ିଶା ସୀମାନ୍ତ ଅଖେଇଶିଳା ଆଡ଼କୁ ଆସୁଥିବା ସୂଚନା ମିଳିବା ପରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡର ସିଆରପିଏଫ୍, ଜାଗୁଆର, ଡିଭିଏଫ୍ ପକ୍ଷରୁ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ। ଶୁକ୍ରବାର ଅପରାହ୍ନରେ ଝାଡ଼ଖଣ୍ଡର ଯବାନମାନେ ଯାଉଥିବା ବେଳେ ଲୁଚି ରହିଥିବା ମାଓବାଦୀମାନେ ହଠାତ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଗୁଳି ଚଳାଇ ଥିଲେ। ପ୍ରାୟ ଅଧ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି।